• Vol.- 45, Issue No. 37
• Thursday, 8 May 2025
• ଗୁରୁବାର, ୮ ମଇ ୨୦୨୫
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ଆତଙ୍କୀଙ୍କୁ ଦିଆଗଲା ରକ୍ତର ଜବାବ

- ଐତିହାସିକ: ଭାରତୀୟ ସେନାର ଅପରେସନ ସିନ୍ଦୂର
- ୨୫ ମିନିଟ୍‌ରେ ୨୪ କ୍ଷେପଣାସ୍ତ୍ର ମାଡ଼
- ୯ ଆତଙ୍କବାଦୀ ଆଡ୍ଡା ଧ୍ୱଂସ

ନୂଆଦିଲ୍ଲୀ,୭।୫: ପହଲଗାମ ଆତଙ୍କୀ ଆକ୍ରମଣର ପ୍ରତିଶୋଧ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ବିହାରରେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ,ଯାହା ଦେଶବାସୀଙ୍କ ମଧ୍ୟରେ ଭରସା ତଥା ବିଶ୍ୱାସ ଜନ୍ମାଇଥିଲା। ଅପରେସନ ସିନ୍ଦୂର ଜରିଆରେ ଭାରତୀୟ ସେନା ତାହାର ପ୍ରତିଶୋଧ ନେଇଛନ୍ତି। ମଙ୍ଗଳବାର ରାତି ୧.୦୫ ରୁ ୧.୨୫ ମିନିଟ୍ ଏପରି ୨୫ ମିନିଟ ମଧ୍ୟରେ ୨୪ଟି



କ୍ଷେପଣାସ୍ତ୍ର ପାକିସ୍ତାନ ଏବଂ ମୁରିଦକେ ଓ ବାହବଲପୁର ସମେତ ପାକ୍ ଅଧିକୃତ ଅଞ୍ଚଳର ୯ ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ସେନା ଆକ୍ରମଣ କରିଥିଲା। ଏଥିରେ ଲସ୍କର-ଇ-ତୋଇବା(ଏଲଇଟି) ଓ ଜୈଶ-ଇ-ମହମ୍ମଦ(ଜେଇଏମ)। ଆକ୍ରମଣରେ ୭୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିବା ବେଳେ ୬୦ରୁ ଅଧିକ ଆହତ ହୋଇଛନ୍ତି। ଜୈଶର ମୁଖ୍ୟ ମୌଲନା ମାସୁଦ ଆଜହରର ଦାବି ଅନୁଯାୟୀ ତା' ପରିବାରର ୪ ଜଣ ଓ ୪ ଜଣ ସହାୟକ ସମେତ ମୋଟି ୧୦ ଜଣଙ୍କ ଏହି ଆକ୍ରମଣରେ ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ ଯେ ଜାମ୍ମୁ-କାଶ୍ମୀର ଅନନ୍ତନାଗ ଜିଲ୍ଲାରେ ଏପ୍ରିଲ ୨୨ ଅପରାହ୍ନ ୧.୪୪ ମିନିଟ୍‌ରେ ଆତଙ୍କୀଙ୍କ ଆକ୍ରମଣରେ ଜଣେ ନେପାଳୀ ନାଗରିକ ଓ ୨୫ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିଥିଲା। ପ୍ରଧାନମନ୍ତ୍ରୀ ମୋଦି ଆତଙ୍କବାଦୀଙ୍କୁ କଳ୍ପନାତୀତ ଦଣ୍ଡ ଦିଆଯିବ ଓ ଯେଉଁମାନେ ଷଡଯନ୍ତ୍ରକାରୀ ସେମାନଙ୍କୁ ମାଟିରେ ମିଶାଇ ଦିଆଯିବ ବୋଲି ସଂକଳ୍ପବଦ୍ଧ ହେବା ପରେ ଦେଶର ୨୪୪ ଜିଲ୍ଲାରେ ବେସାମରିକ ପ୍ରତିରକ୍ଷା ବା ମକ୍‌ଡ୍ରିଲ କରିବା ଲାଗି ପ୍ରସ୍ତୁତିପର୍ବରୁ ପୂର୍ବରୁ ମୁହଁତୋଡ଼ ଜବାବ ଦିଆଯାଇଛି। ଅଧ ରାତିରେ ସୁଖୋଇ-ରାଫେଲର ଆତଙ୍କୀଙ୍କୁ ରକ୍ତର ଜବାବ ଦିଆଯାଇଥିଲା। ଏୟାର ଷ୍ଟ୍ରାଇକରେ ସାମିଲ ଥିଲେ ୮ଟି ସୁଖୋଇ, ୪ଟି ରାଫେଲ । ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ମାଡ଼ରେ ଆତଙ୍କୀ ଆଡ୍ଡାଗୁଡ଼ିକ ମାଟିରେ ମିଶିଲା।

## ଶତ୍ରୁ ପ୍ରତି ସଜାଗ

# ଆତଙ୍କବାଦ ପ୍ରତି ଶୂନ ସହନଶୀଳତା

● ଦେଶ ପାଇଁ ଗର୍ବର ସମୟ: ମୋଦି ● ସେନାକୁ ବଧାଇ ଜଣାଇଲେ ● ମିଶନରେ ରାତିସାରା ନଜର ରଖିଥିଲେ

ନୂଆଦିଲ୍ଲୀ,୭।୫: ଅପରେସନ ସିନ୍ଦୂରର ସଫଳତା ପରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଏହା ଦେଶ ପାଇଁ ଗର୍ବର ସମୟ । ବିନା କୌଣସି କ୍ଷତିରେ ଅପରେସନ ସଫଳ ହୋଇଛି । ଅପରେସନ ସିନ୍ଦୂର ପାଇଁ ସେନାକୁ ବଧାଇ ଦେଇଛନ୍ତି ପ୍ରଧାନମନ୍ତ୍ରୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନଅଟି ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ସେନାର ଆକ୍ରମଣ ପାଇଁ 'ଅପରେସନ୍ ସିନ୍ଦୂର' ନାମ ବାଛିଥିଲେ। ପହଲଗାମ ଆକ୍ରମଣର ପ୍ରତିଶୋଧ ନେଇ, ମଙ୍ଗଳବାର ବିଳମ୍ବିତ ରାତିରେ ଭାରତୀୟ ସେନା ପାକିସ୍ତାନରେ ଥିବା ଆତଙ୍କବାଦୀ ଶିବିର ଉପରେ ବିମାନ ଆକ୍ରମଣ କରି ସେଗୁଡ଼ିକୁ ଧ୍ୱଂସ କରିଦେଇଥିଲା। ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନରେ ଥିବା ଆତଙ୍କବାଦୀ ଶିବିର ଉପରେ ଏକ ସଠିକ ଆକ୍ରମଣ କରିଥିଲେ। ଏହି ମିଶନରେ ପ୍ରଧାନମନ୍ତ୍ରୀ ମୋଦି ରାତିସାରା ନଜର ରଖିଥିଲେ।ସେ ସମସ୍ତ କାର୍ଯ୍ୟ ଉପରେ ନଜର ରଖିଥିଲେ। ପ୍ରତିରକ୍ଷା ବିଭାଗ ମୁଖ୍ୟ, ବରିଷ୍ଠ ଗୁଇନ୍ଦା ଅଧିକାରୀ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ତାଙ୍କୁ ନିରନ୍ତର ଏନେଇ ସୂଚନା ଦେଉଥିଲେ। ମଙ୍ଗଳବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇ ବୁଧବାର ଭୋର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଏବଂ ସ୍ଥଳସେନା, ନୌସେନା ଏବଂ ବାୟୁସେନା ମୁଖ୍ୟଙ୍କ ମଧ୍ୟରେ ଅନେକ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ଭାରତୀୟ ସେନା କହିଛି ଯେ ବାୟୁସେନା ଆକ୍ରମଣରେ କୌଣସି ପାକିସ୍ତାନୀ ସାମରିକ ଘାଟିକୁ ନିଶାଣ କରାଯାଇ ନାହିଁ। ଲକ୍ଷ୍ୟ ଚୟନ ଏବଂ ସେଗୁଡ଼ିକର କାର୍ଯ୍ୟାନ୍ୱୟନ ପଦ୍ଧତିରେ ଭାରତ ଯଥେଷ୍ଟ ସଂଯମତା ଦେଖାଇଛି। ପହଲଗାମ ଆତଙ୍କବାଦୀ ଆକ୍ରମଣରେ



୨୫ ଜଣ ଭାରତୀୟ ଏବଂ ଜଣେ ନେପାଳୀ ନାଗରିକଙ୍କ ମୃତ୍ୟୁ ହେବା ପରେ ଭାରତୀୟ ସେନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସେନା କହିଛି ଯେ ଆମେ ଆମର ପ୍ରତିଶ୍ରୁତି ପାଳନ କରୁଛୁ ଯେ ଏହି ଆକ୍ରମଣ ପାଇଁ ଦାୟୀ ଲୋକଙ୍କୁ ଦାୟୀ କରାଯିବ। ଅପରେସନ ସିନ୍ଦୂରର କିଛି ଘଣ୍ଟା ପରେ ପ୍ରଧାନମନ୍ତ୍ରୀ ମୋଦି କେନ୍ଦ୍ର କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଇଥିଲେ। ସମୁଦାୟ କ୍ୟାବିନେଟକୁ ଅପରେସନ ସିନ୍ଦୂର ସଂପର୍କରେ ଜଣାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ତଥା କାର୍ଯ୍ୟାନୁଷ୍ଠାନକୁ ଡେସ୍କରେ ହାତ ବାଡେଇ କ୍ୟାବିନେଟ ସଦସ୍ୟମାନେ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ତାଙ୍କ ସରକାରଙ୍କ ଆତଙ୍କବାଦ ପ୍ରତି ଶୂନ ସହନଶୀଳତା ଅଛି। ପରେ ପ୍ରଧାନମନ୍ତ୍ରୀ ପ୍ରତିରକ୍ଷା ମନ୍ତ୍ରୀ ଓ ଏନଏସଏ ଉପଦେଷ୍ଟା ଅଜିତ ଡୋଭାଲଙ୍କ ସହ ପୃଥକ ବୈଠକରେ ଏକତ୍ର ହୋଇଥିଲେ।

## ୨୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ

ନୂଆଦିଲ୍ଲୀ,୭।୫: 'ଅପରେସନ୍ ସିନ୍ଦୂର' ପରେ ଦେଶରେ ହାଇ ଆଲର୍ଟ ଜାରି କରାଯାଇଛି। ଏପର୍ଯ୍ୟନ୍ତ ୨୦୦ରୁ ଅଧିକ ବିମାନ ବାତିଲ କରାଯାଇଛି। କେବଳ ଇଣ୍ଡିଗୋ ପ୍ରାୟ ୧୬୦ଟି ବିମାନ ବାତିଲ କରିଛି। ଦିଲ୍ଲୀ ବିମାନବନ୍ଦରରୁ ୩୫ରୁ ଅଧିକ ବିମାନ ମଧ୍ୟ ବାତିଲ କରାଯାଇଛି। ଉଡ଼ାଣ ବାତିଲ ହେବା ପରେ, ଅନେକ ଏୟାରଲାଇନ୍ସ ବିବୃତି ଜାରି କରିଥିଲେ। ଏୟାର ଇଣ୍ଡିଆ ସୋସିଆଲ ମିଡିଆରେ ଲେଖିଛି ଯେ ଏୟାର ଇଣ୍ଡିଆ ମେ ୧୦ ସକାଳ ୫:୨୯ ପର୍ଯ୍ୟନ୍ତ ଜମ୍ମୁ, ଶ୍ରୀନଗର, ଲେହ, ଯୋଧପୁର, ଅମୃତସର, ଭୁଜ, ଜାମନଗର, ଚଣ୍ଡିଗଡ଼ ଏବଂ ରାଜକୋଟକୁ ଉଡ଼ାଣ ବାତିଲ କରିଛି। ଟିକେଟ ବାତିଲ କିମ୍ବା ପୁନଃନିର୍ଦ୍ଧାରିତ କରିବା ପାଇଁ ଯାତ୍ରୀମାନଙ୍କୁ କୌଣସି ଶୁଳ୍କ ଦେବାକୁ ପଡିବ ନାହିଁ।

## କ୍ୟାବିନେଟ୍‌ରେ ୮ ପ୍ରସ୍ତାବକୁ ଅନୁମୋଦନ

### ରାଜ୍ୟରେ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ବସ୍ ସେବା

ଭୁବନେଶ୍ୱର,୭।୫: ରାଜ୍ୟ କ୍ୟାବିନେଟ୍‌ରେ ବୁଧବାର ୫ଟି ବିଭାଗର ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଶାସନ ସଚିବ ମନୋଜ



ଆହୁଜା କହିଛନ୍ତି, ରାଜ୍ୟ ସରକାର 'ବିପର୍ଯ୍ୟୟ ପ୍ରତିରୋଧକ ସଡ଼କ' ନାଁରେ ନୂତନ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'କୁ କ୍ୟାବିନେଟରେ ମଞ୍ଜୁରି ମିଳିଛି। ଏହା ଦ୍ୱାରା ୧୦୦୦ କୋଟି ବ୍ୟୟରେ ଆନୁମାନିକ ୫୦୦ କିମି ନୂତନ ରାସ୍ତା ନିର୍ମାଣ ହେବ। ନିର୍ବାଚନ ମଣ୍ଡଳୀରେ ଥିବା ସଡ଼କ ନିର୍ମାଣ ଓ ମରାମତି ପାଇଁ ନୂତନ ଯୋଜନାକୁ ମଞ୍ଜୁରି। ରାଜ୍ୟ ସରକାର 'ବିପର୍ଯ୍ୟୟ ପ୍ରତିରୋଧକ ସଡ଼କ' ନାଁରେ ନୂତନ ଯୋଜନାକୁ ମଞ୍ଜୁରି ଦେଇଛନ୍ତି। ସେହିପରି 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'କୁ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏହା ଦ୍ୱାରା ୧୦୦୦ କୋଟି ବ୍ୟୟରେ ଆନୁମାନିକ ୫୦୦ କିମି ନୂତନ ରାସ୍ତା ନିର୍ମାଣ ହେବ। ରାଜ୍ୟ ସରକାର ନିର୍ବାଚନୀମଣ୍ଡଳୀ ଅର୍ଥ ବ୍ୟବସ୍ଥା' ନାଁରେ ନୂତନ ଯୋଜନାକୁ ମଞ୍ଜୁରି ମିଳିଛି। ରାଜ୍ୟରେ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ବସ୍ ସେବା। ବସ୍‌ରେ ସିସିଟିଭି, ଲାଇଭ ଭ୍ୟାନ ଟ୍ରାକିଂ, ପାନିକ୍ ବଟନ ରହିବ। ବସ୍‌ରେ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ଉପରେ ବିଶେଷ ଧ୍ୟାନ ରହିବ। ମୁଖ୍ୟମନ୍ତ୍ରୀ ବସ୍ ସେବାରେ ମହିଳା, ଦିବ୍ୟାଙ୍ଗ ଓ କିନ୍ନରମାନଙ୍କୁ ୫୦ପ୍ରତିଶତ ରିହାତି ମିଳିବ। ସେହିପରି ଛାତ୍ର, ବରିଷ୍ଠ ନାଗରିକମାନେ ମଧ୍ୟ ୫୦ ପ୍ରତିଶତ ରିହାତିରେ ଯାତ୍ରା କରିପାରିବେ। ରାଜ୍ୟ ସରକାର ପ୍ରାଣୀ ଚିକିତ୍ସା ବୈଷୟିକ ସେବା ନିୟମକୁ ମଞ୍ଜୁରୀ ଦେଇଛନ୍ତି। ପ୍ରାଣୀ ଚିକିତ୍ସା ବୈଷୟିକ ସେବା କ୍ୟାଡରେ ନୂତନ ୧୧୩ ପଦବୀ ସୃଷ୍ଟି ହେବ।

### ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ର ସଂସଦ ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ

## ପ୍ରତିଷ୍ଠା ହେବ ୩ ସମନ୍ୱିତ ଆୟୁଷ ଚିକିତ୍ସାଳୟ




- ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ପାଇଁ ୨୩ ହଜାର ୬୩୫ କୋଟି ବ୍ୟୟବରାଦ
- ହୋମିଓପାଥିକ ଚିକିତ୍ସାର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା: ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର,୭।୫: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଭୁବନେଶ୍ୱର ସ୍ଥିତ ଡଃ ଅଭିନ୍ନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସେଠାରେ ଏକ ନୂତନ ଏମରଜେନ୍ସି ୟୁନିଟର ଶିଳାନ୍ୟାସ କରିବା ସହିତ କଲେଜ୍‌ରେ ଏକ ହୋମିଓପାଥି ଗବେଷଣା ଓ ବିଶ୍ଳେଷଣ ବିଭାଗ ଖୋଲାଯିବ ବୋଲି ଘୋଷଣା କରିଛନ୍ତି । ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ଓଡ଼ିଶାରେ ହୋମିଓପାଥିକ୍ ଶିକ୍ଷାର ପ୍ରସାର ଓ ହୋମିଓପାଥିକ୍ ଚିକିତ୍ସାର ଲୋକପ୍ରିୟତା ବୃଦ୍ଧି ଦିଗରେ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଅବଦାନ ଅତୁଳନୀୟ। ରାଜ୍ୟରେ ବର୍ତ୍ତମାନ ଏହି ମହାବିଦ୍ୟାଳୟକୁ ମିଶାଇ ୪ଟି ସରକାରୀ ହୋମିଓପାଥିକ୍ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଅଛି। ଏହା ସହିତ ୫୬୨ଟି ସରକାରୀ ହୋମିଓପାଥିକ୍ ଡାକ୍ତରଖାନା ମଧ୍ୟ ଅଛି। ଆୟୁଷ ଚିକିତ୍ସାର ଉନ୍ନତି ପାଇଁ ରାଜ୍ୟ ସରକାର ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱର ଠାରେ ତିନୋଟି ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଥିଲେ। ସେ ପୁଣି କହିଥିଲେଯେ, ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ବଜେଟ୍‌ରେ ୨୩ ହଜାର ୬୩୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେଯେ, ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋମିଓପାଥିକ ଚିକିତ୍ସା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଏବଂ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ରଛାତ୍ରୀ ମାନେ ଏହି ପ୍ରାମାଣିକ ଚିକିତ୍ସା ପଦ୍ଧତିକୁ ଆହୁରି ଜନାଭିମୁଖୀ କରିଛନ୍ତି।

## ୨୬ ମାଓବାଦୀ ଟଳିଲେ

ରାୟପୁର,୭।୫: ଛତିଶଗଡ କରେଗୁଟା ଜଙ୍ଗଲରେ ୨୬ ମାଓବାଦୀ ସୁରକ୍ଷା କର୍ମୀଙ୍କ ଗୁଳିରେ ଟଳିଛନ୍ତି। ଏନେଇ ସୂଚନା ଦେଇଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ । ଘଟଣାସ୍ଥଳରୁ ବନ୍ଧୁକ ସହ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଛି । ଏବେବି ଗୁଳି ବିନିମୟ ଜାରି ରହିଛି । ସର୍ଚ୍ଚ ଅପରେସନ ଜୋରଦାର ଚାଲିଛି ।



## ରାଷ୍ଟ୍ରପତିଙ୍କୁ ଭେଟିଲେ ମୋଦି

### ଅପରେଶନ 'ସିନ୍ଦୂର' ନେଇ ଅବଗତ କରାଇଲେ



ନୂଆଦିଲ୍ଲୀ,୭।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟି ଅପରେଶନ ସିନ୍ଦୂର ବିଷୟରେ ସୂଚନା ଦେଇଛନ୍ତି। ଏହି ଅପରେଶନ ଭାରତୀୟ ସେନା, ବାୟୁସେନା ଏବଂ ନୌସେନାର ମିଳିତ କାର୍ଯ୍ୟ ଥିଲା, ଯେଉଁଥିରେ ପାକିସ୍ତାନ ଅଧୀନସ୍ଥ କାଶ୍ମୀରରେ ଥିବା ଆତଙ୍କବାଦୀ ଶିବିର ଉପରେ କ୍ଷେପଣାସ୍ତ୍ର ମାଡ କରାଯାଇଥିଲା। ସୂଚନା ଅନୁଯାୟୀ, ମୋଦି କ୍ୟାବିନେଟ ବୈଠକ ପରେ ରାଷ୍ଟ୍ରପତିଙ୍କୁ ଏହି ଅପରେସନର ସଫଳତା ଏବଂ ଏହାର ଗୁରୁତ୍ୱ ବିଷୟରେ ଅବଗତ କରାଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ମୋଦିଙ୍କ କ୍ୟାବିନେଟରେ ଏହି ଅପରେଶନ ଦେଶ ପାଇଁ ଗର୍ବର ବିଷୟ ବୋଲି ବର୍ଣ୍ଣନା କରିଥିଲେ।ସରକାର ଏହି ଅପରେଶନ ବିଷୟରେ ଆଲୋଚନା ପାଇଁ ମେ ୮ ତାରିଖରେ ସଂସଦୀୟ ଲାଇବ୍ରେରୀ ଭବନରେ ସର୍ବଦଳୀୟ ବୈଠକ ଡାକିଛନ୍ତି।

## ପ୍ରଭୁ ହନୁମାନଙ୍କ ନୀତି ଆପଣାଇଛୁ: ରାଜନାଥ

ନୂଆଦିଲ୍ଲୀ,୭।୫: ଅପରେସନ ସିନ୍ଦୂରକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଆମର ସେନା ସଠିକ୍ ରୂପେ ଯୋଜନା କରି ଆତଙ୍କୀ ଠିକଣା ଧ୍ୱଂସ କରିଛି। ଯେଉଁ ମାନେ ଆତଙ୍କ ଖେଳାଇ ଥିଲେ ସେମାନଙ୍କୁ ହିଁ ସେନା ଆକ୍ରମଣ କରିଥିଲା। ଭାରତର ପାଲଟାଜବାବ ପ୍ରଭୁ ହନୁମାନଙ୍କ ଆଦର୍ଶ ଅନୁସାରେ ହୋଇଛି। ହନୁମାନ ଅଶୋକ ବନ ଧ୍ୱଂସ କରିଥିଲା ଯେଉଁଠାରେ ରାବଣ ସୀତାଙ୍କୁ ଲୁଚାଇ ରଖିଥିଲା। 'ଜିନ୍ ମୋହି ମାର, ତେ ମାଇ ମାରେ' (ଯେଉଁମାନେ ମୋତେ ମାରିଛନ୍ତି ମୁଁ ସେମାନଙ୍କୁ ମାରିଛି। ଯେଉଁମାନେ ଆମର ନିରୀହମାନଙ୍କୁ ମାରିଥିଲେ ଆମେ କେବଳ ସେମାନଙ୍କୁ ମାରିଛୁ।

### ରାଜଧାନୀରେ ଶୁଭିଲା ଯୁଦ୍ଧ ସାଇରନ

# ରାଜମହଲ ଛକରେ 'ଆତଙ୍କୀଙ୍କ ଏୟାରଷ୍ଟ୍ରାଇକ'

ଭୁବନେଶ୍ୱର,୭।୫(ନିପ୍ର): ବୁଧବାର ଅପରାହ୍ନ ୪ଟା। ହଠାତ୍ ଜନଗହଳି ପୂର୍ଣ୍ଣ ରାଜମହଲ ଛକରେ ଜୋର ଧ୍ୱନି କରି ବାଜିଥିଲା ଯୁଦ୍ଧ ସାଇରନ। ପ୍ରାୟ ୫ମିନିଟ ଧରି ଏହି ସାଇରନ ବାଜିବା ପରେ ରାସ୍ତାରେ ଯାଉଥିବା ଲୋକମାନେ ଏହା ଯୁଦ୍ଧ ପୂର୍ବର ସାଇରନ ଜାଣିବା ପରେ ତୁରନ୍ତ ପାଖରେ ଥିବା ଉଚ୍ଚ ଅଟ୍ଟାଳିକାଗୁଡ଼ିକୁ ପ୍ରବେଶ କରି ଯାଇଥିଲେ। ଏହାର ମାତ୍ର କେଇ ସେକେଣ୍ଡ ପରେ ରାସ୍ତାର ଗୋଟାଏ ପାର୍ଶ୍ୱରେ ଆରମ୍ଭ ହୋଇଯାଇଥିଲା ବୋମାମାଡ଼। କେହି କିଛି ବୁଝିବା ପୂର୍ବରୁ ପଡ଼ୋଶୀ ପାକିସ୍ତାନର ଯୁଦ୍ଧ ବିମାନ ଗୁଡ଼ିକ ତୁହାକୁ ତୁହା ବୋମାମାଡ଼ କରି ଚାଲିଥିଲେ। ଆଉ ଏହାକୁ ପ୍ରତିହିତ କରିବା ପାଇଁ ସେନା ବାହିନୀର ଯବାନଙ୍କ ସମେତ କମିଶନରେଟ ପୋଲିସର ଅଧିକାରୀମାନେ ଧାଁ ଦୌଡ଼ ଆରମ୍ଭ କରିବା ସହ ବୋମାମାଡ଼ରେ ଆହତ ଲୋକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଭର୍ତ୍ତି କରି ଶିଶୁଭବନ ଛକ ରାସ୍ତା ଦେଇ କ୍ୟାପିଟାଲ ହସ୍ପିଟାଲ ପଠାଉଥିବାର ଦୃଶ୍ୟ ଆଜି କିଛି ସମୟ ପାଇଁ ରାଜମହଲ ଛକ ରାସ୍ତା ଦେଇ ଯାଉଥିବା ଲୋକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। କିନ୍ତୁ ପ୍ରକୃତରେ ଏହା ଯୁଦ୍ଧ ସମୟର ଚିତ୍ର ନ ଥିଲା। ବରଂ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ଉପରେ ଆକ୍ରମଣ ଯୋଜନା କରୁଥିବା ଭାରତ କାଳେ କୌଣସି ଜବାବୀ ହମଲା ହେବ ତାହାକୁ ଦୃଷ୍ଟିରେ ରଖି ସାରାଦେଶର ୨୪୪ଟି ସ୍ଥାନରେ ଏପରି ମକଡ୍ରିଲର ଆୟୋଜନ କରିବାକୁ ସ୍ଥାନୀୟ ପ୍ରଶାସନକୁ ଗୃହ ମନ୍ତ୍ରଣାଳୟ ତରଫରୁ ନିର୍ଦ୍ଦେଶ ଜାରି ହୋଇଥିଲା। ଏହି ନିର୍ଦ୍ଦେଶକ୍ରମରେ

### ଲୋକଙ୍କୁ ବେଶ୍ ସଚେତନ କରାଇଛି: ପୋଲିସ କମିଶନର

ବୁଧବାର ରାଜଧାନୀ ଭୁବନେଶ୍ୱରର ରାଜ ମହଲ ଛକରେ ଏହି ମକ୍‌ଡ୍ରିଲ କରାଯାଇଥିଲା। ଯେଉଁଥିରେ ସେନା ଅଧିକାରୀଙ୍କ ସମେତ ବିଭିନ୍ନ ସ୍କୁଲ କଲେଜରୁ ଆସିଥିବା ଏନସିସି କ୍ୟାଡେଟ, ଅଗ୍ନିଶମ ବିଭାଗର କର୍ମଚାରୀ ଓ କମିଶନରେଟ ପୋଲିସର ଅଧିକାରୀମାନେ ସାମିଲ ହୋଇଥିଲେ। ମକଡ୍ରିଲର ଉଦ୍ଦେଶ୍ୟ ଥିଲା, କୌଣସି ପରିସ୍ଥିତିରେ ଯଦି ଶତ୍ରୁ ପକ୍ଷରୁ ଏୟାରଷ୍ଟାଇକ କରାଯାଏ ତେବେ ସାଧାରଣ ଲୋକେ କିପରି ସତର୍କ ରହିବେ। ଏଥିପାଇଁ ନିୟମ ଅନୁଯାୟୀ ପ୍ରଥମେ ଯୁଦ୍ଧ ପୂର୍ବରୁ ସାଇରନ ବାଜିଥିଲା। ସାଇରନ ବାଜିବାର ଅର୍ଥ ଲୋକଙ୍କୁ ଯୁଦ୍ଧ ସଂକ୍ରାନ୍ତରେ ସର୍ତକ କରାଇବା। ସାଇରନ ବାଜିବା ମାତ୍ରେ ଲୋକେ ତୁରନ୍ତ ସୁରକ୍ଷିତ ସ୍ଥାନକୁ ଯିବା ଲାଗି ପରାମର୍ଶ ଦିଆଯାଇଛି। ଏହାପରେ ବି ଯଦି କୌଣସି ବ୍ୟକ୍ତି ବାହାର ସ୍ଥାନରେ ରହି ଯାଇଛନ୍ତି ତେବେ ସେମାନେ ତୁରନ୍ତ ନିକଟସ୍ଥ ଚଟାଣରେ କାନକୁ ଆଙ୍ଗୁଳି ସାହାଯ୍ୟରେ ବନ୍ଦ କରି ତଳେ ଶୋଇଯିବା ଦ୍ୱାରା ବିପଦରୁ କିଛି ମାତ୍ରାରେ ମୁକ୍ତି ପାଇବାରେ ସଫଳ ହୋଇପାରିବେ। ଏହା ପରେ ବି ଶତ୍ରୁ ପକ୍ଷରୁ କୌଣସି ଆକ୍ରମଣ କରାଯାଏ ତେବେ ତୁରନ୍ତ ଭାରତୀୟ ସେନା ପକ୍ଷରୁ ଶତ୍ରୁ ପକ୍ଷକୁ କଡ଼ା ମୁକାବିଲା କରାଯିବ। ଆଗାମୀ ଦିନରେ ରାଜଧାନୀର ଅନ୍ୟ ସ୍ଥାନମାନଙ୍କରେ ଏହି ମକଡ୍ରିଲ କରାଯିବ। ମକଡ୍ରିଲ ସମୟରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି ଯେ,ଯେଉଁ




ମକଡ୍ରିଲ କରାଯାଇଛି ଏହା ଲୋକଙ୍କୁ ବେଶ ସଚେତନ କରାଇଛି। ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ଏହି ମକଡ୍ରିଲ କାର୍ଯ୍ୟକ୍ରମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ନବପ୍ରଭାତ



# ଯାଜପୁରରୁ କେମିତି ଯାଇଥିଲା ବୈତରଣୀ

**ବ୍ରହ୍ମା, ବିରଜା କ୍ଷେତ୍ରକୁ ଯଜ୍ଞ ସ୍ଥାନ ରୂପେ ନିରୂପଣ କରି ବୈତରଣୀଙ୍କୁ ଏହି କ୍ଷେତ୍ରରେ ପ୍ରବାହିତ ହେବାକୁ ଅନୁରୋଧ କଲେ। ବ୍ରହ୍ମାଙ୍କ ସ୍ତୁତିରେ ସନ୍ତୁଷ୍ଟ ହୋଇ ବୈତରଣୀ ବ୍ରହ୍ମାଙ୍କ ପଛେ ପଛେ ଚାଲିଲେ। କିଛି ବାଟ ଗଲା ପରେ ବ୍ରହ୍ମାଙ୍କୁ ଆଉ ବୈତରଣୀ ନଦୀ ପ୍ରବାହିତ ହେବାର କୁଳୁକୁଳୁ ଶବ୍ଦ ଆଉ ଶୁଭିଲା ନାହିଁ। ତେଣୁ ସେ ପଛକୁ ଫେରି ଦେଖିଲା ବେଳକୁ ବୈତରଣୀ ନଦୀ ଅଦୃଶ୍ୟ**



ଦିନେ ବ୍ରହ୍ମାଙ୍କ ଅନୁରୋଧରେ ବୈତରଣୀ ନଦୀ ବିରଜା କ୍ଷେତ୍ରରେ ପ୍ରବାହିତ ହୋଇଥିଲା। କିନ୍ତୁ ମନରେ ପ୍ରଶ୍ନ ଉଠିଥାଏ, ହଠାତ୍ ବ୍ରହ୍ମା ଏପରି ଅନୁରୋଧ କରିଥିଲେ କାହିଁକି ? ଏହାକୁ ନେଇ ଏଠାରେ ଉପସ୍ଥାପିତ ପୌରାଣିକ କାହାଣୀଟି ଏହିପରି: ଥରେ ବ୍ରହ୍ମା ଓ ନୃସିଂହଙ୍କ ମଧ୍ୟରେ ନିଜର ବଡ଼ପଣ ପାଇଁ କଳି ସୃଷ୍ଟି ହେଲା। ଉଭୟ ଏହାର ବିଚାର ନିମନ୍ତେ ପ୍ରଭୁ ଶିବଙ୍କୁ ମଧ୍ୟସ୍ଥି ଭାବି, ନିଜର ସମସ୍ୟା ଜଣାଇଲେ। ଶିବ କହିଲେ– 'ମୋ ପାଦଠାରୁ ମୁଣ୍ଡ ପର୍ଯ୍ୟନ୍ତ, ଯିଏ ଯାଇ ଆସି ପାରିବ ସିଏ ହିଁ ସବୁଠାରୁ ... ନୃସିଂହ, ଶିବଙ୍କ ମସ୍ତକ ପର୍ଯ୍ୟନ୍ତ ନଯାଇ ଅଧାରୁ ଫେରି ଆସି କହିଲେ- 'ମହାଦେବ ! ଆପଣଙ୍କ ପାଦଠାରୁ ମସ୍ତକ ପର୍ଯ୍ୟନ୍ତ ଯିବାକୁ କେହି ସମର୍ଥ ନୁହନ୍ତି। ବ୍ରହ୍ମା, ନୃସିଂହଙ୍କଠାରୁ କିଛିବାଟ ଆଗକୁ ଯାଇ କେତକୀ ଫୁଲକୁ ଭେଟିଲେ। ସେ ଶିବଙ୍କ ମସ୍ତକ ପର୍ଯ୍ୟନ୍ତ ଯାଇଥିଲେ ବୋଲି କେତକୀ ଫୁଲକୁ ମିଥ୍ୟା ସାକ୍ଷୀ ଦେବାକୁ କହି ଫେରି ଆସିଲେ। ବ୍ରହ୍ମାଙ୍କ କହିବା ଅନୁସାରେ କେତକୀ, ଶିବଙ୍କ ଆଗରେ ମିଛକଥା କହିବାରୁ, ଶିବ, ବ୍ରହ୍ମାଙ୍କୁ ମିଥ୍ୟାବାଦୀ ବୋଲି କହି କ୍ରୋଧରେ ବ୍ରହ୍ମାଙ୍କୁ ଅପୂଜା ରହିବାର ଅଭିଶାପ ଦେଲେ। ଅଭିଶାପରୁ ମୁକ୍ତି ପାଇବା ପାଇଁ ବ୍ରହ୍ମା, ଶିବଙ୍କ ନିକଟରେ ପ୍ରାର୍ଥନା କରିବାରୁ, ଶିବ ତାଙ୍କୁ ପବିତ୍ର ବୈତରଣୀ ନଦୀ କୂଳରେ ଯଜ୍ଞ କରି ଯଜ୍ଞପୁରୁଷ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରିବାକୁ କହିଲେ। ବ୍ରହ୍ମା, ବିରଜା କ୍ଷେତ୍ରକୁ ଯଜ୍ଞ ସ୍ଥାନ ରୂପେ ନିରୂପଣ କରି ବୈତରଣୀଙ୍କୁ ଏହି କ୍ଷେତ୍ରରେ ପ୍ରବାହିତ ହେବାକୁ ଅନୁରୋଧ କଲେ। ବ୍ରହ୍ମାଙ୍କ ସ୍ତୁତିରେ ସନ୍ତୁଷ୍ଟ ହୋଇ ବୈତରଣୀ ବ୍ରହ୍ମାଙ୍କ ପଛେ ପଛେ ଚାଲିଲେ। କିଛି ବାଟ ଗଲା ପରେ ବ୍ରହ୍ମାଙ୍କୁ ଆଉ ବୈତରଣୀ ନଦୀ ପ୍ରବାହିତ ହେବାର କୁଳୁକୁଳୁ ଶବ୍ଦ ଆଉ ଶୁଭିଲା ନାହିଁ। ତେଣୁ ସେ ପଛକୁ ଫେରି ଦେଖିଲା ବେଳକୁ ବୈତରଣୀ ନଦୀ ଅଦୃଶ୍ୟ ହେଇଯାଇଛନ୍ତି। ଏହାର କାରଣ ଜାଣିବା ପାଇଁ ବ୍ରହ୍ମା ଧ୍ୟାନରେ ବସିବାରୁ ଶୂନ୍ୟବାଣୀ ହେଲା ଯେ, ନିବିଡ଼ ଅରଣ୍ୟରେ ଥିବା ରମଣୀଙ୍କ ନଗ୍ନ ରୂପ ଦେଖି ସେ ଭୟରେ ଆତ୍ମଗୋପନ କରିଛନ୍ତି। ଯଦି ପ୍ରତି କୋଣରେ ଶିବଲିଙ୍ଗ ସ୍ଥାପନ କରାଯାଏ, ତେବେ ଶିବଙ୍କ ଦର୍ଶନରେ ପାପମୁକ୍ତ ହୋଇ, ସେ ଯଜ୍ଞ ସ୍ଥାନକୁ ଯାଇପାରିବ। ତେଣୁ ବ୍ରହ୍ମା ପ୍ରତିକୋଣରେ ଗୋଟିଏ ଗୋଟିଏ ଶିବଲିଙ୍ଗ ସ୍ଥାପନ କଲେ।

# ସୀତାଙ୍କ ପିଲାଦିନ



ରାଜର୍ଷି, ଜନକଙ୍କୁ ପର୍ଶୁରାମଙ୍କ ଶିବଧନୁ 'ପିନାକ' ଦାନ କରିଥିଲେ। ଯାହାକୁ ରାଣୀ ସୁନୟନା ପ୍ରତିଦିନ ପୂଜା ଆରାଧନା କରୁଥିଲେ। ଦିନେ ସେହି ଧନୁକୁ ତାଙ୍କ କୁମାରୀ କନ୍ୟା ସୀତା ଉଠାଇ ଅନ୍ୟତ୍ର ରଖିବାର ଦେଖି ରାଣୀ ସୁନୟନା ରାଜା ଜନକଙ୍କୁ କହିଲେ। ରାଜା ଜନକ କନ୍ୟାର ଏପରି କାର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇ ବିଚାର କଲେ ଯେ, ଯେଉଁ ଧନୁ ଦେବଦେବ ମହାଦେବ ଶିବ ଓ ଭଗବାନ ପର୍ଶୁରାମଙ୍କ ବ୍ୟତୀତ ଅନ୍ୟକେହି ଉଠାଇ ପାରନ୍ତି ନାହିଁ, ସେହି ଧନୁକୁ ସୀତା କିପରି ଉଠାଇ ପାରିଲେ ? ତେଣୁ ରାଜା ଜନକ, ସେହି ଦିନଠାରୁ ମନରେ ସ୍ଥିର କଲେ ଯେ, ସେ କନ୍ୟାର ସ୍ୱୟଂବର ସଭା ଆୟୋଜନ କରି ବୀର ରାଜାମାନଙ୍କୁ ନିମନ୍ତ୍ରଣ କରିବେ। ଯେଉଁ ବୀର ପୁରୁଷ ଏ ପିନାକ ଧନୁକୁ ଉଠାଇ ସେଥିରେ ଗୁଣ ଚଢ଼ାଇ ପାରିବେ; ସେ ହିଁ ସୀତାର ଉପଯୁକ୍ତ ସ୍ୱାମୀ ହେବେ। ସୀତା ସେହି ବୀର ପୁରୁଷଙ୍କ ଗଳାରେ ବରଣମାଳା ଦେବେ।

# ଓଡ଼ିଶାରେ ଶନି ଓଷା

ଓଡ଼ିଶାରେ ଶନି ଓଷା ବେଶ୍ ଉତ୍ସାହର ସହ ପାଳନ କରାଯାଏ। ଭକ୍ତମାନେ ନିଷ୍ଠାର ସହ ମାସ ସାରା ଶୁଦ୍ଧପୂତ ଭାବେ ଶନିଶ୍ଚରଙ୍କ ପୂଜା କରିବା ସହ ଶନି ବୃଷରେ ଜଳଦାନ କରନ୍ତି। ଅକ୍ଷୟ ତୃତୀୟା ପର ଶନିବାର ଶନିଶ୍ଚରଙ୍କ ଜନ୍ମୋତ୍ସବ ପାଳନ ହେବା ସହ ଏହି ଓଷା ଉଦ୍‌ଯାପନ ହୋଇଥାଏ। ଓଡ଼ିଶାରେ ସବୁ ସ୍ଥାନରେ ଶନି ମନ୍ଦିର ମାନଙ୍କରେ ଏହି ଦିନ ଉତ୍ସବ ଆୟୋଜିତ ହୁଏ। ମାତ୍ର କେତୋଟି ପ୍ରସିଦ୍ଧ ଶନି ମନ୍ଦିର ରହିଚି ଯେଉଁଠି ବେଶ୍ ଧୁମଧାମରେ ଏହି ଓଷା ସହ ମହାଯଜ୍ଞ ପାଳିତ ହୁଏ।

# ଧନୁର ଐଶ୍ୱରିକ ଶକ୍ତି



ରାବଣ ଜଣେ ବଳଶାଳୀ ରାଜା ଥିଲା। ସେ ଶିବଙ୍କ ସହ କୈଳାସ ପର୍ବତକୁ ହାତରେ ଉଠାଇଥିଲା। ତେବେ ସୀତାଙ୍କ ସ୍ୱୟମ୍ବରରେ ଶିବ ଧନୁ ଉଠାଇ ପାରିନଥିଲା। ସେହି ଧନୁକୁ ଭଗବାନ ଶ୍ରୀରାମ ଉଠାଇ ଗୁଣ ଚଢାଇବା ବେଳେ ତାହା ଭାଙ୍ଗିଯାଇଥିଲା। ତେବେ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେଉଁ ରାବଣ କୈଳାସ ପର୍ବତ ହାତରେ ଟେକି ଧରି ଥିଲା ଶିବଧନୁ ଉଠାଇ ପାରିଲାନି କାହିଁ। ତେବେ ଚାଲନ୍ତୁ ଜାଣିବା ଏହି ପ୍ରଶ୍ନର ଉତ୍ତର। ଶିବଙ୍କ ଧନୁ ବହୁତ ଶକ୍ତିଶାଳୀ ଓ ଚମତ୍କାରିକ ଥିଲା। ଶିବଙ୍କ ଧନୁର ଟଙ୍କାରରେ ବାଦଲ ବି ଫାଟିଯାଉଥିଲା। କୁହାଯାଏ ଏହାର ଟଙ୍କାରରେ ହିମାଳୟ ବି କମ୍ପୁଥିଲା। ଏହି ଧନୁରୁ ବାହାରିଥିବା ଗୋଟିଏ ତିର ତ୍ରିପୁରାସୁରର ୩ଟି ନଗରୀଙ୍କୁ ଧ୍ୱସ୍ତ ହୋଇଯାଇଥିଲା। ଏହି ଧନୁର ନାମ ଥିଲା ପିନାକ। ତେବେ ଦେବୀଦେବତାଙ୍କ ସମୟ ସମାପ୍ତି ପରେ ଧନୁକୁ ଇନ୍ଦ୍ରଙ୍କ ଦାୟିତ୍ୱରେ ଦିଆଯାଇଥିଲା। ତେବେ ଦେବତାମାନେ ଏହି ଧନୁକୁ ଜନକଙ୍କ ପୂର୍ବଜ ତଥା ନିମିଙ୍କ ଜ୍ୟେଷ୍ଠପୁତ୍ର ଦେବରାଜଙ୍କୁ ଦେଇଦେଇଥିଲେ। ପରିବାରର ଉତ୍ତରାଧିକାରରେ ଧନୁଟି ଜନକଙ୍କ ଅଧୀନକୁ ଆସିଥିଲା। ତେବେ ସୀତାଙ୍କ ସ୍ୱୟମ୍ବରରେ ରଖା ଯାଇଥିବା ଧନୁ ଉଠାଇବାକୁ ସର୍ତ୍ତ ଥିଲା। ରାବଣ ବାହୁବଳରେ କୈଳାସ ପର୍ବତକୁ ହାତରେ ଉଠାଇଥିଲା। ହେଲେ ଅହଂକାର ଯୋଗୁ ଧନୁକୁ ଉଠାଇପାରିନଥିଲା। ସେ ଯେତେ ବଳ ପ୍ରୟୋଗ କରୁଥିଲା ଧନୁ ସେତେ ଭାରୀ ହୋଇଯାଉଥିଲା।

କାରଣ ଥିଲା ଧନୁର ଦୈବୀ ଶକ୍ତି। ଯେତେବେଳେ ଜଣକ ପରେ ଜଣେ ରାଜା ଧନୁ ଉଠାଇ ନ ପାରି ଲଜ୍ଜିତ ହୋଇ ଫେରିଲେ ଗୁରୁ ବିଶ୍ୱାମିତ୍ର ରାମଙ୍କୁ ଧନୁ ଉଠାଇବାକୁ ଆଦେଶ ଦେଲେ। ରାମଚନ୍ଦ୍ର ଜାଣି ଯାଇଥିଲେ ଧନୁର ଐଶ୍ୱରିକ ଶକ୍ତି ରହିଛି। ଏଣୁ ସେହି ଅନୁସାରେ ପ୍ରସ୍ତୁତି କରି ଉଠିଥିଲେ ଧନୁ ଉତ୍ତୋଳନ ଲାଗି। ରାମଚନ୍ଦ୍ର ଧନୁ ନିକଟରେ ପହଞ୍ଚି ପ୍ରଥମେ ପ୍ରଣାମ କରିବା ସହ ଶସ୍ତ୍ରକୁ ସମ୍ମାନ କରିଥିଲେ। ଏହା ଶିବ ଧନୁ ହୋଇଥିବାରୁ ପ୍ରଦକ୍ଷିଣ କରି ନିଜକୁ ଶରଣ କରିଥିଲେ। ଫଳରେ ଧନୁ ଶୁଖିଲା ତୃଣ ଠାରୁ ବି ହାଲୁକା ହୋଇଯାଇଥିଲା। ଯାହାକୁ ମର୍ଯ୍ୟାଦା ପୁରୁଷୋତ୍ତମ ଅକ୍ଳେଶରେ ଉଠାଇ ଗୁଣ ଦେବାକୁ ଉଦ୍ୟମ କରନ୍ତେ ପ୍ରକାଣ୍ଡ ଧ୍ୱନି କରି ଭାଙ୍ଗିଯାଇଥିଲା।

# ସୂର୍ଯ୍ୟଦେବ

ଏଇ ସୃଷ୍ଟିରେ ସୂର୍ଯ୍ୟଦେବ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେ ହେଉଛନ୍ତି ସକଳ ଶକ୍ତିର ଆଧାର। ତାଙ୍କ ଯୋଗୁଁ ପୃଥିବୀରେ ଜୀବନ ସମ୍ଭବ। ବୈଦିକ ଯୁଗରୁ ସୂର୍ଯ୍ୟଙ୍କ ଉପାସନା କରିବାର ପରମ୍ପରା ଚାଲି ଆସୁଛି । ହିନ୍ଦୁ ଧର୍ମଶାସ୍ତ୍ରରେ ସୂର୍ଯ୍ୟଦେବ ସାକ୍ଷାତ ଈଶ୍ୱର ଅଟନ୍ତି। ତେଣୁ ସୂର୍ଯ୍ୟଙ୍କୁ ଗୁରୁ ଭାବି ପ୍ରତିଦିନ ହିନ୍ଦୁ ଧର୍ମାବଲମ୍ବୀମାନେ ତାଙ୍କର ପୂଜାର୍ଚ୍ଚନା କରିଥାନ୍ତି। ସୃଷ୍ଟିରେ ପ୍ରଥମେ ପ୍ରକଟ ହୋଇଥିବାରୁ ତାଙ୍କର ନାମ ଆଦିତ୍ୟ ମଧ୍ୟ ଅଟେ। ନବଗ୍ରହଙ୍କ ମଧ୍ୟରେ ସୂର୍ଯ୍ୟଦେବ ପ୍ରମୁଖ ଅଟନ୍ତି। ସୂର୍ଯ୍ୟଦେବଙ୍କୁ ପ୍ରସନ୍ନ କରିବା ପାଇଁ ଗହମ ଦାନ କରାଯାଏ। ସୂର୍ଯ୍ୟଙ୍କୁ ତମ୍ବାର ପାତ୍ରରେ ଜଳ ଅର୍ପଣ କରିବା ଦ୍ୱାରା ସମସ୍ତ ମନବାଞ୍ଛା ପ୍ରାପ୍ତି ହୋଇଥାଏ। ଗରିବମାନଙ୍କୁ ଲାଲ୍ ଓ ହଳଦିଆ ରଙ୍ଗର ବସ୍ତ୍ର ଦାନ କଲେ ମଧ୍ୟ ସୂର୍ଯ୍ୟଦେବ ପ୍ରସନ୍ନ ହୋଇଥାନ୍ତି। ଘରର ଉତ୍ତର ଦିଗରେ ସୂର୍ଯ୍ୟଙ୍କ ମୂର୍ତ୍ତି କିମ୍ବା ଫଟୋ ଲଗାଇବା ଦ୍ୱାରା କେବେ ବି ଟଙ୍କା ପଇସା ଓ ଧନର ଅଭାବ ହୋଇ ନ ଥିବା କୁହାଯାଏ।

# ମହାଜ୍ଞାନୀ

ପ୍ରସିଦ୍ଧ ୟୁନାନୀ ଦାର୍ଶନିକ ଅଫଲାତୁଁଙ୍କ ନିକଟରେ ପ୍ରତିଦିନ ଜ୍ଞାନୀ-ଗୁଣୀ ଲୋକମାନଙ୍କ ଭିଡ଼ ଜମୁଥିଲା। ସେମାନେ ସବୁଦିନ ତାଙ୍କ ନିକଟକୁ ଆସୁଥିଲେ ଏବଂ କିଛି ନା କିଛି ନୂଆ କଥା ଶିଖି ଯାଉଥିଲେ। ସମସ୍ତେ ତାଙ୍କୁ ମହାଜ୍ଞାନୀ ବୋଲି ଭାବୁଥିଲେ। ହେଲେ ଅଫଲାତୁଁ କେବେ ନିଜକୁ ଜ୍ଞାନୀ ବୋଲି ମନେ କରୁନଥିଲେ। ସେ ଅତି ସାଧାରଣ ଲୋକଙ୍କ ସହିତ ମିଶୁଥିଲେ ଏବଂ ସେମାନଙ୍କ ଠାରୁ ନୂଆ ନୂଆ କଥା ଜାଣିବା ଲାଗି ଚେଷ୍ଟା କରୁଥିଲା। ତାଙ୍କର ଏଭଳି ସ୍ୱଭାବ ଜଣେ ଶିଷ୍ୟକୁ ଭଲ ଲାଗିଲା ନାହିଁ । ତେଣୁ ସେ ଦିନେ ଅଫଲାତୁଁଙ୍କୁ କହିଲା, ଆପଣ ଜଣେ ମହାଜ୍ଞାନୀ ହୋଇ ସୁଦ୍ଧା ଏହି ସାଧାରଣ ଲୋକଙ୍କ ସହିତ କ'ଣ ବସି ଆଲୋଚନା କରୁଛନ୍ତି । ସେମାନଙ୍କ କଥାକୁ ଗ୍ରହଣ କରିନେଉଛନ୍ତି । ଅଫଲାତୁଁ କହିଲେ, ପ୍ରତ୍ୟେକ ଲୋକ ନିକଟରେ କିଛି ନା କିଛି ସ୍ୱତନ୍ତ୍ର ଜ୍ଞାନ ଥାଏ, ଯାହା ଅନ୍ୟ ଲୋକ ପାଖରେ ନଥାଏ। ତେଣୁ ମୁଁ କାହାରି ଜ୍ଞାନକୁ କେବେହେଲେ ନ୍ୟୂନ ମନେ କରିନଥାଏ। ସମସ୍ତଙ୍କ ଠାରୁ ଜ୍ଞାନ ଆହରଣ କରିବା ଲାଗି ଚେଷ୍ଟା କରିଥାଏ। କାରଣର ଜ୍ଞାନ ଅସୀମିତ, ଜ୍ଞାନ ହାସଲ କରିବାର କୌଣସି ସୀମା ନ ଥାଏ।

# ଭଗବାନ ବୁଦ୍ଧଙ୍କ ଅନ୍ତିମ ଉପଦେଶ



ଇହଧାମ ତ୍ୟାଗ କରିବାର ସମୟ ଆସିଯାଇଥାଏ। ଭଗବାନ ବୁଦ୍ଧ ଅନ୍ତିମ ନିଃଶ୍ୱାସ ନେଉଥିଲେ, ଏହି ସମୟରେ ସେ କାହାର କ୍ରନ୍ଦନ ଶୁଣିପାରିଥିଲେ । ଗୌତମ ବୁଦ୍ଧ ନିଜର ପ୍ରିୟ ଶିଷ୍ୟ ଆନନ୍ଦଙ୍କୁ ପଚାରିଲେ କିଏ କାନ୍ଦୁଛି ? ଆନନ୍ଦ କହିଲେ, ଭଗବାନ ! ଭଦ୍ରକ ଆପଣଙ୍କ ଅନ୍ତିମ ଦର୍ଶନ ନିମନ୍ତେ ଆସିଛନ୍ତି । ଭଦ୍ରକଙ୍କୁ ନିଜ ପାଖକୁ ଡାକିଲେ ବୁଦ୍ଧ। ବୁଦ୍ଧଙ୍କ ପାଖକୁ ଆସିବା କ୍ଷଣି ଭଦ୍ରକ ଖୁବ୍ ଜୋରରେ କାନ୍ଦିବାକୁ ଲାଗିଲେ । ସେ କହିଲେ, ଆପଣ ଯଦି ନ ରହିବେ ଆମକୁ ଜ୍ଞାନ ଆଲୋକ କିଏ ପ୍ରଦାନ କରିବ ? ଭଗବାନ ବୁଦ୍ଧି କହିଲେ, ଭଦ୍ରକ ! ଆଲୋକ ତୁମ ଭିତରେ ହିଁ ରହିଛି, ତା'କୁ ବାହାରେ ଖୋଜିବାର କିଛି ଆବଶ୍ୟକତା ନାହିଁ । ଯିଏ ଅଜ୍ଞାନୀ, ସେ ଦେବାଳୟରେ, ତୀର୍ଥସ୍ଥାନରେ, ଗୁମ୍ଫାରେ ବୁଲି ବୁଲି ଜ୍ଞାନ ଖୋଜିଥାଏ । କିନ୍ତୁ ଶେଷରେ ନିରାଶ ହୋଇଥାଏ । ହେଲେ ନିଜର ମନ, ବାଣୀ ଏବଂ କର୍ମରେ ଏକନିଷ୍ଠ ହୋଇ ନିରନ୍ତର ସାଧନାରେ ଲାଗି ରହିଲେ, ମନୁଷ୍ୟର ଅନ୍ତଃକରଣ ଆପେ ଆପେ ଆଲୋକିତ ହୋଇଥାଏ । ତେଣୁ ହେ ଭଦ୍ରକ "ଅପ୍ପ ଦୀପୋ ଭବ" ଅର୍ଥାତ୍ ନିଜେ ହିଁ ନିଜ ହିଁ ନିଜକୁ ଆଲୋକିତ କର । ଏହା ହିଁ ମୋର ଜୀବନଦର୍ଶନ । ସାରା ଜୀବନ ମୁଁ ଏହି ଆଦର୍ଶର ପ୍ରଚାର କରିଆସିଛି । ଭଗବାନ ବୁଦ୍ଧଙ୍କ ଏହି ଅନ୍ତିମ ଉପଦେଶ ଶୁଣି ଭଦ୍ରକ ବୁଝିପାରିଲେ ଯେ ନିଜେ ହିଁ ନିଜ ଅଭ୍ୟନ୍ତରକୁ ଆଲୋକିତ କରିବା ଲାଗି ପ୍ରୟାସ କରିବା ଉଚିତ ହେବ ।

# ବିଷାକ୍ତ ହେବାରେ ଲାଗିଛି ଚାଉଳ

**ଆର୍ସେନିକ କେବଳ କ୍ୟାନସରର ନୁହେଁ , ବରଂ ମଧୁମେହ , ଗର୍ଭାବସ୍ଥା ସହ ଜଡ଼ିତ ସମସ୍ୟା , ପିଲାଙ୍କ ମସ୍ତିଷ୍କ ବିକାଶରେ ବାଧା, ଦୁର୍ବଳ ଇମ୍ୟୁନ ସିଷ୍ଟମ ଓ ଆହୁରି ଅନେକ ପ୍ରାଣଘାତୀ ରୋଗର ମଧ୍ୟ ବଡ଼ କାରଣ ହୋଇପାରେ।**

ବିଶ୍ୱର ଅଧାରୁ ଅଧିକ ଲୋକଙ୍କର ଖାଦ୍ୟ ଯେଉଁ ଚାଉଳ ହୋଇଥାଏ , ଏବେ ସେହି ଚାଉଳ ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରି ପାରେ। ନିକଟରେ ପ୍ରକାଶିତ ଏକ ଅନ୍ତଃରାଷ୍ଟ୍ରୀୟ ରିସର୍ଚ୍ଚରେ ଦାବି କରାଯାଇଛି ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ଚାଉଳରେ ବିଷ ଭଳି ଆର୍ସେନିକର ପରିଣାମ ବୃଦ୍ଧି ପାଇବାରେ ଲାଗିଛି। ବୈଜ୍ଞାନିକଙ୍କ କହିବାନୁସାରେ , ଯଦି ଏହି ପ୍ରକ୍ରିୟା ଏମିତି ହିଁ ଚାଲୁ ରହେ ,ତ ୨୦୫୦ ଯାଏ କେବଳ ଚୀନ୍‌ରେ ହିଁ ପାଖାପାଖି ୧କୋଟି ୯୩ ଲକ୍ଷ ଲୋକ କ୍ୟାନସର ଭଳି ପ୍ରାଣଘାତୀ ରୋଗର ଶିକାର ହୋଇପାରନ୍ତି। ରିପୋର୍ଟରେ ଭାରତ ସମେତ ଅନ୍ୟ ଏସୀୟ ଦେଶରେ ମଧ୍ୟ ବଢୁଥିବା ବିପଦର ସଙ୍କେତ ରହିଛି। ଆର୍ସେନିକ କୌଣସି ନୂଆ ଉପାଦାନ ନୁହେଁ। ଏହା ମାଟି, ପାଣି ଓ ପବନରେ ପ୍ରାକୃତିକ ରୂପେ ମିଳିଥାଏ। କିନ୍ତୁ ଯେବେ ଧାନ ଚାଷ ହୋଇଥାଏ , ତ ମାଟିରୁ ଏହି ଆର୍ସେନିକ ଗଛ ମାଧ୍ୟମରେ ଚାଉଳରେ ପହଞ୍ଚି ଥାଏ। ଏମିତି ତ ଏହି ମାତ୍ରା ସାଧାରଣ ହୋଇଥାଏ, ହେଲେ ଯଦି ଲଗାତାର ବର୍ଷ ବର୍ଷ ଧରି ଶରୀରକୁ ଯାଇଥାଏ , ତ ଏହା ଗୁରୁତର ରୋଗ ଯେପରି କ୍ୟାନସର, ଫୁସଫୁସର ରୋଗ ଓ ହୃଦ୍‌ରୋଗକୁ ଜନ୍ମ ଦେଇପାରେ। କୋଲମ୍ବିଆ ୟୁନିଭର୍ସିଟିର ପ୍ରଫେସର ଲୁଇସ୍ ଜିସ୍କା ଏହି ରିସର୍ଚ୍ଚର ନେତୃତ୍ୱ ନେଇଥିଲେ ଏବଂ କହିଥିଲେ କି, ତାପମାତ୍ରା ବୃଦ୍ଧି ଓ କାର୍ବନ ଡାଇଅକ୍ସାଇଡ୍‌ର ସ୍ତର ଚାଉଳକୁ ବିଷାକ୍ତ କରୁଛି। ଗବେଷକମାନେ ଚୀନର ୪ଟି ଅଲଗା ଅଲଗା ସ୍ଥାନରେ ୨୮ ପ୍ରକାରର ଧାନର କିସମ ଚାଷ କରିଥିଲେ। ୧୦ ବର୍ଷ ଯାଏ ନିରୀକ୍ଷଣ କରିଥିଲେ। ଫଳାଫଳ ଆଶ୍ଚର୍ଯ୍ୟକର ଥିଲା। ସେ ଜାଣିବାକୁ ପାଇଥିଲେ କି, ଯେମିତି ତାପମାତ୍ରା ଓ କାର୍ବନ ଡାଇଅକ୍ସାଇଡ୍ ବଢୁଛି ,ଚାଉଳରେ ଆର୍ସେନିକର ପରିମାଣ ମଧ୍ୟ ସେହି ପରିମାଣରେ ବଢି ଚାଲିଛି। ଏହା ପରେ ଗବେଷକମାନେ ଏସିଆର ସେହି ୭ଟି ଦେଶ–ଭାରତ, ବାଂଲାଦେଶ, ଚୀନ୍, ଭିଏତନାମ, ଇଣ୍ଡୋନେସିଆ, ମିଆଁମାର ଓ ଫିଲିଫାଇନ୍ସ ଉପରେ ଧ୍ୟାନ କେନ୍ଦ୍ରିତ କଲେ, ଯେଉଁଠି ଚାଉଳର ବ୍ୟବହାର ସବୁଠୁ ଅଧିକ ହୋଇ ଥାଏ। ସେମାନେ ଏହି ଦେଶ ଗୁଡ଼ିକରେ ମୁଣ୍ଡପିଛା ପ୍ରତି ବ୍ୟକ୍ତି ଚାଉଳ ବ୍ୟବହାରର ତଥ୍ୟ ଆଧାରରେ ଏହି ଅନୁମାନ କରିଛନ୍ତି ଯେ, ଭବିଷ୍ୟତରେ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଏହାର କେତେ ଗଭୀର ପ୍ରଭାବ ପଡ଼ିପାରେ। ଅଧ୍ୟୟନରୁ ଜଣାପଡ଼ିଛି ଯେ ଏହି ସବୁ ଦେଶରେ ଚାଉଳରେ ଆର୍ସେନିକର ମାତ୍ରା ବୃଦ୍ଧି ସିଧାସଳଖ ମୂତ୍ରାଶୟ, ଫୁସଫୁସ୍ ଓ ତ୍ୱଚା କ୍ୟାନସର ଭଳି ଗୁରୁତର ରୋଗର ମାମଲା ବୃଦ୍ଧି ସହ ଜଡ଼ିତ। ଲାସେଣ୍ଟରେ ପ୍ରକାଶିତ ରିପୋର୍ଟ ଏହା ମଧ୍ୟ ସଙ୍କେତ ଦେଇଛି ଯେ, ଆର୍ସେନିକ କେବଳ କ୍ୟାନସରର ନୁହେଁ , ବରଂ ମଧୁମେହ , ଗର୍ଭାବସ୍ଥା ସହ ଜଡ଼ିତ ସମସ୍ୟା , ପିଲାଙ୍କ ମସ୍ତିଷ୍କ ବିକାଶରେ ବାଧା, ଦୁର୍ବଳ ଇମ୍ୟୁନ ସିଷ୍ଟମ ଓ ଆହୁରି ଅନେକ ପ୍ରାଣଘାତୀ ରୋଗର ମଧ୍ୟ ବଡ଼ କାରଣ ହୋଇପାରେ। ଉକ୍ତ ରିପୋର୍ଟ ସ୍ପଷ୍ଟ କରିଛି ଯେ, ଯଦି ଚାଉଳରେ ଆର୍ସେନିକର ମାତ୍ରା ଉପରେ କାବୁ କରାଯାଇ ପାରିନାହିଁ , ତ ଏହି ଦେଶ ଭବିଷ୍ୟତରେ ଗୁରୁତର ସ୍ୱାସ୍ଥ୍ୟ ସଙ୍କଟର ସାମ୍ନା କରିପାରେ। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି କି, ଏହି ବିପଦ କେବଳ ଭାରତ–ଚୀନ ବା ଏସିଆ ଯାଏ ସୀମିତ ନୁହେଁ। ୟୁରୋପ ଓ ଆମେରିକା ଭଳି ଦେଶରେ ମଧ୍ୟ ଯେଉଁଠି ମାଟିରେ କମ୍ ଆର୍ସେନିକ୍ ରହିଛି, ସେଠାରେ ମଧ୍ୟ ଚାଉଳ ମଣିଷର ଶରୀରରେ ଅଜୈବିକ ଆର୍ସେନିକ ପହଞ୍ଚିବାର ବଡ଼ ଉତ୍ସ ହେବାରେ ଲାଗିଛି।





# ବିଏସଏନଏଲ ନେଟୱର୍କ ସେବା ବ୍ୟାହତ, ଜନଅସନ୍ତୋଷ

ହିଞ୍ଜିଳିକାଟୁ,(ନିପ୍ର) : ବର୍ତ୍ତମାନ ବିଭିନ୍ନ ମୋବାଇଲ କମ୍ପାନୀକୁ ନେଇ ନିଜ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଥିବା ବେଳେ ବିଏସଏନଏଲ ବ୍ରଡବ୍ୟାଣ୍ଡ ଓ ୩ ଜି



ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଏହାର ତ୍ରୁଟି ସୁଧାରିବା ପାଇଁ କର୍ତ୍ତୃପକ୍ଷ କୌଣସି ପ୍ରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁନଥିବାରୁ ବହୁ ଉପଭୋକ୍ତା ବିଏସଏନଏଲ ସେବାରୁ ମୁହଁ ଫେରାଇ ନେଉଛନ୍ତି । କିଛି ମାସ ଧରି ହିଞ୍ଜିଳିକାଟୁ ଅଞ୍ଚଳରେ ନେଟୱର୍କ ନଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି । ଜରୁରୀକାଳୀନ ସେବା କ୍ଷେତ୍ରରେ ଯୋଗାଯୋଗ ପାଇଁ ନାହିଁନଥିବା ସମସ୍ୟା ଉପୁଜୁଛି । ରୋଗୀଙ୍କ ସକାଶେ ଆବଶ୍ୟକ ପଡୁଥିବା ଆମ୍ବୁଲାନ୍ସ ସେବା ସକାଶେ ନିଶୁଳ୍କ ନଂ- ୧୦୮, ଗର୍ଭବତୀ ମହିଳା ଓ ୧ ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇବା ପାଇଁ ୧୦୨, ନିଆଁ ଲିଭା କିମ୍ବା ଜରୁରୀକାଳୀନ ସେବାର ଆବଶ୍ୟକତା ପଡିଲେ ଅଗ୍ନିଶମ ବାହିନୀ ସକାଶେ ୧୦୧ ଏବଂ ଗଣ୍ଡୋଗୋଳ, ଅପ୍ରୀତିକାର ପରିସ୍ଥିତର ମୁକାବିଲା ସକାଶେ ପୋଲିସ ବାହିନୀର ସହାୟତା ସକାଶେ ନଂ- ୧୦୦ ସହ ଯୋଗାଯୋଗ କରିବା ପାଇଁ ବାରମ୍ବାର ଚେଷ୍ଟା କରାଯାଉଥିଲେ ମଧ୍ୟ ସମ୍ଭବପର ହୋଇ ପାରୁନାହିଁ ।

# ବିଶିଷ୍ଟ ସମାଜସେବୀ କିଶୋର ସାମଲଙ୍କ ପରଲୋକ

ଭୁବନେଶ୍ୱର,(ନିପ୍ର): ବରିଷ୍ଠ କଂଗ୍ରେସ ନେତା, ଚୌଦ୍ୱାର ମ୍ୟୁନିସିପାଲିଟି ୧ ନମ୍ବର ୱାର୍ଡ଼ର ପୂର୍ବତନ କାଉନସିଲର, ଜଣାଶୁଣା ସମାଜସେବୀ ତଥା ଚୌଦ୍ୱାର କଲେଜର ପୁରାତନ ଛାତ୍ର ସଂସଦର ଉପସଭାପତି କିଶୋର ସାମଲଙ୍କର ବୁଧବାର ସକାଳେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା । ଗତ କିଛିଦିନ ଧରି ସେ ଅସୁସ୍ଥ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପତ୍ନୀ, ପୁତ୍ର, ପରିବାରବର୍ଗ ଓ ଆତ୍ମୀୟ ସଜ୍ଜନ ଉପସ୍ଥିତ ଥିଲେ । ଶ୍ରୀ ସାମଲଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ନଗର କଂଗ୍ରେସ ସଭାପତି ବିଜୟ ବେହେରା, ସମ୍ପାଦକ ହରିହର ପରିଡ଼ା, କଟକ ଜିଲ୍ଲା ଯୁବ କଂଗ୍ରେସ କର୍ମକର୍ତ୍ତା ଜିନେଶ ଦାସ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ ।

# ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଲୋକାର୍ପିତ

ନିଆଳି,(ନିପ୍ର): ପ୍ରାୟ ୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସଂପ୍ରସାରିତ ନୂତନ ଗୃହର ଶୁଭ ଉଦ୍‌ଘାଟନ ହୋଇଛି । ଏହି ଉଦ୍‌ଘାଟନ ଉତ୍ସବରେ ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ,ନିଆଳି ବିଧାୟକ ଛବି ମଲ୍ଲିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି ୩୦ ଶଯ୍ୟା ବିଶିଷ୍ଟ ନୂତନ ଗୃହକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରି ଏହା ଦ୍ୱାରା ଦୀର୍ଘଦିନ ଧରି ଡାକ୍ତରଖାନାରେ ରହିଥିବା ଗୃହ ଅଭାବ ଜନିତ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲ୍ଲାପରିଷଦସଦସ୍ୟ ଦେବାଶିଷ ଷଡଙ୍ଗୀ, ବିଜେପି ଜିଲ୍ଲାସଭାପତି ସୁକାନ୍ତ କୁମାର ବିଶ୍ୱାଳ, ବିଜେପି ନେତା ଶଶୀକାନ୍ତ ଲେଙ୍କା,ସାଂସଦଙ୍କ ପ୍ରତିନିଧି ଜ୍ୟୋତିରଂଜନ ମହାନ୍ତି,ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ହୋତା, ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଏସ୍.ଏନ୍.ନବୀନ୍,ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସଂଜୀବ୍ ମହାପାତ୍ର ପ୍ରମୁଖ ଯୋଗଦେଇ ଏହି ଗୃହ ନିର୍ମାଣ ହେବା ପରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବେଶ୍ ତ୍ୱରାନ୍ୱିତ ହୋଇପାରିବ ବୋଲି କହିଥିଲେ ।

# ଅଭିଯୁକ୍ତକୁ ୨ ବର୍ଷ କାରାଦଣ୍ଡ

ଚମ୍ପୁଆ(ନିପ୍ର): ଘରେ ପଶି ଆକ୍ରମଣ ଘଟଣାର ବିଚାର କରି ଚମ୍ପୁଆ ଏସଡିଜେଏମ୍ ଦିପକ କୁମାର ସାଥୁଆ ଅଭିଯୁକ୍ତକୁ ୨ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୨ ହଜାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି । ସୂଚନା ଅନୁସାରେ ବାରିଆ ଥାନା ଅନ୍ତର୍ଗତ ପାଣପୋଶି ଗ୍ରାମରେ ଗତ ୩ତାରିଖରେ ସେହି ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ମହାନ୍ତ ଓ ହୃଷିକେଶ ମହାନ୍ତଙ୍କ ମଧ୍ୟରେ ବଚସା ପରେ ହୃଷିକେଶ ଘରେ ପଶି ପୂର୍ଣ୍ଣ ଚନ୍ଦ୍ର ଆକ୍ରମଣ କରିବା ସହିତ ଲହୁଲୁହାଣ କରିଦେଇଥିଲେ । ଏ ନେଇ ହୃଷିକେଶଙ୍କ ସ୍ତ୍ରୀ ଫୁଲମଣୀ ମହାନ୍ତ ବାରିଆ ଥାନାରେ ଅଭିଯୋଗ କରିଥିଲେ । ୬ ଜଣ ଶାକ୍ଷୀଙ୍କ ବୟାନକୁ ଭିତି କରି ମାନ୍ୟବର କୋର୍ଟ ଅଭିଯୁକ୍ତ ଉକ୍ତ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ଅର୍ଥ ଅନାଦେୟ ୨ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

# ଆସିକାରେ ମଦ ଧରପଗଡ଼ ପାଲଟିଛି ପ୍ରହସନ !

ଆସିକା,(ନିପ୍ର): ଗଞ୍ଜାମ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ମଦ ଧରପଗଡ଼ ଏକ ପ୍ରହସନ ପାଲଟିଛି । ଆସିକା ଅଞ୍ଚଳରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଛୋଟ ଛୋଟ ଚୋରା ମଦ ବେପାରୀଙ୍କୁ ଧରି ବାଃ ବାଃ ନେଉଥିବାବେଳେ ଅବକାରୀ ବିଭାଗର କିଛି ନ୍ୟସ୍ତସ୍ୱାର୍ଥ ଅଧିକାରୀଙ୍କ ଛତ୍ରଛାୟା ତଳେ ଏହି ମଦ ବେପାର ଚାଲିଥିବା ଅଞ୍ଚଳର ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ଏହି ସୂତ୍ରରୁ ପ୍ରକାଶ ଯେ ଅବକାରୀ ବିଭାଗୀୟ କିଛି ଅଧିକାରୀ ବାହାବା ପାଇବା ପାଇଁ ଛୋଟ ଛୋଟ ବେପାରୀଙ୍କୁ ଧରି ସେମାନଙ୍କ ଠାରୁ ଅଳ୍ପ ମାତ୍ରାରେ ମଦ ଜବତ କରି ମଦ ପରିମାଣ ବଢ଼ାଇ ହଇରାଣ କରୁଛନ୍ତି । ଝିଣ୍ଟିକା ମାରି ବଣୀ ପୋଷିବା ନୀତିରେ ଚାଲିଛି ଜିଲ୍ଲା ଅବକାରୀ ବିଭାଗ ବୋଲି ଅଞ୍ଚଳରେ ବର୍ତ୍ତମାନ ଆଲୋଚିତ ହେଉଛି । କୁହାଯାଉଛି ଯଦି ଅବକାରୀ ବିଭାଗ ପକ୍ଷରୁ ମଦ ଧରପଗଡ଼ ନିୟମିତ ଧାରାରେ ଚାଲିଛି ତେବେ ବହୁ ପରିମାଣରଚୋରା ମଦ ଆସିକା ଅଞ୍ଚଳକୁ ଆସୁଛି କେଉଁଠୁ ବୋଲି ପ୍ରଶ୍ନବାଚୀ ଉଠୁଛି ।

ପ୍ରକାଶ ଥାଉକି ଜିଲ୍ଲା ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଆସିକାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲା । ବିଶେଷ କରି ବେଆଇନ ଭାବେ ଆସ୍କା ଫୋର୍ଟି ଓ ଉମରି ଡିଷ୍ଟଲେରୀ ବିକ୍ରି ଅଭିଯୋଗରେ ଜଣେ ବ୍ୟକ୍ତିକୁ ଗିରଫ କରିଛି ବ୍ରହ୍ମପୁର ଗୁଇନ୍ଦା ଅବକାରୀ ବିଭାଗ । ଗିରଫ ଅଭିଯୁକ୍ତ ଧରାକୋଟ ଥାନା ଜି. ଦାମୋଦର ପାଲ୍ଲି ଗ୍ରାମର ବଳରାମ ପଡିଆରି ହୋଇଥିବା ଜଣାପଡିଛି । ଜି. ଦାମୋଦର ପାଲ୍ଲି ଛକ ନିକଟରେ ବେଆଇନ ମଦ ବିକ୍ରି ନେଇ ବିଶେଷ ସୂତ୍ରରୁ ଖବରପାଇ ବ୍ରହ୍ମପୁର ଅବକାରୀ ଡେପୁଟି କମିସନର ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଏ ଏସ୍ ଆଇ ସୁରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଗୋଟିଏ ଟିମ ଅତର୍କିତ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ବଳରାମଙ୍କ ନିକଟରୁ ଦୁଇ ପେଟି ଆସ୍କା ଫୋର୍ଟି, ୪୯ ବୋତଲ ଉମରି ଡିଷ୍ଟଲେରି ସହ ୮୦ ଲିଟର ଦେଶୀ ମଦ ଜବତ କରିବାରେ ସକ୍ଷମ ହୋଇଛି । ବେଆଇନ ମଦ ଗଚ୍ଛିତ ଅଭିଯୋଗରେ ୮୨ / ୨୫ ରେ ଏକ ମାମଲା ରୁଜୁ କରାଯାଇ ବଳରାମଙ୍କୁ ଗିରଫ କରାଯାଇଛି । ତେବେ ଏଠି ପ୍ରଶ୍ନ ଯେଅଞ୍ଚଳରେ ଆସ୍କା ଫୋର୍ଟି ବିକ୍ରି ନିଷେଧ ଥିବା ମଦ କିଭଳି ଲୋକଙ୍କ ନିକଟକୁ ଆସିଲା । ଏହା ର କଳା ବଜାରୀ ପଛରେ କାହାରି ହାତ ରହିଛି । ଆସିକା ଚିନି କଳ ପାଚେରୀ ଡେଇଁ କିଭଳି ଲୋକଙ୍କ ପାଖକୁ ଆସିଛୁ ମଦ । କେହୁଠି ରହିଛି ଢିଲାପଣ । ଯଦି ଗୋଟିଏ ସ୍ଥାନରୁ ଏତେ ପରିମାଣର ଆସ୍କା ଫୋର୍ଟି ଜବତ ହୋଇପାରୁଛି ତେବେ ପୂରା ଅଞ୍ଚଳରେ କେତେ ପରିମାଣର ମଦ ନରହିଥିବ ବୋଲି ସାଧାରଣରେ କୁହାଯାଉଛି । ସାଧାରଣ ଲୋକ ଚିନି କଳରୁ ମଦ ଆଣି ବିକ୍ରିକରିବା ସମ୍ଭବ ନଥିବା ବେଳେ ଫାକ୍ଟ୍ରିରୁ ଆସ୍କା ଫୋର୍ଟି ଯୋଗାଉଥିବା ଚେନ୍‌କୁ ଅବକାରୀ ବିଭାଗ ଧରିବା ଏବେ ଜରୁରୀ ହୋଇପଡିଛି । ତେବେ ଅବକାରୀ ବିଭାଗ ପାଖରେ ଯଦି ଆଗରୁ ଅଭିଯୋଗ ଥିଲା ତେବେ ତାହା ଉପରେ ଧରପଗଡ଼ କାହିଁକି କରିନଥିଲା । ମଦ ଚାଲାଣ କାରୀଙ୍କୁ ଧରିବା ଲାଗି କି ପଦକ୍ଷେପ ଗ୍ରହଣ କରାଯାଉଛି ନା କେବଳ ବିକ୍ରି କରୁଥିବା ଲୋକଙ୍କୁ ଧରି ଅବକାରୀ ବିଭାଗ ବାହାବା ନେଉଛି ତାହା ଆଗାମୀ ଦିନରେ ଜଣାପଡିବ ବୋଲି ଅଞ୍ଚଳର ସଚେତନ ନାଗରିକ ମହଲରେ ମତ ପ୍ରକାଶ ପାଇଛି ।

# ‘ସ୍ୱପ୍ନମହଲ’ବୃଦ୍ଧାଶ୍ରମ ଗୃହ ଉଦ୍‌ଘାଟିତ

ଟାଙ୍ଗୀ-ଚୌଦ୍ୱାର,(ନି.ପ୍ର.) : ଚୌଦ୍ୱାର ଥାନା ଅନ୍ତର୍ଗତ ଆଗ୍ରାହାଟ ଗ୍ରାମର ଡାଳ ହନୁମାନ ସାହିରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱପ୍ନ ଫାଉଣ୍ଡେସନ୍ ଓ କାଜିପାଟଣାସ୍ଥିତ ଇଂ. ଅଭିଷେକ ପାଲମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନିର୍ମିତ ସ୍ୱପ୍ନମହଲ ବୃଦ୍ଧାଶ୍ରମର ନୂତନ ଗୃହର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଗୃହର ଉଦ୍‌ଘାଟନ କରିଥିବାବେଳେ ବାରବାଟୀ-କଟକର ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଫାଉଣ୍ଡେସନ୍‌ରଏ ଭଳି ମହତ୍ କାର୍ଯ୍ୟକ୍ରମକୁ ପ୍ରଶଂସାକରିଥିଲେ । ଅନ୍ୟତମ ଅତିଥି ଭାବେ ଚୌଦ୍ୱାର ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ୧୨ନଂ. ୱାର୍ଡ଼ ପାରିଷଦ ସୁବ୍ରତ କୁମାରସାମଲ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ପର୍ଯ୍ୟାୟରେ ୧୫ରୁ ଅଧିକ ବୃଦ୍ଧବୃଦ୍ଧାମାନଙ୍କୁ ରଖାଯାଇ ସେମାନଙ୍କ ସେବା କରାଯିବ ବୋଲି ଅନୁଷ୍ଠାନର ସଭାପତି ସୁଧାଂଶୁ ପାତ୍ର ଓ ବିଜୟ କୁମାର ପାଲ ପ୍ରକାଶକରିଛନ୍ତି । ଏହାସହ ଆଖପାଖ ଅଂଚଳର




ବ୍ୟକ୍ତିବିଶେଷମାନେ ଆଗକୁ ଆସି ଫାଉଣ୍ଡେସନ୍‌ର ଆଜୀବନ ସଦସ୍ୟତା ଗ୍ରହଣକରି ସମାଜରେ ଅବହେଳିତ ବୃଦ୍ଧବୃଦ୍ଧାମାନଙ୍କର ସାହାରା ପାଲଟିବା ପାଇଁ ସଭାପତି ଶ୍ରୀ ପାତ୍ର ପ୍ରକାଶ କରିଥିଲେ । ଏ ଅବସରରେ ପ୍ରେସ୍‌ଟ୍ରଷ୍ଟ ଅଫ୍ ଟାଙ୍ଗୀ-ଚୌଦ୍ୱାରର ସମସ୍ତ ସଦସ୍ୟ ଯୋଗ ଦେଇ ଫାଉଣ୍ଡେସନ୍‌ର ଆଜୀବନ ସଦସ୍ୟତା ଗ୍ରହଣ କରିଥିଲେ । ଆଗାମୀ ଦିନରେ ଫାଉଣ୍ଡେସନ୍‌ର ବିଭିନ୍ନ ସମାଜ ସେବା କ୍ଷେତ୍ରରେ ନିଜକୁ ସାମିଲ କରିବାସହ ଏଭଳି ଅସହାୟ ଲୋକଙ୍କ ପାଇଁ ସବୁ ସମୟରେ ସାହାଯ୍ୟର ହାତ ବଢ଼ାଇବେ ବୋଲି ଟ୍ରଷ୍ଟର ବରିଷ୍ଠ ଉପଦେଷ୍ଟା ରତିକାନ୍ତ ପଟ୍ଟନାୟକ ଓ ନରେଶ କୁମାର ସାହୁଙ୍କସହ ସ୍ୱାଧୀନ କୁମାର ଦାସ, ସୁଧାଂଶୁ ଶେଖର ପରିଜା, ବିଶ୍ୱଜିତ୍ ବିଶ୍ୱାଳ, ନାରାୟଣଚନ୍ଦ୍ର ଜେନା ପ୍ରମୁଖ ପ୍ରକାଶ କରିଛନ୍ତି ।

# ବାଣୀ ବିଦ୍ୟାମନ୍ଦିର ପ୍ରଧାନଶିକ୍ଷକଙ୍କ ନାମରେ ଅର୍ଥ ହେରଫେର ମାମଲା

ପିପିଲି,(ନିପ୍ର): ପିପିଲି ଥାନା ଅଧୀନ ଜଇସିପାଟଣା ବାଣୀ ବିଦ୍ୟା ମନ୍ଦିର ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାମରେ ଅର୍ଥ ହେରଫେର ମାମଲା ପିପିଲି ଥାନାରେ ଆଗତ ହୋଇଛି । ଏହା ପୂର୍ବରୁ ପିପିଲି ଥାନାରେ ଓ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ପିପିଲି ପୋଲିସ ପ୍ରଧାନ ଶିକ୍ଷକଙ୍କୁ ଘଣ୍ଟ ଘୋଡାଇ ସୁରକ୍ଷା ଦେବାରେ ଅଭିଯୋଗକାରୀମାନେ ପିପିଲି ଜୁଡ଼ିସିଆଲ ମାଜିଷ୍ଟ୍ରେଟ ସଂଗ୍ରାମ କୁମାର ମିଶ୍ରଙ୍କ କୋର୍ଟରେ ଦ୍ୱାରସ୍ଥ ହେବା ପରେ କୋର୍ଟଙ୍କ ନିର୍ଦ୍ଦେଶରେ ଥାନାରେ ମାମଲା ହୋଇଛି ।

ସୂଚନା ଅନୁଯାୟୀ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପିପିଲି ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ଗିରୀଶ ଚନ୍ଦ୍ର ସ୍ୱାଇଁ ଜଇସିପାଟଣା ବାଣୀ ବିଦ୍ୟା ମନ୍ଦିର ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିବା ବେଳେ ଗତ ୧୦.୩.୨୦୨୦ ରିଖ ରିଜୁଲେସନ ମୁତାବକ ସ୍କୁଲର ଆୟବ୍ୟୟ, ଶିକ୍ଷକଶିକ୍ଷୟିତ୍ରୀ, ଧାଈ ସମସ୍ତଙ୍କର ମାସିକ ଦରମା ନେଣ ଦେଣ କରିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇ କାଗଜ ପତ୍ର ପ୍ରଦାନ କରାଯାଇ ଥିଲା ।

୨୦୨୪/୨୦୨୫ରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଚଳିତ ବର୍ଷ ଜାନୁଆରୀ ୧୦ ତାରିଖରେ ଅନୁଷ୍ଠିତ ହୋଇଥିଲା । ବାର୍ଷିକ ଉତ୍ସବ ପାଇଁ ବିଦ୍ୟାଳୟ କମିଟି ତରଫରୁ ଏକ ଲକ୍ଷ ୨୦ ହଜାର, ଛାତ୍ରଛାତ୍ରୀମାନଙ୍କ ଅଭିଭାବକଙ୍କ ଠାରୁ ୪୪ ହଜାର ଟଙ୍କା, ଉତ୍ସବରେ ଯୋଗଦେଇ ଥିବା ଅତିଥିଙ୍କ ଠାରୁ ୬୦ ହଜାର, ଷ୍ଟାଫଙ୍କ ୨ ମାସର ଦରମା ୮୦ ହଜାର ଟଙ୍କା, ମୋଟ ୩ ଲକ୍ଷ ୪ ହଜାର ୨୦୦ ଟଙ୍କା ଆଦାୟ ହୋଇ ଥିବା ବେଳେ ଖର୍ଚ୍ଚ ହୋଇଥିଲା ୬୨ ହଜାର ଟଙ୍କା, ବଳକା ୨ ଲକ୍ଷ ୪୨ ହଜାର ୨୦୦ ନେଇ ଫେରାର ହେବା ସହିତ ବିଦ୍ୟାଳୟର ଟିଉସନ ବାବଦକୁ ୪ ବର୍ଷର ୨୫ ଲକ୍ଷ ୪୪ ହଜାର, ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମାସିକ ଦରମା ୪୪ ହଜାର ହୋଇ ଥିବା ବେଳେ ୪ ବର୍ଷକୁ ୧୯ ଲକ୍ଷ ୨୦ ହଜାର ଦିଆଯାଇଛି ବୋଲି କୁକୁହାଯାଇଛି । ୪ ଲକ୍ଷ ୩୨ ହଜାରରୁ ବାର୍ଷିକ ଉତ୍ସବରୁ ବଳି ଥିବା ୨ ଲକ୍ଷ ୪୨ ହଜାର ଏଭଳି ୬ ଲକ୍ଷ ୭୪ ହଜାର ୨୦୦ ଟଙ୍କା ନେଇ ବିଦ୍ୟାଳୟକୁ ଆସିଲେ ନାହିଁ । ପ୍ରଧାନ ଶିକ୍ଷକ ବିଦ୍ୟାଳୟକୁ ନ ଆସିବାରୁ ତାଙ୍କୁ ଫୋନ ଯୋଗେ ଡାକିବାରୁ ବିଭିନ୍ନ ପ୍ରକାର ଧମକ ଦେଇ ଥିବା ଅର୍ଜୁନ ମହାରଣା, ନିର୍ମଳ ଚନ୍ଦ୍ର ପାଢ଼ୀ, ସଞ୍ଜୟ କୁମାର ପ୍ରଧାନ, ପ୍ରଦୀପ୍ତ ଗୁରୁ. ସୁରେନ୍ଦ୍ର ରାଉତ, ଅନ୍ନପୂର୍ଣ୍ଣା ରାଉତରାୟ ଅଭିଯୋଗ ଆଣିଛନ୍ତି । ଏଥିନେଇ ପିପିଲି ଥାନା କେଶ ନଂ ୨୨୫/୨୫ ରେ ୨୦୨୩ ଭାରତୀୟ ନ୍ୟାୟ ସଂହିତା। ୩୧୬(୨), ୩୧୬(୪).୩୧୬(୫),୩୧୮( ୪).୩୩୫, ୩୩୬(୨) ୩୩୬(୩), ୩୪୦(୨).୩୫୧( ୨), ଆଗତ ହୋଇଛି ।

# ନିଶାମୁକ୍ତ ଭାରତ ଅଭିଯାନ ଓ ସିଭିଲ ଡିଫେନ୍ସ ମକ୍ ଡ୍ରିଲ

ନିରାକାରପୁର,(ନିପ୍ର): କେବିଡ଼ିଏବି କଲେଜ ନିରାକାରପୁରରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ବାଳିକା ବିଭାଗ ଦ୍ୱାରା ନିଶାମୁକ୍ତ ଭାରତ ଅଭିଯାନ ଓ ସିଭିଲ ଡିଫେନ୍ସ ମକ୍ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନ ଟି ଏନସିସି ଅଫିସର ଲେଫ୍ଟନାଣ୍ଟ ଲକ୍ଷ୍ମୀପ୍ରିୟା ଚାନ୍ଦଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଆଜିର ଅଧକ୍ଷ ଦାୟିତ୍ୱରେ ଥିବା ଡକ୍ଟର ମୃତ୍ୟୁଞ୍ଜୟ ରଥ ଉପସ୍ଥିତ ରହି ସଭାଟିକୁ ସଫଳ୍ୟ ମଣ୍ଡିତ କରିଥିଲେ ।



ସଭାରେ ୨୫ ଜଣ କ୍ୟାଡେଟ ଭାଗ ନେଇଥିଲେ । ସଭାରେ ଅରୁଣ କୁମାର କର ଉପସ୍ଥିତ ଥିଲେ । ଶୋଭାଯାତ୍ରାଟି କଲେଜ ନିକଟରୁ ବାହାରି ନିରାକାର ପୁର ମାର୍କେଟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା ।

# କେନ୍ଦ୍ରାପଡ଼ା ଜିଲ୍ଲାରେ ୧୭ ସ୍ଥାନରେ ମକଡ୍ରିଲ

କେନ୍ଦ୍ରାପଡା,(ନିପ୍ର): ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାପରେ ପାକିସ୍ତାନ ସହିତ ଲାଗି ରହିଥିବା ଯୁଦ୍ଧ ଉତ୍ତେଜନାକୁ ନେଇ କେନ୍ଦ୍ର ଗୃହମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଓଡ଼ିଶାରେ ସିଭିଲ ଡିଫେନସ ଭିତ୍ତିଭୂମିକୁ ଉନ୍ନତ କରିବାକୁ ସୁରକ୍ଷା ମକଡ୍ରିଲ କରିବା ନିମନ୍ତେ ନିର୍ଦ୍ଦେଶନାମା ଜାରି ହୋଇଥିଲା । ଯୁଦ୍ଧ ସମୟରେ ସାଧାରଣ ନାଗରିକ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେଥିପାଇଁ କେନ୍ଦ୍ରାପଡ଼ା ଜିଲ୍ଲାରେ ୧୭ଟି ସ୍ଥାନରେ ସୁରକ୍ଷା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଏହି ମକଡ୍ରିଲ ପାଖାପାଖି ଏକ ସପ୍ତାହ ଧରି ଚାଲିବ ବୋଲି ଗୃହ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଏହି ମକଡ୍ରିଲ କରିବା ଲାଗି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ ସିଭିଲ ଡିଫେନସ ମହାନିର୍ଦ୍ଦେଶକ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶନାମା ଜାରି କରିଥିଲେ । ଏହି କ୍ରମରେ ଜିଲ୍ଲାର ସଦର ମହକୁମା ସ୍ଥିତ ପୁରୁଣା ବସଷ୍ଟାଣ୍ଡ ଓ ୮ଟି ବ୍ଲକର ୧୬ଟି ସ୍ଥାନରେ ଅପରାହ୍ନ ୪ ଟା ସମୟରେ ସାଇରନ ୫ ମିନିଟ ଧରି ବାଜି ଉଠିଥିଲା । ଏହି ସୁରକ୍ଷା ସତର୍କତା ସାଇରନ ବାଜିଉଠିବା ସମୟରେ ସାଧାରଣ ଜନସାଧାରଣ, ଛାତ୍ରଛାତ୍ରୀମାନଙ୍କୁ ବାହାରେ ବୁଲାବୁଲି ନ କରି ନିକଟସ୍ଥ ଛାତ ଘରେ ଆଶ୍ରୟ ନେବା ପାଇଁ ପୌରପରିଷଦ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି । ଆକାଶ ମାର୍ଗରୁ ଆକ୍ରମଣ ହେଲେ ନିଜ ଧନ ଜୀବନକୁ ସୁରକ୍ଷା ଦେବା ସହ ଅନ୍ୟମାନଙ୍କୁ ଏ ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ମକଡ୍ରିଲରେ ସାମିଲ ହୋଇଥିବା, ସ୍ୱେଚ୍ଛାସେବୀ, ଅପଦାମିତ୍ର, ଏନସିସି, ସିଭିଲ ଡିଫେନସର କର୍ମକର୍ତ୍ତା, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା ) ପକ୍ଷରୁ ସଚେତନ କରାଯାଇଥିଲା ।

# ଅପରେସନ ସିନ୍ଦୂରର ସଫଳତା ନେଇ କଟକରେ ଉତ୍ସବ

କଟକ,(ନିପ୍ର): ସେନାର ପରାକ୍ରମକୁ ନେଇ କଟକ ବିଜେପି ଯୁବମୋର୍ଚ୍ଚାର ସେଲିବ୍ରେସନ । ପହେଲଗାମ ଆତଙ୍କୀ ହମଲାର କଡ଼ା ଜବାବ ଦେଇଛି ସେନା । ଭାରତ ପକ୍ଷରୁ ପାକିସ୍ଥାନକୁ କଡ଼ା ଜବାବ ଦିଆଯାଇଛି । ଗତକାଲି ବିଳମ୍ବିତ ରାତିରେ “ଅପରେସନ ସିନ୍ଦୁର”ର ସଫଳତା ହାସଲ କରିବା ପରେ ଦେଶବ୍ୟାପୀ ଖୁସିର ଲହରୀ ଖେଳିଯାଇଛି । ସମସ୍ତଙ୍କ ମୁହଁରେ ଭାରତ ମାତା କି ଜୟ ଧ୍ୱନିରେ ଗଗନପବନ ପ୍ରକମ୍ପିତ ହୋଇଛି । ପାକିସ୍ଥାନକୁ ଉଚିତ ଜବାବ ମିଳିଛି । ପାକିସ୍ଥାନରେ ଖୋଜି ଖୋଜି ୯ଟି ଆତଙ୍କୀ କ୍ୟାମ୍ପକୁ ଧ୍ୱଂସ କରିବା ପରେ ଅପରେସନ ସିନ୍ଦୁର ସଫଳତା ହାସଲ କରିଛି । ଦେଶବ୍ୟାପୀ ଖୁସିର ମାହୋଲ ଦେଖାଦେଇଥିବାବେଳେ କଟକରେ ଯୋରଦାର



ସେଲିବ୍ରେସନ କରାଯାଇଛି । କଟକ ବିଜେପି ପକ୍ଷରୁ ବାଣ ଫୁଟାଇ, ରଂଗ ଖେଳି ଓ ଜାତୀୟ ପତାକା ଉଡାଇ ଉତ୍ସବ ପାଳନ କରାଯାଇଛି । ପାକିସ୍ଥାନକୁ ଉଚିତ ଜାବାବ ଦେବା ଓ ଆତଙ୍କୀ କ୍ୟାମ୍ପକୁ ଧ୍ୱଂସ କରିବା ଭାରତ ପାଇଁ ଏକ ବଡ଼ ଉପଲବ୍ଧି ବୋଲି କୁହାଯାଇଛି । ଯେଉଁପରି ଭାବରେ ପହେଲଗାମରେ ଆତଙ୍କୀମାନେ ସିନ୍ଦୁର ପୋଛିଥିଲେ, ଭାରତ ତାହାର କଡ଼ା ଜବାବ ଦେଇଛି ବୋଲି ବିଜେପି ଯୁବମୋର୍ଚ୍ଚା ପକ୍ଷରୁ କୁହାଯାଇଛି ।

# ଆବେଦନକୁ ୮ ବର୍ଷ ବିତିଗଲାଣି, ଦିନମଜୁରିଆଙ୍କୁ ମିଳୁନି ରାସନ କାର୍ଡ

କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ବ୍ଲକ ଗୁଲନଗର ଗ୍ରାମ ପଞ୍ଚାୟତ ଖଇରବାଦ ଗ୍ରାମର ଦଳିତ ଯୁବକ ଗୋବିନ୍ଦ ଚନ୍ଦ୍ର ମଲିକ ବୃତ୍ତିରେ ଜଣେ ଦିନ ମଜୁରୀଆ ଓ ପରଘରେ କାମକଲେ ନିଜ ତେଲ ଲୁଣ ସଂସାର ଚଳିଥାଏ ଓ ସେ ଜଣେ ୱାର୍ଡ ମେମ୍ବର ମଧ୍ୟ ଦୀର୍ଘ ୮ ବର୍ଷରୁ ଉର୍ଦ୍ଧ୍ୱ ହେବ ରାସନ କାର୍ଡ ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କର ରାସନ କାର୍ଡ ହୋଇପାରୁନାହିଁ ଓ ସେ ବାରମ୍ବାର ବ୍ଲକ ଠାରୁ ଆରମ୍ଭ କରି କଲେକ୍ଟର ଅଫିସ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ଚପଲ ଛିଡ଼ିଗଲାଣି କିନ୍ତୁ ରାସନ କାର୍ଡ ହୋଇପାରୁନାହିଁ । ଗୋବିନ୍ଦଙ୍କର ପରିବାର କହିଲେ ସେ ତାଙ୍କ ସ୍ତ୍ରୀ ଏବଂ ଏକ ପୁତ୍ର, ଏହି ତିନିଜଣଙ୍କୁ ନେଇ ଗୋବିନ୍ଦଙ୍କ ପରିବାର ଓ କେନ୍ଦ୍ର ସରକାର ଡ଼ିଣ୍ଡିମ ନାଗରା ପିଟୁଥିବା ବେଳେ ଖଇରବାଦରେ ତାହା ସମ୍ପୂର୍ଣ୍ଣ ଭାବେ ବ୍ୟତିକ୍ରମ ବିଷୟ ପାଲଟିଛି ଓ ଏଠି ଦିନମଜୁରିଆଟି ବଞ୍ଚିବା ପାଇଁ ସଂଘର୍ଷ କରୁଛି । ଖଣ୍ଡେ ରାସନ କାର୍ଡ ପାଇଁ ବାର ଦ୍ୱାର ଶୁଣ୍ଢୀପିଣ୍ଡା ହେବାକୁ ପଡୁଛି ଓ କିନ୍ତୁ ସରକାରୀ ଚାକିରିଆ ଏଠି ରାସନ କାର୍ଡ ହାତେଇବାରେ ଲାଗିପଡିଛନ୍ତି । କିନ୍ତୁ ଗରିବ ଟିଏ ସରକାରଙ୍କ ରାସନ ଯୋଜନାରୁ ବାଦ ପଡୁଛି । ଏହି ହଉଛି ବାସ୍ତବ ସତ୍ୟ ଓ ସରକାର ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ ପ୍ରକ୍ରିୟା କେଉଁଠି ନାଁ କେଉଁଠି ପଥ ଭ୍ରଷ୍ଟ ହୋଇଛି ଓ ଥେଲାବାଲା ଏଠି ସରକାରୀ ଯୋଜନା ହାତେଇବାରେ ଲାଗିଥିବା ବେଳେ ନଥିଲାବାଲା ଏଠି କଣଠେସା ହୋଇପଡିଛି ।

# ବନ୍ଦ ହେଲା ବାଲ୍ୟ ବିବାହ: ନାବାଳିକା ଉଦ୍ଧାର

ଆସିକା(ନିପ୍ର): ଆସିକା ବ୍ଲକ ଗଙ୍ଗାପୁର ପଞ୍ଚାୟତର କୈବଲ୍ୟ ପୁର ଗ୍ରାମରେ ହେବାକୁ ଥିବା ଏକ ବାଲ୍ୟ ବିବାହକୁ ରୋକିବାର ସଫଳ ହୋଇଛି ଆସିକା ପ୍ରଶାସନ । ଆସିକା ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ସିଡିପିଓ ଇନ୍ଦିରା ମହାପାତ୍ର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଧରାକୋଟ ବ୍ଲକର ବରଡ଼ାବିଲି ପଞ୍ଚାୟତର ଆଠଘରିଆ ଗ୍ରାମରେ ଜୈନିକ ଏକ ନିଦ୍ଧିଷ୍ଟ କୁଳର ପୁଅ ସହ ଆସିକା ବ୍ଲକ ଗଙ୍ଗାପୁର ପଞ୍ଚାୟତର କୈବଲ୍ୟପୁର ଏକ ନାବାଳିକା ସହ ଆସନ୍ତା ଆଠ ତାରିଖରେ ହେବାକୁ ଥିବା ଏକ ବାଲ୍ୟ ବିବାହକୁ ରୋକିବାରେ ସଫଳ ହୋଇଛି । ସିଡିପିଓ ପଞ୍ଚାୟତର ସରପଞ୍ଚ ତଥା ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟିର ସଭାପତି ମନୋଜ ନାହାକ, ସେହି ସେକ୍ଟର ସୁପରଭାଇଜର ରଂଯୁକ୍ତା ସ୍ୱାଇଁ, ଆସିକା ଥାନା ଏ ଏସ ଆଇ ସୁବାଶିଷ ସ୍ୱାଇଁ, ପ୍ରମୁଖ ଗ୍ରାମରେ ପହଞ୍ଚି ପରିବାର ଲୋକଙ୍କୁ ବାଲ୍ୟ ବିବାହରକୁ ପରିମାଣ, ଆଇନର ଭୟାବହତା ଉପରେ ପରାମର୍ଶ ଦେବା ସହ ପରିବାର ଲୋକଙ୍କୁ ବୁଝାସୁଝା କରି ଫେରିଛନ୍ତି । ଆସିକା ପ୍ରଶାସନ ପକ୍ଷରୁ ଏହି ପରିବାର ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ଯଦି ସେମାନେ କୌଣସି ପଦକ୍ଷେପ ନିୟନ୍ତି ତେବେ ଉଭୟ ପରିବାର ଉପରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ପ୍ରଦାନ କରିଛନ୍ତି ।

# ଶ୍ରମିକଙ୍କ ସୁରକ୍ଷା ଓ ଭବିଷ୍ୟତ ସଂପର୍କରେ କଂଗ୍ରେସ ପକ୍ଷରୁ ଦାବିପତ୍ର



କଟକ,(ନିପ୍ର): କଟକ ଜିଲ୍ଲାରେ ସଂଗଠିତ ଓ ଅଣସଂଗଠିତ ଶ୍ରମିକମାନଙ୍କର ସୁରକ୍ଷା ଓ ଭବିଷ୍ୟକୁ ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ । ଏ ସଂପର୍କରେ କଟକ ଶକ୍ତିନଗର କଂଗ୍ରେସ ପକ୍ଷରୁ ମନୋଜ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସ୍ଥାନୀୟ ନୂଆପଡ଼ା ସ୍ଥିତ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଆଲୋଚନା କରିବା ସହ ଏକ ଲିଖିତ ଦାବି ପତ୍ର ପ୍ରଦାନ କରାଯାଇଥିଲା । ବିଶେଷକରି ଶ୍ରମିକମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ପ୍ରଦାନ, ଏପ୍ରିଲରୁ ଜୁନ ଯାଏ ଗ୍ରୀଷ୍ମ ପ୍ରବାହ ପାଇଁ ଖୋଲା ଆକାଶ ପାଇଁ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୩ ଘଟିକା ଯାଏ ଶ୍ରମିକଙ୍କୁ କାମରେ ନ ଲଗାଇବା, ସେଫ୍ଟି ବେଲ୍ଟ ଓ ସେଫ୍ଟି ଜୋତା ଶ୍ରମିକମାନଙ୍କୁ ପ୍ରଦାନ, ସପ୍ତାହରେ ୭ ଦିନରୁ ୬ ଦିନ କାର୍ଯ୍ୟ କଳାପରେ ଶ୍ରମିକମାନଙ୍କୁ ଗୋଟିଏ ଦିନ ଛୁଟି ପ୍ରଦାନ, ଶ୍ରମିକମାନଙ୍କ ସୁରକ୍ଷା ଓ ଭବିଷ୍ୟ ପାଇଁ ଇଏସଆଇ ଓ ଇପିଏଫ ଯୋଜନା ଲାଗୁ ଆଦି ତଦାରଖ କରି ଶ୍ରମ ଅଧିକାରୀ ତୁରନ୍ତ ପଦକ୍ଷେପ ନେବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଶିଳ୍ପ ସଂସ୍ଥା ଓ ଶ୍ରମ ବିଭାଗର ମଧୁଚନ୍ଦ୍ରିକା ପାଇଁ ଶ୍ରମିକମାନେ ତାଙ୍କ ନାର୍ଯ୍ୟ ଅଧିକାରରୁ ବଂଚିତ ହେଉଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିଶିର ରଥ, ମାନସ ପରିଡ଼ା, ରାମଚନ୍ଦ୍ର ଗୋଚ୍ଛାୟତ, ନିର୍ମଳ ସ୍ୱାଇଁ, ବିପିନ ପଶାୟତ, ରଜନୀ ବସ୍ତିଆ, ସନ୍ତୋଷ ବିଶ୍ୱାଳ, ଜୟ ନାରାୟଣ ତ୍ରିପାଠୀ, ରୁଷି କାଣ୍ତି, ଲକ୍ଷ୍ମୀଧର ଶରଣ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ପୁରୀର ୨୩ ସ୍ଥାନରେ ମକ୍‌ଡ୍ରିଲ

ପୁରୀ(ନିପ୍ର): ଆଜି ଅପରାହ୍ନ ୪ ଘଟିକା ସମୟରେ ପୁରୀ ଜିଲ୍ଲାର ୨୩ଟି ସ୍ଥାନରେ ମକ ଡ୍ରିଲ କରାଯାଇଥିଲା । ସାମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ପାଇଁ ସମସ୍ତ ନାଗରିକଙ୍କୁ ସତର୍କ ଓ ସୁରକ୍ଷିତ ରଖିବା ପାଇଁ ଏହି ମକ ଡ୍ରିଲର ବ୍ୟବସ୍ଥା କରାଯାଇଥିଲା । ପୁରୀ ସହରର ବଡ଼ଦାଣ୍ଡ ଟାଉନ ଥାନା ନିକଟରେ, ପେଣ୍ଠକଟା ବାତ୍ୟା ଆଶ୍ରୟ ସ୍ଥଳ ଓ ପୁରୀ ହୋଟେଲ ସମ୍ମୁଖ ବେଳାଭୂମିରେ ଏହି ମକ ଡ୍ରିଲର ଆୟୋଜନ କରାଯାଇଥିଲା । ଏହି ମକ ଡ୍ରିଲ ସଫଳ ହୋଇଛି । ସମସ୍ତ ଜନ ସାଧାରଣ ଏଥିରେ ସହଯୋଗ କରିଛନ୍ତି । ପ୍ରୋଟୋକଲ ଅନୁସାରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଥିଲେ । ପୂର୍ବ ନିଷ୍ପତ୍ତି ଅନୁସାରେ ଠିକ ଅପରାହ୍ନ ୪ ଘଟିକା ରେ ପୁରୀ ଜିଲ୍ଲାର ସମସ୍ତ ୨୩ ଟି ଯାକ ପଏଣ୍ଟରେ ୫ ମିନିଟ ପାଇଁ ସାଇରନ ବାଜିଥିଲା ।ସାଇରନ ଶବ୍ଦ ଶୁଣି ସମସ୍ତେ ସତର୍କ ହୋଇ ସୁରକ୍ଷିତ ଆଶ୍ରୟ ସ୍ଥଳ ଭାବେ ଛାତ ଓ କୋଠା ଘର ମାନଙ୍କ ରେ ଆଶ୍ରୟ ନେଇଥିଲେ । ୧୫ ମିନିଟ ପରେ ବିପଦ ଟଳିଯିବାର ସୂଚନା ପୂର୍ବକ ପୁନଶ୍ଚ ସାଇରନ ବାଜିଥିଲା । ପରେପରେ ଲୋକ ମାନେ



ସ୍ୱାଭାବିକ ଭାବେ ନିଜ କାର୍ଯ୍ୟ ସମ୍ପାଦନ କରିଥିଲେ । ମକ ଡ୍ରିଲ ମାଧ୍ୟମରେ ଆହତ ହୋଇଥିବା ଲୋକ ମାନଙ୍କୁ ଚିକିତ୍ସା ସୁବିଧା, ଆମ୍ବୁଲାନ୍ସ ବ୍ୟବସ୍ଥା, ଲାଗିଥିବା ନିଆଁକୁ ଲିଭେଇବା ବ୍ୟବସ୍ଥା ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱେଚ୍ଛାସେବୀ ମାନେ ମିଳିତ ଭାବେ ପ୍ରଦର୍ଶନ କରିଥିଲେ । ଏହି ମକ ଡ୍ରିଲ କାର୍ଯ୍ୟକ୍ରମ ରେ ଏସ ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଅତିରିକ୍ତ ଏସ ପି ସୁଶୀଲ କୁମାର ମିଶ୍ର, ସିଡିଏମଓ ଡା ରୂପଭାନୁ ମିଶ୍ର,ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସୁରକ୍ଷା ଅଧିକାରୀ ମାନେ ଉପସ୍ଥିତ ରହି ମକ ଡ୍ରିଲ ପରିଚାଳନା ରେ ସହଯୋଗ କରିଥିଲେ ।

ତିଥି : (ଦଶମୀ) : (ଉତ୍ତରାଫାଃ କନ୍ୟା )
ଅମୃତବେଳା: ରାତ୍ରି ଘ୧ ।୧୨ ଗତେ ଘ ୨ ।୫୬ ମଧ୍ୟେ

## ଆଜିର ଅନୁଚିନ୍ତନ

କେହି କର୍ମ ମାର୍ଗ ଛାଡ଼ି ଜ୍ଞାନ ମାର୍ଗ ଧରି
ଅବା ଯାଆନ୍ତି ନିଷ୍କାମ ମାର୍ଗେ କର୍ମ କରି ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ସିନ୍ଦୂର ଲିଭାରୁ ସିନ୍ଦୂର ପର୍ଯ୍ୟନ୍ତ...

ସଂଯମତା ଓ ପରିପକ୍ୱତା ଓ ଲକ୍ଷ୍ୟ ନିର୍ଦ୍ଧାରଣ ମଧ୍ୟରେ ସମନ୍ୱୟ ରହିଲେ ଅଭିଳଷିତ ସ୍ୱପ୍ନ ପୂରଣ ହେବାରେ କୌଣସି ବାଧା ଉପୁଜି ନ ଥାଏ। ତାହା ସତ୍ୟରେ ପରିଣତ ହୋଇଛି। ମେ ୬ ତାରିଖ ବିଳମ୍ବିତ ରାତି ୧.୦୫ରୁ ୧.୩୦ ମିନିଟ୍ ପର୍ଯ୍ୟନ୍ତ ଭାରତ ପକ୍ଷରୁ ସେନାର ମିଳିତ ପ୍ରୟାସରେ କାର୍ଯ୍ୟକାରୀ ହୋଇଥିବା ଅପରେସନ ସିନ୍ଦୁରର ସଫଳତା ସଂପର୍କରେ ଢ଼େର୍ ଆଲୋଚନା ଆରମ୍ଭ ହୋଇଗଲାଣି। ବିଶ୍ୱ ଦେଖୁଛି ମୋଦିଙ୍କୁ ଯାଇ କୁହର ପରିଣାମ କ'ଣ ହୋଇପାରେ । ଭାରତର ଏହି ହମଲାରେ ପାକିସ୍ତାନ ପକ୍ଷରୁ ୨୬ ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିଲେ ହେଁ ବିଭିନ୍ନ ଗଣମାଧ୍ୟମ ମୁତାବକ ୭୦ ଜଣଙ୍କ ମୃତ୍ୟୁ ଘଟିଛି, ଯେଉଁମାନେ କି ଆତଙ୍କବାଦୀ ଓ ଆତଙ୍କବାଦକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ପ୍ରୋତ୍ସାହିତ କରିଆସୁଥିଲେ। ବିଭିନ୍ନ ସମୟରେ ଭାରତ ପକ୍ଷରୁ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ଯେପରି ହମ୍‌ଲା ହୋଇଥାଏ ଆକସ୍ମିକ ଭାବରେ ଏଥର ବି ସେପରି ହୋଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ବେସାମରିକ କ୍ଷେତ୍ର କି ପାକିସ୍ତାନର ସାମରିକ କ୍ଷେତ୍ର ପ୍ରତି କ୍ଷତି ଘଟାଯାଇନାହିଁ। ଏହା ଦୂରଦର୍ଶିତାର ପରିଚୟ ରଖେ। ଆଲୋଚ୍ୟ ୯ଟି ସ୍ଥାନ ଉପରେ ଆକ୍ରମଣ ହୋଇଥିଲା ସେଥିରୁ ପାକିସ୍ତାନର ୪ଟି ଯେଉଁଥିରେ କି ଭବଲପୁର, ମୁରୁଦ୍‌କେ ଓ ସିଆଲକୋଟ ରହିଛି ସେମିତି ଅନ୍ୟ ୫ଟି ସ୍ଥାନ ମଧ୍ୟରେ ପାକ୍ ଅଧିକୃତ କାଶ୍ମୀରରେ ଅବସ୍ଥିତ। ନିର୍ଦ୍ଧାରିତ ଭାବରେ କାର୍ଯ୍ୟନିର୍ବାହ କରିବା ଏବଂ ଚୟନରେ ସଂଜମତା ରକ୍ଷା ଏକ ସମନ୍ୱିତ ତଥା ଯୋଜନାବଦ୍ଧ କାର୍ଯ୍ୟ କିଛି କମ୍ କଥା ନୁହେଁ। ଯାହା ଭାରତୀୟ ସେନା ପ୍ରମାଣିତ କରିଛି।

ଆତଙ୍କବାଦର ଏନ୍ତୁଡିଶାଳ କୁହାଯାଉଥିବା ପାକିସ୍ତାନର ଯେଉଁ କେତୋଟି ସ୍ଥାନ ଉପରେ ନିଶାଣ କରାଯାଇ ଧ୍ୱଂସ ସାଧନ କରାଯାଇଛି ସେ ସଂପର୍କରେ ସାମାନ୍ୟ ଆଲୋଚନାର ପ୍ରାସଙ୍ଗିକତା ରହିଛି। ୨୦୦୦ରୁ ସ୍ଥାପିତ ଲସ୍କର ଇ- ତୋଇବାର ଏକ ପ୍ରଧାନ ଏକ ତାଲିମ କେନ୍ଦ୍ର ମୁରିଦେକ ସ୍ଥିତ ନଂଗାଲ ସାହାଦାନ ଠାରେ ଅବସ୍ଥିତ ଶିବିର ହେଉଛି ମାର୍କ ଜତାଇଦା। ୯/୧୧ର ମାଷ୍ଟରମାଇଣ୍ଡ ଓସମା ବିନ୍ ଲାଡେନ ଯେଉଁ କେନ୍ଦ୍ରକୁ ଆଂଶିକ ଭାବରେ ପାଣ୍ଠି ଯୋଗାଉଥିଲା ତାହା ହେଉଛି ଆଲୋଚ୍ୟ କେନ୍ଦ୍ର। ଏପରିକି ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଷଡ଼ଯନ୍ତ୍ରକାରୀ ଅଜମଲ କାସବ ହେଡ ଡ୍ୟାଭିଡ ହେଡଲେ ହେଉ ସେମାନଙ୍କୁ ଉକ୍ତ ଶିବିରକୁ ତାଲିମ ମିଳୁଥିଲା। ଭାରତକୁ ପ୍ରତ୍ୟର୍ପିତ ହୋଇଥିବା ତାହାଉରୁ ରାଣା ମଧ୍ୟ ସେମାନଙ୍କ ମଧ୍ୟରୁ ଅନ୍ୟତମ। କରାଚିର ଭାବଲପୁର ଉପାନ୍ତ ଏନ୍‌ଏଚ୍ -୫ ନିକଟରେ ଜୈସ-ଇ-ମହମ୍ମଦର ତାଲିମ କେନ୍ଦ୍ର ଭାବେ ଜଣାଶୁଣା ମାର୍କଜ ଶୁଭାନଆଲ୍ଲା ଯେଉଁ ଶିବିର ପ୍ରାୟ ୧୫ ଏକରରୁ ଅଧିକ ଜାଗାରେ ସ୍ଥାପିତ,ଯାହାକି ୨୦୧୯ ପୁଲୱାମା ଆକ୍ରମଣ ସହିତ ସଂପୃକ୍ତ ଷଡଯନ୍ତ୍ରକାରୀଙ୍କୁ ତାଲିମ ଦେଉଥିଲା। ସେମିତି ପାକିସ୍ତାନର ତେହେରାନ୍ କଲାମ ବନାମ ସର୍ଜନ ଶିବିର ସାମ୍ବାର ଅନ୍ତର୍ଜାତୀୟ ସୀମାନ୍ତ ଠାରେ ପ୍ରାୟ ୬ କିଲୋମିଟର ଦୂରରେ ଅବସ୍ଥିତ ଓ ୨୦୨୫ ମାର୍ଚ୍ଚରେ ଜାମ୍ମୁ କାଶ୍ମୀରର ୪ ଯବାନଙ୍କୁ ଗୁଳି କରି ହତ୍ୟା କରିଥିବା ଘଟଣାର ସଂପୃକ୍ତ ଆତଙ୍କବାଦୀମାନେ ଉକ୍ତ କେନ୍ଦ୍ରରୁ ତାଲିମ ପାଉଥିଲେ। ୨୦୧୬ ପଠାନକୋଟ୍ ଏୟାର ବେସ୍ ଆକ୍ରମଣରେ ସଂପୃକ୍ତ ତାଲିମ କେନ୍ଦ୍ର ହେଉଛି ମେହମୁନା ଜୟା। ଯାହାକି ହିଜବୁଲ ମୁଜାହିଦିନ ଆତଙ୍କବାଦୀଙ୍କ ଏକ ଦୃଢ ଶିବିର ସ୍ଥଳୀ ଭାବେ ଜଣାଶୁଣା। ଜମ୍ମୁ ସ୍ଥିତ ମୌଲାନ ଆଜାଦ ଷ୍ଟାଡ଼ିୟମ ଠାରେ ଘଟାଇଥିବା ବିସ୍ଫୋରଣରେ ଉକ୍ତ ଶିବିରରେ ଆତଙ୍କବାଦୀମାନେ ସଂପୃକ୍ତ ଥିଲେ। ଯେଉଁମାନେ ବିସ୍ଫୋରଣ କରି ୮ ଜଣ ବ୍ୟକ୍ତିଙ୍କ ମୃତ୍ୟୁର କାରଣ ହୋଇଥିଲେ। ଲସ୍କର-ଇ-ତୋଇବାର ସାୱାଇନାଲା ରହିଛି ମୁଜାଫରବାଦରେ। ୨୦୦୦ରୁ କାର୍ଯ୍ୟକାରୀ ହୋଇଆସୁଥିବା ଏହି ଆତଙ୍କବାଦୀ ଶିବିରକୁ ବିଶେଷ କର ଲସ୍କରର ହାଫିଜ୍ ସୟିଦ ବ୍ୟବହାର କରୁଥିଲା। ଯେଉଁମାନେ ଆତଙ୍କବାଦୀ ଭାବେ ଏଠାରେ ତାଲିମ ନେଉଥିଲେ ସେମାନଙ୍କୁ ସିଏ ଶିକ୍ଷା ଦେଉଥିଲା। ମୁଜାଫରବାଦରେ ଆଉ ଗୋଟିଏ ଶିବିର ରହିଛି ତାହା ହେଉଛି ସାୟିଦିନାବିଲାଲ।

ଏସବୁ ଆତଙ୍କବାଦୀ ଶିବିରକୁ ନିଶାଣ କରି ଧ୍ୱଂସ ସାଧନା କରିବା ଲାଗି ଭାରତୀୟ ସେନା ପାକ୍ ଅଧିକୃତ କାଶ୍ମୀର ଓ ପାକିସ୍ତାନ ଭିତରେ ପଶି ଯେଉଁଳି ବିନାଶ ଚଳାଇଲେ ତାହା ଦ୍ୱାରା ଆତଙ୍କବାଦୀମାନେ ନ ଚେତିବେ ତେବେ ଆଗକୁ ଭୟଙ୍କର ପରିଣାମ ଭୋଗିବା ସେମାନଙ୍କ ଭବିତବ୍ୟ ହିଁ ହେବ। ପହଲଗାମ ଯେଉଁମାନେ ଧର୍ମ ପଚାରି ହିନ୍ଦୁମହିଳାଙ୍କ ସିନ୍ଦୂର ଲିଭାଇଥିଲେ ସେମାନଙ୍କ ପାଇଁ ସିନ୍ଦୂର କେତେ ଘାତକ ତାହା ସେମାନେ ଉପଲବ୍ଧି କରିବା ତଥା ଚେତିବାର ଇଏ ହେଉଛି ଅବସର।

# ଧନ୍ୟ ସେ ଦାତା

## ଡା. ରାମ ପ୍ରସାଦ ରାୟ

ଅନ୍ୟମାନଙ୍କ ପ୍ରତି ସଦୟ ଭାବ ପୋଷଣ କରିବା ତଥା ଅନ୍ୟ ମାନଙ୍କର ଉପକାର କରିବା ମନୋଭାବକୁ ଦାନଶୀଳତା ବୋଲାଯାଏ। ଦାନ ହିଁ ବିଶ୍ୱ ପ୍ରେମ। ଦରିଦ୍ର୍ୟ ଅଭାବୀ ଓ ଅସହାୟ ମାନଙ୍କ ପ୍ରତି ଉଦାରତାର ଅନ୍ୟ ନାମ ଦାନ। ବ୍ୟାପକ ଅର୍ଥରେ ଦାନ, ପ୍ରେମ, ବଦାନ୍ୟତା ଓ ସଦଭାବନାକୁ ବୁଝାଏ। ବ୍ରହ୍ମଦର୍ଶୀମାନଙ୍କ ଦୃଷ୍ଟିରୁ ମାନବ ସମାଜ ପ୍ରତି ସାର୍ବଜନୀନ ସଦ୍‌ଭାବନା ଓ ପରମାତ୍ମାଙ୍କ ପ୍ରତି ବିଶୁଦ୍ଧତମ ଭକ୍ତିକୁ ଦାନ ବୋଲାଯାଏ। ପ୍ରଶଂସା, ପୁରସ୍କାର ଓ ପାରିଶ୍ରମିକ ପାଇବାର ସମସ୍ତ ଭାବନା ଦୂର କରିଦେଇ ଅନ୍ୟର ମଙ୍ଗଳ ବିଧାନରେ ଆତ୍ମନିଯୋଗ କରିବାର ଆକାଂକ୍ଷା ହିଁ ପ୍ରକୃତ ଦାନ। ପ୍ରେମ କ୍ରିୟାଶୀଳ ହେଲେ ଦାନର ରୂପ ଧାରଣ କରେ। ଆଗେ ଘର, ପଛେ ପର। ଦାନ ପ୍ରଥମେ ଘରେ ଆରମ୍ଭ ହୁଏ, କିନ୍ତୁ ଏହା ଦୂରକୁ ପ୍ରସାରିତ ହେବା ଉଚିତ। ସମଗ୍ର ଜଗତଟା ତ ଆପଣଙ୍କ ଘର, ଆପଣ ଏହି ବିଶ୍ୱର ଜଣେ ନାଗରିକ। ତେଣୁ ଜଗତର ପ୍ରତ୍ୟେକର ଉପକାର କରିବା ପାଇଁ ବଦାନ୍ୟ ମନୋଭାବ ପୋଷଣ କରନ୍ତୁ।

ଆଜି ବିଶ୍ୱରେଡ଼କ୍ରସ ଦିବସ । ପ୍ରତି ବର୍ଷ ମେ ୮ ତାରିଖରେ ସାରା ବିଶ୍ୱରେ ପାଳନ କରାଯାଏ ବିଶ୍ୱ ରେଡ଼କ୍ରସ ଆଣ୍ଡ ରେଡ଼କ୍ରସ ଡ଼େ ଦିବସ। ୧୮୨୮ ମେ ଏହି ଦିନରେ ଜନ୍ମ ହୋଇଥିଲେ ଇଣ୍ଟରନ୍ୟାସ୍‌ନାଲ କମିଟି ଅଫ ଦ ରେଡ଼ କ୍ରସର ପ୍ରତିଷ୍ଠାତା ହେନରି ଡୁନାଣ୍ଟ। ମାନବ ଜାତିକୁ ରେଡ଼କ୍ରସ ଭଳି ଏକ ମହାନ ଅନୁଷ୍ଠାନର ଦାନ ପାଇଁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ବିଶ୍ୱର ପ୍ରଥମ ନୋବେଲ ଶାନ୍ତି ପୁରସ୍କାର ବିଜେତା। ୧୯୪୮ରେ ପ୍ରଥମ ବିଶ୍ୱ ରେଡ଼କ୍ରସ ଦିବସ ପାଳନ କରାଯାଇଥିଲା। ୧୯୮୪ରୁ ଏହାକୁ ବିଶ୍ୱ ରେଡ଼କ୍ରସ ଆଣ୍ଡ ରେଡ଼ କ୍ରେସ ଡ଼େ ଦିବସ ଭାବେ ପାଳନ କରାଯାଉଛି। ରକ୍ତଦାନ ଦ୍ୱାରା ସାମାଜିକ ସେବା ଦାୟିତ୍ୱବୋଧତାର ଅଙ୍ଗୀକାରତାକୁ ସମାଜରେ ଦିଗ୍‌ଦର୍ଶନ ଦେବା ପାଇଁ ଯେଉଁ ମହାନ କ୍ରାନ୍ତୀଦର୍ଶୀ ଏହି ଦିବସଟିକୁ ସ୍ମରଣୀୟ କରିଥିଲେ ତାଙ୍କରି ପାଇଁ ବିଶ୍ୱ ରେଡ଼କ୍ରସ ଦିବସର ମହତ୍ତ୍ୱ ଅନୁରଣିତ ହେଉଛି । ବାସ୍ତବିକ ରକ୍ତ ଏପରି ଏକ ସୃଷ୍ଟିର ଅନବଦ୍ୟ ଶ୍ରେଷ୍ଠତା ଯାହାର ବିକଳ୍ପ ନାହିଁ। ଅନେକ କ୍ଷେତ୍ରରେ ଦେଖାଯାଏ ଏହି ରକ୍ତଟି ପାଇଁ ଅଭାବନୀୟ ଭାବରେ ଜଣଙ୍କର ଜୀବନ ଦୀପ ଅକାଳରେ ଚାଲିଯାଇଥାଏ।

ଆସନ୍ତୁ ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଏହି ସମ୍ବନ୍ଧୀୟ କିଛି ଜ୍ଞାତବ୍ୟ ତଥ୍ୟ ଏଠାରେ ଉଲ୍ଲେଖ କରିବା। ଅଷ୍ଟ୍ରୀୟ ବିଜ୍ଞାନୀ କାର୍ଲ ଲାଣ୍ଡଷ୍ଟେଇନ୍‌ର ୧୯୦୧ ମସିହାରେ ପ୍ରଥମ ତିନିଟି ରକ୍ତବର୍ଗ (ଓ, ଏ, ଏବଂ ବି) ଆବିଷ୍କାର କରିଥିଲେ । ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି। ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି । ଏଣୁ ଏହାର ଚାହିଦା ସର୍ବାଧିକ । ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ । ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ । ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ ।

କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ଼ ସେଣ୍ଟର, କଟକ,
ମୋ : ୮୨୬୦୪୦୮୮୩୬

# ରେଡକ୍ରସ: ଧଳା ପୃଷ୍ଠଭୂମିରେ ଲାଲ ଛକି...

“ ରେଡ଼କ୍ରସ ସଂଗଠନର ପ୍ରତୀକ ହେଲା ଧଳାପୃଷ୍ଠ ଭୂମିରେ ଲାଲ୍ ଛକି। ଏହା ସ୍ୱିଜରଲ୍ୟାଣ୍ଡ ପତାକାର ଠିକ୍ ବିପରୀତ। ଡୁନାଣ୍ଟ ନିଜ ମାତୃଭୂମିକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହା କରିଥିଲେ। ଇସ୍‌ଲାମୀୟ ଦେଶଗୁଡ଼ିକରେ ଲାଲ ଛକି ବା ରେଡ଼କ୍ରସକୁ ଖ୍ରୀଷ୍ଟଧର୍ମର ପ୍ରତୀକ ଭାବେ ଗ୍ରହଣ କରାଯିବାରୁ ଏସବୁ ଦେଶରେ ରେଡ଼କ୍ରସ ବଦଳରେ ରେଡକ୍ରେସାଣ୍ଟ ବା ଲାଲବକ୍ର ଚନ୍ଦ୍ରାଂଶ ବ୍ୟବହାର କରାଗଲା। ୨୦୦୭ରେ ରେଡ଼କ୍ରିଷ୍ଟାଲ ମଧ୍ୟ ସଂଗଠନର ଅନ୍ୟତମ ପ୍ରତୀକ ଭାବରେ ମାନ୍ୟତା ପାଇଲା। ଇସ୍ରାଏଲରେ ଉଭୟ ରେଡ଼କ୍ରସ ଓ ରେଡ଼କ୍ରେସାଣ୍ଟ ଧର୍ମୀୟ କାରଣରୁ ଗ୍ରହଣଯୋଗ୍ୟ ନ ହେବାରୁ ସଂଗଠନରେ ଇସ୍ରାଏଲର ଯୋଗଦାନକୁ ପ୍ରୋତ୍ସାହିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା ମନୋଭାବ ସୃଷ୍ଟି କରିବା ପାଇଁ ବିଭିନ୍ନ ସ୍କୁଲରେ ଜୁନିୟର ରେଡ଼କ୍ରସ ଓ କଲେଜମାନଙ୍କରେ ୟୁଥ ରେଡ଼କ୍ରସ ସୋସାଇଟି ରହିଛି। ଏହାର ନୀତି ହେଉଛି ମାନବିକତା, ନିରପେକ୍ଷତା, ସ୍ୱାଧୀନତା, ସ୍ୱେଚ୍ଛାକୃତସେବା, ଏକତା ଓ ସାର୍ବଜନୀନ ଭାବ। ପ୍ରମୁଖ ଲକ୍ଷ୍ୟ ରହିଛି ଶିକ୍ଷା ଓ ତାଲିମ ଦ୍ୱାରା ସୁସ୍ଥ ଜୀବନ, ସ୍ୱାସ୍ଥ୍ୟର ଯତ୍ନ ଓ ନିରାପତ୍ତା ଉପରେ ଗୁରୁତ୍ୱ ଦେଇ ସୁନ୍ଦର ଜୀବନର ଅଧିକାରୀ କରାଇବା, ଶିକ୍ଷା ଓ ତାଲିମ ଦ୍ୱାରା ସମାଜସେବା ପାଇଁ ଉତ୍ସାହିତ କରିବା, ରେଡ଼କ୍ରସର ମୂଳନୀତି ସଂପର୍କରେ ସଚେତନ କରାଇବା, ମାନବିକତା ଭାବ ସୃଷ୍ଟି କରିବା, ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ମାନବସମ୍ବଳ ଉପରେ ଅଧ୍ୟୟନ କରିବା ଓ ଯୁବକଙ୍କ ମଧ୍ୟରେ ନେତୃତ୍ୱ ଭାବ ସୃଷ୍ଟି କରିବା।

### ବାଦଲ ଭୂୟାଁ

ଆପଣ ସମସ୍ତେ ସାରା ବିଶ୍ୱର ଡାକ୍ତରୀ ସେବା କ୍ଷେତ୍ରରେ ନାଲି ଛକିକୁ ଦେଖିଥିବେ। ଡାକ୍ତରଖାନା, କ୍ଲିନିକ, ଆମ୍ବୁଲାନ୍ସ ଆଦିରେ ଧଳାପୃଷ୍ଠଭୂମିରେ ଲାଲଛକି କିମ୍ବା ସବୁଜ ପୃଷ୍ଠଭୂମିରେ ଧଳାଛକି ବ୍ୟବହାର କରାଯାଏ। ଏହା ପ୍ରାଥମିକ ସେବା ବା ଫାଷ୍ଟଏଡ଼୍‌ର ପ୍ରତୀକ। ଏହି ପ୍ରତୀକର ସୃଷ୍ଟି ଇଟାଲୀ। ଏକତ୍ରୀକରଣ ଯୁଦ୍ଧ ସମୟରେ। ଏହି ଯୁଦ୍ଧରେ ଅସଂଖ୍ୟ ସୈନିକ ଓ ବେସାମରିକ ବ୍ୟକ୍ତି ପ୍ରାଣ ହରାଇଥିଲେ। ରେଡ଼କ୍ରସ ସାରା ବିଶ୍ୱରେ ଏପରିକି ଯୁଦ୍ଧ କ୍ଷେତ୍ରରେ ମାନବିକ ଓ ଡାକ୍ତରୀ ସହଯୋଗ ଦେଉଥିବା ସବୁ ଗୋଷ୍ଠୀ, ସବୁ ରେଡ଼କ୍ରସ ସଂଗଠନର ପ୍ରତୀକ। ସହଜରେ ଚିହ୍ନି ହେଉଥିବା ଏହି ପ୍ରତୀକ ଜଣାଇଦିଏ ଯେ ଏହା ପରିଧାନ କରିଥିବା ବ୍ୟକ୍ତି କୌଣସି ସେନାର ଲକ୍ଷ୍ୟ ନୁହେଁ।

ମେ ୮ ତାରିଖକୁ ବିଶ୍ୱ ରେଡ଼କ୍ରସ ଦିବସ ଭାବରେ ପାଳିତ ହୋଇଥାଏ। ୧୮୫୯ରେ ଯୁବ ସ୍ୱିସ୍ ବ୍ୟବସାୟୀ ହେନେରୀ ଡୁନାଣ୍ଟ ଇଟାଲୀର ସୋଲଫେରିନୋ ଠାରେ ଏକ ରକ୍ତାକ୍ତ ଯୁଦ୍ଧରେ ଅସହାୟ ମୃତାହତ ରକ୍ତାକ୍ତ ସୈନିକଙ୍କ ଅବସ୍ଥା ଦେଖି ଯୁଦ୍ଧାହତଙ୍କ ପାଇଁ ଏକ ନିରପେକ୍ଷ ସେବା ସଂସ୍ଥାନ ଗଢ଼ିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। ୧୮୬୩ ମସିହାରେ ହେନେରୀ ଡୁନାଣ୍ଟଙ୍କ ତତ୍ତ୍ୱାବଧାନରେ ଅନ୍ୟ ଚାରିଜଣ ସହଯୋଗୀ ଯଥା: ଗୁସ୍ତାଭ୍ ମୋୟନିର, ଲୁଇସ୍ ଆପିଆ, ଥିଓଡର ମୌନର ଓ ଗ୍ୟୁଲେମ୍ ହେନେରୀ ଡୁଫରଙ୍କ ମିଳିତ ଉଦ୍ୟମରେ ଜନ୍ମ ନେଲା ଇଣ୍ଟର ନ୍ୟାସନାଲ କମିଟି ଫର ରିଲିଫ୍ ଟୁ ଦି ଉଣ୍ଡେଡ୍। ପରବର୍ତ୍ତୀ ସମୟରେ ଏହା ଇଣ୍ଟର ନ୍ୟାସନାଲ କମିଟି ଅଫ୍ ଦି ରେଡ଼କ୍ରସରେ ପରିଣତ ହେଲା। ପ୍ରଥମ ଯୁଦ୍ଧ ପରେ ପ୍ୟାରିସ୍ ଠାରେ ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ରେଡ଼କ୍ରସ ଆଣ୍ଡ ରେଡ଼କ୍ରେସାଣ୍ଟ ସୋସାଇଟିଜ୍ ଗଠନ ହେଲା। ପ୍ରଥମ ବିଶ୍ୱଯୁଦ୍ଧ ଜଣାଇ ଦେଲା ରେଡ଼କ୍ରସ ସୋସାଇଟିଗୁଡ଼ିକ ମଧ୍ୟରେ ଗଭୀର ସହଯୋଗ ଆବଶ୍ୟକ।

ରେଡ଼କ୍ରସ ସଂଗଠନର ପ୍ରତୀକ ହେଲା ଧଳାପୃଷ୍ଠ ଭୂମିରେ ଲାଲ୍ ଛକି। ଏହା ସ୍ୱିଜରଲ୍ୟାଣ୍ଡ ପତାକାର ଠିକ୍ ବିପରୀତ। ଡୁନାଣ୍ଟ ନିଜ ମାତୃଭୂମିକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହା କରିଥିଲେ। ଇସ୍‌ଲାମୀୟ ଦେଶଗୁଡ଼ିକରେ ଲାଲ ଛକି ବା ରେଡ଼କ୍ରସକୁ ଖ୍ରୀଷ୍ଟଧର୍ମର ପ୍ରତୀକ ଭାବେ ଗ୍ରହଣ କରାଯିବାରୁ ଏସବୁ ଦେଶରେ ରେଡ଼କ୍ରସ ବଦଳରେ ରେଡକ୍ରେସାଣ୍ଟ ବା ଲାଲବକ୍ର ଚନ୍ଦ୍ରାଂଶ ବ୍ୟବହାର କରାଗଲା। ୨୦୦୭ରେ ରେଡ଼କ୍ରିଷ୍ଟାଲ ମଧ୍ୟ ସଂଗଠନର ଅନ୍ୟତମ ପ୍ରତୀକ ଭାବରେ ମାନ୍ୟତା ପାଇଲା। ଇସ୍ରାଏଲରେ ଉଭୟ ରେଡ଼କ୍ରସ ଓ ରେଡ଼କ୍ରେସାଣ୍ଟ ଧର୍ମୀୟ କାରଣରୁ ଗ୍ରହଣଯୋଗ୍ୟ ନ ହେବାରୁ ସଂଗଠନରେ ଇସ୍ରାଏଲର ଯୋଗଦାନକୁ ପ୍ରୋତ୍ସାହିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିଲା।

ସେହିପରି ତୁର୍କୀ, ପର୍ସିଆ ଓ ଇଜିପ୍ଟ ରେଡ଼ କ୍ରେସାଣ୍ଟ ସହ ରେଡ଼ ଲାୟନ୍‌କୁ ରେଡ଼କ୍ରସର ପ୍ରତୀକ ଭାବରେ



ବ୍ୟବହାର କରନ୍ତି। ରେଡ଼ ଲାୟନ୍ ଉପରୋକ୍ତ ତିନିଦେଶ ମଧ୍ୟରେ ସୀମିତ। ବର୍ତ୍ତମାନ ୩୦ଟି ଇସଲାମିକ୍ ଦେଶ ରେଡ଼କ୍ରେସାଣ୍ଟ ପ୍ରତୀକ ବ୍ୟବହାର କରୁଛନ୍ତି। ୧୮୬୪ ମସିହାରେ ରେଡ଼କ୍ରସର ପ୍ରଥମ ଅନ୍ତଃରାଷ୍ଟ୍ରୀୟ ସମ୍ମିଳନୀ ଜେନେଭା ଠାରେ ଅନୁଷ୍ଠିତ ହୋଇ ୧୦ଟି ଧାରା ସ୍ୱାକ୍ଷରିତ ହୋଇଥିଲା। ସେତେବେଳେ ସମୁଦାୟ ୧୪ଟି ଦେଶର ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ।

ବର୍ତ୍ତମାନ ରେଡ଼କ୍ରସ ସୋସାଇଟିର ସଦସ୍ୟ ରାଷ୍ଟ୍ରଙ୍କ ସଂଖ୍ୟା ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ। ସାରା ବିଶ୍ୱରେ ଏହି ସଂଗଠନର ୯୮.୭ ମିଲିୟନ କର୍ମଚାରୀ, ସଦସ୍ୟ ଓ ସ୍ୱେଚ୍ଛାସେବୀ ଅଛନ୍ତି। ଏହି ସଂଗଠନ ତିନିଥର ଯଥା ୧୯୧୭, ୧୯୪୪ ଓ ୧୯୬୩ରେ ନୋବେଲ ଶାନ୍ତି ପୁରସ୍କାର ସମ୍ମାନିତ ହୋଇଥିଲେ। ରେଡ଼କ୍ରସର ପ୍ରତିଷ୍ଠାତା ହେନେରି ଡୁନାଣ୍ଟ ୧୯୦୧ ମସିହାରେ ପ୍ରଥମ ବ୍ୟକ୍ତି ଭାବରେ ନୋବେଲ ଶାନ୍ତି ପୁରସ୍କାରରେ ପୁରସ୍କୃତ ହୋଇଥିଲେ। ଆଫଗାନିସ୍ଥାନ ଠାରୁ ଆରମ୍ଭ କରି ଜିମ୍ବାୱେ ପର୍ଯ୍ୟନ୍ତ ବିଶ୍ୱର ୧୮୯ଟି ଦେଶ ରେଡ଼କ୍ରସର ସଦସ୍ୟ। ରେଡ଼କ୍ରସ ବିଶ୍ୱର ସବୁଠାରୁ ପରିଚିତ ଓ ସହଜ ଆଦୃତ ଚିହ୍ନ। ରେଡ଼କ୍ରସର ଅର୍ଦ୍ଧାଧିକ ସ୍ୱେଚ୍ଛାସେବୀ ଯୁବପିଢ଼ି। ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ମହିଳା। ଜାତୀୟ ରେଡ଼କ୍ରସ ସୋସାଇଟି ଗୁଡ଼ିକ ସ୍ୱଳ୍ପ ଅବଧି ଓ ଦୀର୍ଘ ଅବଧି ସ୍ୱେଚ୍ଛାସେବୀଙ୍କ ଆବଶ୍ୟକତାକୁ ଦେଖି ତାଲିମ ପ୍ରଦାନ କରନ୍ତି। ରେଡ଼କ୍ରସର ସବୁଠାରୁ ଅଧିକ ସ୍ୱେଚ୍ଛାସେବୀ ଅଛନ୍ତି କାନାଡାରେ। ସେମାନଙ୍କ ସଂଖ୍ୟା ପ୍ରାୟ ୩୪ ହଜାର। ରେଡ଼କ୍ରସ ଓ ରେଡକ୍ରେସାଣ୍ଟ ଅଭିଯାନ ବିଶ୍ୱର ସର୍ବବୃହତ୍ ମାନବିକ କାର୍ଯ୍ୟଶୃଙ୍ଖଳା।

ବିପର୍ଯ୍ୟୟ ପରିଚାଳନା ଓ ଉଦ୍ଧାର ରେଡ଼କ୍ରସ ଅଭିଯାନର ସବୁଠାରୁ ବଡ଼ ଅଂଶ। ୨୦୦୪ରୁ ୨୦୨୪ ମଧ୍ୟରେ ରେଡ଼କ୍ରସର କାମ କରିଥିବା ୫୧ ପ୍ରତିଶତ ବିପର୍ଯ୍ୟୟ ପାଣିପାଗ ଯୋଗୁଁ ଘଟିଛି। କେବଳ ୨୦୦୮ରେ ରେଡ଼କ୍ରସ ବିଶ୍ୱବ୍ୟାପୀ ୬୨୩ଟି ବିପର୍ଯ୍ୟୟରେ ଜନତାଙ୍କୁ ସହାୟକ ଦେଇଛି। ଭୟାବହ କରୋନା ସମୟରେ ମଧ ରେଡ଼କ୍ରସର ଉଲ୍ଲେଖନୀୟ ଆନ୍ତର୍ଜାତିକ ସହାୟତା ରହିଥିଲା।

ଅନ୍ତଃରାଷ୍ଟ୍ରୀୟ ରେଡ଼କ୍ରସ ସୋସାଇଟିର ନିଜସ୍ୱ ପାଣ୍ଠି ଅଛି। ପ୍ରତିବର୍ଷ ଏହା ପ୍ରାୟ ୧୫ ମିଲିୟନ ଡଲାର ସଂଗ୍ରହ କରେ। ଏହା ବ୍ୟତୀତ କୌଣସି ଦୁର୍ଘଟଣା ସମୟରେ ମଧ ଏହା ଆବଶ୍ୟକୀୟ ପାଣ୍ଠି ସଂଗ୍ରହ କରେ। ରେଡ଼କ୍ରସର ଦୁଇଟି ସଂଗଠନ ଅଛି - ଇଣ୍ଟରନ୍ୟାସନାଲ କମିଟି ଅଫ୍ ଦି ରେଡ଼କ୍ରସ ଓ ଇଣ୍ଟରନ୍ୟାସନାଲ ଫେଡେରେସନ୍ ଅଫ୍ ରେଡ଼କ୍ରସ ଆଣ୍ଡ ରେଡକ୍ରେସାଣ୍ଟ ସୋସାଇଟିଜ ଆଇସିଆରସି କେବଳ ସଶସ୍ତ୍ର ଯୁଦ୍ଧରେ ପୀଡ଼ିତଙ୍କ ପାଇଁ କାର୍ଯ୍ୟ କରୁଥିବାବେଳେ ଆଇଏଫ୍‌ଆରସି ରେଡ଼କ୍ରସର ଅନ୍ୟ ସମସ୍ତ ଦାୟିତ୍ୱକୁ ଜାତୀୟ ରେଡ଼କ୍ରସ ସୋସାଇଟି ସହଯୋଗରେ ପୂରଣ କରିଥାଏ।

ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା ମନୋଭାବ ସୃଷ୍ଟି କରିବା ପାଇଁ ବିଭିନ୍ନ ସ୍କୁଲରେ ଜୁନିୟର ରେଡ଼କ୍ରସ ଓ କଲେଜମାନଙ୍କରେ ୟୁଥ ରେଡ଼କ୍ରସ ସୋସାଇଟି ରହିଛି। ଏହାର ନୀତି ହେଉଛି ମାନବିକତା, ନିରପେକ୍ଷତା, ସ୍ୱାଧୀନତା, ସ୍ୱେଚ୍ଛାକୃତସେବା, ଏକତା ଓ ସାର୍ବଜନୀନ ଭାବ। ପ୍ରମୁଖ ଲକ୍ଷ୍ୟ ରହିଛି ଶିକ୍ଷା ଓ ତାଲିମ ଦ୍ୱାରା ସୁସ୍ଥ ଜୀବନ, ସ୍ୱାସ୍ଥ୍ୟର ଯତ୍ନ ଓ ନିରାପତ୍ତା ଉପରେ ଗୁରୁତ୍ୱ ଦେଇ ସୁନ୍ଦର ଜୀବନର ଅଧିକାରୀ କରାଇବା, ଶିକ୍ଷା ଓ ତାଲିମ ଦ୍ୱାରା ସମାଜସେବା ପାଇଁ ଉତ୍ସାହିତ କରିବା, ରେଡ଼କ୍ରସର ମୂଳନୀତି ସଂପର୍କରେ ସଚେତନ କରାଇବା, ମାନବିକତା ଭାବ ସୃଷ୍ଟି କରିବା, ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ମାନବସମ୍ବଳ ଉପରେ ଅଧ୍ୟୟନ କରିବା ଓ ଯୁବକଙ୍କ ମଧ୍ୟରେ ନେତୃତ୍ୱ ଭାବ ସୃଷ୍ଟି କରିବା।

ପୁରୁଣା ସୋନାରୀ, ଜାମସେଦପୁର

# ସିନ୍ଦୂରର ଜବାବ ଅପରେସନ ସିନ୍ଦୂରରେ

“ ଭାରତରେ ଆତଙ୍କବାଦୀ ଆକ୍ରମଣ ନୂଆ କଥା ନୁହେଁ। ଅନେକ ଥର ଆତଙ୍କବାଦୀ ଆକ୍ରମଣରେ ଆମର ସେନା ଏବେ ଆମ ଜନତାଙ୍କର ମୃତ୍ୟୁବରଣ କରିବାର ଖବର ଲୋକଲୋଚନକୁ ଆସିଛି। ଗତ ଏପ୍ରିଲ ୨୨ ତାରିଖରେ କାଶ୍ମୀରରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ନିରୀହ ଲୋକ ପ୍ରାଣ ହରାଇଥିଲେ ସେହି ଆକ୍ରମଣର ଠିକ୍ ୧୪ ଦିନ ପରେ ଭାରତ ତାର ବଦଲା ନେଉଛି। ଭାରତ ସେନା ଭାରତର ସୀମା ଭିତରେ ରହି ପାକିସ୍ତାନୀ ଆତଙ୍କବାଦୀଙ୍କ ରହିଥିବା ୯ ଟି ଜାଗାକୁ ଆକ୍ରମଣ କରିଥିଲେ । ସେହି ଆକ୍ରମଣରେ ୯୦ ରୁ ଅଧିକ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଭାରତୀୟ ସେନା ବାହିନୀଙ୍କ ଦ୍ୱାରା ଦୁଇ ପ୍ରମୁଖ ଲସ୍କରେ ତୋଇବା ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିଲା।

### କାଳୀ ଦାସ

ଭାରତର ଶୌର୍ଯ୍ୟ ଭାରତର ବୀରତ୍ୱ ତ୍ରିରଙ୍ଗାର ସମ୍ମାନକୁ ଆଖି ଆଗରେ ରଖି ପାକିସ୍ତାନର ଆତଙ୍କୀ ଆଡ୍ଡା ଉପରେ ଭାରତ ଯୁଦ୍ଧାଅସ୍ତ୍ର ଦ୍ୱାରା ଆକ୍ରମଣ କରି ଆତଙ୍କୀଙ୍କ ବହପ ଭାଙ୍ଗିଛି।

ଭାରତ କେବେହେଲେ ଅନ୍ୟ ଦେଶର ସାର୍ବଭୌମତ୍ୱ ଉପରେ ତିଳେ ମାତ୍ର ହସ୍ତକ୍ଷେପ କରିନାହିଁ। ଯେଉଁଥି ପାଇଁ ଭାରତର ଚାରିପଟେ ରହିଥିବା ଛୋଟିଆ ଛୋଟିଆ ଦେଶ ଗୁଡ଼ିକ ବିନା ଭୟରେ ମୁଣ୍ଡ ଉଠାଇ ରହିପାରିଛନ୍ତି। କିନ୍ତୁ ପାକିସ୍ତାନ ଦ୍ୱାରା ଗଠନ କରାଯାଇଥିବା ଆତଙ୍କବାଦୀ ସଂଗଠନଗୁଡ଼ିକ ସମୟ ସମୟରେ ଭାରତର ମାଟିକୁ ନିରୀହ ଲୋକଙ୍କ ଲହୁ ଲୁହାଣ କରିଛନ୍ତି।

ଭାରତ ବିଶ୍ୱ ଦରବାରରେ



ଏଥିପାଇଁ ଅନେକ ଥର ସ୍ୱର ଉଠାଇଛି। ବିଶ୍ୱର ନେତାମାନେ ଦୃଢ ହସ୍ତରେ ଯଦି ଆତଙ୍କବାଦୀ ଦେଶ ଗୁଡ଼ିକୁ ଦମନ କରନ୍ତେ। ତା ହେଲେ ଆତଙ୍କବାଦୀ ଓ ଆତଙ୍କବାଦକୁ ନିପାତ କରାଯାଇ ପାରିଥାନ୍ତା। ଆତଙ୍କବାଦ ସଭ୍ୟ ସମାଜ ପାଇଁ ଏକ ଅଭିଶାପ।

ଭାରତ ମେ ୭ ତାରିଖ ରାତି ଗୋଟେ ପାଞ୍ଚରେ ପାକିସ୍ତାନର ଆତଙ୍କବାଦୀ ଆଡ୍ଡା ଯେଉଁଠି ଭାରତ ଉପରେ ହୋଇଯାଇଥିବା ଆତଙ୍କବାଦୀ ଘଟଣାର ରଚନା କରାଯାଇଥିଲା ସେଇଠି ଆକ୍ରମଣ କରିଦେଇଛି।

ପାକିସ୍ତାନ ଅନ୍ତର୍ଜାତୀୟ ଫୋରମ୍‌ରେ ଭାରତର ସିନ୍ଧୁ ଚୁକ୍ତିକୁ ରଦ୍ଦ କରିବାର କଥା ଉଠାଇଥିଲା । କିନ୍ତୁ ପାକିସ୍ତାନର ଭାରତ ବିରୋଧୀ କାର୍ଯ୍ୟକଳାପ ଓ ପହଲଗାମରେ ଘଟି ଯାଇଥିବା ନରସଂହାରର ଦୃଷ୍ଟାନ୍ତ ଦେଇ ଅନ୍ତର୍ଜାତୀୟ ଫୋରମ ପାକିସ୍ତାନକୁ କଡାକଡି ସୂଚନା ଦେଇଛନ୍ତି। ତା ସହିତ ପାକିସ୍ତାନ ଦ୍ୱାରା ଦିଆଯାଇଥିବା ନ୍ୟୁକ୍ଲିୟରର ଧମକ କଥା ମଧ୍ୟ ଉଠିଛି। ପାକିସ୍ତାନର କାର୍ଯ୍ୟକଳାପ ସବୁବେଳେ ଭାରତ ବିରୋଧୀ ରହିଛି।

ପହଲଗାମରେ ପରିବାରର ଲୋକଙ୍କ ଆଗରେ ଘରର ପୁରୁଷଙ୍କୁ ଯେଉଁ ପରି ନିର୍ମମ ଭାବରେ ହତ୍ୟା କରାଯାଇଛି ତାହା ନିଶ୍ଚିତ ଭାବରେ ତୀବ୍ର ନିନ୍ଦନୀୟ। ସ୍ତ୍ରୀ ଓ ସନ୍ତାନଙ୍କ ଆଖି ଆଗରେ ବାପା ଓ ସ୍ୱାମୀର ନିର୍ମମ ହତ୍ୟା ନିଶ୍ଚିତ ଭାବରେ ନିନ୍ଦନୀୟ।

ଭାରତରେ ଆତଙ୍କବାଦୀ ଆକ୍ରମଣ ନୂଆ କଥା ନୁହେଁ। ଅନେକ ଥର ଆତଙ୍କବାଦୀ ଆକ୍ରମଣରେ ଆମର ସେନା ଏବେ ଆମ ଜନତାଙ୍କର ମୃତ୍ୟୁବରଣ କରିବାର ଖବର ଲୋକଲୋଚନକୁ ଆସିଛି। ଗତ ଏପ୍ରିଲ ୨୨ ତାରିଖରେ କାଶ୍ମୀରରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ନିରୀହ ଲୋକ ପ୍ରାଣ ହରାଇଥିଲେ ସେହି ଆକ୍ରମଣର ଠିକ୍ ୧୪ ଦିନ ପରେ ଭାରତ ତାର ବଦଲା ନେଉଛି। ଭାରତ ସେନା ଭାରତର ସୀମା ଭିତରେ ରହି ପାକିସ୍ତାନୀ ଆତଙ୍କବାଦୀଙ୍କ ରହିଥିବା ୯ ଟି ଜାଗାକୁ ଆକ୍ରମଣ କରିଥିଲେ । ସେହି ଆକ୍ରମଣରେ ୯୦ ରୁ ଅଧିକ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଭାରତୀୟ ସେନା ବାହିନୀଙ୍କ ଦ୍ୱାରା ଦୁଇ ପ୍ରମୁଖ ଲସ୍କର ଇ ତୋଇବା ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିଲା।



ଭାରତୀୟ ସେନା ପାକିସ୍ତାନର କୌଣସି ସାମରିକ ସ୍ଥାନରେ ଆକ୍ରମଣ କରିନଥିଲେ। ଭାରତର ଅପରେସନ ସିନ୍ଦୂର ପାକିସ୍ତାନର ସାଧାରଣ ନାଗରିକଙ୍କର କୌଣସି କ୍ଷୟକ୍ଷତି ନକରି ବରଂ କେବଳ ଆତଙ୍କୀ ଆଡ୍ଡାକୁ ନଷ୍ଟ କରିଛି।

ଆତଙ୍କୀଙ୍କ ୯ଟି ଆଡ୍ଡାକୁ ନଷ୍ଟ କରାଯାଇଛି । ଲସ୍କର-ଇ-ତୋଇବାର ମୁଜାଫରବାଦରେ ଥିବା ଟ୍ରେନିଂ କ୍ୟାମ୍ପକୁ ଟାର୍ଗେଟ କରାଯାଇଛି। ଲସ୍କର ତୋଇବା ଅକ୍ଟୋବର୨୦ ୨୦୨୪ ରେ ସୋନ ମାର୍ଗ,୨୪,୨୦୨୪ ରେ ଗୁଲମାର୍ଗ ଓ ପହଲଗାମ ଆକ୍ରମଣ ପାଇଁ ଏଠାରେ ଆତଙ୍କବାଦୀଙ୍କୁ ତାଲିମ ଦିଆଯାଇଥିଲା।

ମୁଜାଫରବାଦର ଜୈସ-ଇ ମହମ୍ମଦର ସିଏଦନା କ୍ୟାମ୍ପକୁ ଟାର୍ଗେଟ କରାଯାଇଛି। କେଟଲିରେ ଥିବା ଲସ୍କରଇତୋଇବାର ଗୁଲପୁର କ୍ୟାମ୍ପକୁ ଟାର୍ଗେଟ କରାଯାଇଛି। ବର୍ଣ୍ଣାଲାର କ୍ୟାମ୍ପକୁ ମଧ ଟାର୍ଗେଟ କରାଯାଇଛି। କେଟଲିର ଅବା କ୍ୟାମ୍ପକୁ ଟାର୍ଗେଟ କରାଯାଇଛି। ଏହି ସମସ୍ତ ସ୍ଥାନରେ ଭାରତ ବିରୋଧୀ ଟ୍ରେନିଂ ବା ପ୍ରଶିକ୍ଷଣ ଦିଆଯାଉଥିଲା।ଏବେ ସେମାନେ ଶାସ୍ତି ପାଇଲେ।

ବ୍ରହ୍ମପୁର, ଖୋଡାସିଂଙ୍ଗି କଳିଙ୍ଗନଗର
ଗଞ୍ଜାମ,ମୋ - ୭୨୦୫୧୦୦୮୩୯

## ଦୁର୍ଘଟଣାରେ ମୃତକଙ୍କ ପରିବାରବର୍ଗଙ୍କୁ ୧ଲକ୍ଷ ଟଙ୍କା ସହାୟତା

ଖଣ୍ଡପଡା,୭।୫ (ନିପ୍ର): ଖଣ୍ଡପଡା ବ୍ଲକର ବଳଭଦ୍ରପ୍ରସାଦ ପଞ୍ଚାୟତ ଅଧୀନ ନୂଆପଡା ଗ୍ରାମର ପବିତ୍ର ସାହୁ(୩୫)ଙ୍କର ଗତ ଅପ୍ରେଲ ୨୫ ତାରିଖରେ ଦୁର୍ଘଟଣାରେ ଅକାଳ ମୃତ୍ୟୁ ହୋଇଥିଲା । ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ଅକାଳ ବିୟୋଗରେ ପରିବାରବର୍ଗ ସଂପୂର୍ଣ୍ଣ ଭାଙ୍ଗି ପଡିଥିଲେ । ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଥିଲା । ଦୁର୍ଘଟଣା ସଂପର୍କରେ ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଓ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଅବଗତ ହେବା ପରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ଗ୍ରାମରେ ମଙ୍ଗଳବାର ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ମୃତ ପ୍ରକାଶଙ୍କ ୨ ଝିଅ ପ୍ରିୟଙ୍କା ସାହୁ(୭) ଓ ପଦ୍ମିନୀ ସାହୁ(୫)ଙ୍କ ଭବିଷ୍ୟତ ପାଇଁ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିଥିବା ଜଣାଯାଇଛି । ଭାପୁର ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ଏଭଳି ମହତ କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି । ଖଣ୍ଡପଡା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ବ୍ଲକ ବିଜେଡି ସଭାପତି ,ସମାଜସେବୀ ଅଖିଳ କୁମାର ପଣ୍ଡା, ଯୁବ ସଂଗଠକ ବୁଲୁ ଦାଶ, ପଞ୍ଚାୟତ ବିଜେଡି ସଭାପତି ମାନସ ପ୍ରଧାନ, ପବିତ୍ର ସାହୁ, ପୂର୍ବତନ ସଭାପତି ବୈକୁଣ୍ଠ ସାହୁ, ନାଏବ ସରପଂଚ ରମେଶ ସାହୁ, ବରିଷ୍ଠ କର୍ମୀ କାଶୀନାଥ ସାହୁ, ଲଡୁକିଶୋର ସାହୁଙ୍କ ସମେତ ଖଣ୍ଡପଡା ବ୍ଲକ ଅଧିନ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ଏ-୧ରେ ଉତ୍ତୀର୍ଣ୍ଣ ଛାତ୍ରୀ ରିତୁପୂର୍ଣ୍ଣାଙ୍କୁ ସମ୍ବର୍ଦ୍ଧନା

ଚାରିଛକ,୭।୫ (ନିପ୍ର): ଚାରିଛକ ନିକଟସ୍ଥ ତୁଳସୀପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରରରେ ପଢୁଥିବା ସାନହୁଲି ଗ୍ରାମର ଛାତ୍ରୀ ରିତୁପୂର୍ଣ୍ଣା ଶତପଥି ଚଳିତ ମାଟ୍ରିକ ପରୀକ୍ଷାରେ ଏ -୧ ରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ବିଦ୍ୟାଳୟ ତରଫରୁ ଛାତ୍ରୀଙ୍କ ବାସଭବନରେ ତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲାପରିଷଦ ତଥା ନିମାପଡା ବ୍ଲକ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ,ସମାଜସେବୀ ଅରକ୍ଷିତ ଭୋଇ,ପ୍ରକାଶ ଚନ୍ଦ୍ର ସାହୁ ସହିତ ସନ୍ତୋଷ କୁମାର ତ୍ରିପାଠୀ ଉପସ୍ଥିତ ରହି ପୁଷ୍ପଗୁଚ୍ଛ,ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ ।



ଉକ୍ତ ଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୫୫୮ ନମ୍ବର ଶତକଡା ୯୩ ପ୍ରତିଶତ ରଖି ଶିକ୍ଷା କେନ୍ଦ୍ରରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଉକ୍ତ ଶିକ୍ଷା କେନ୍ଦ୍ରର ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ସମେତ ଶିକ୍ଷକ, ଶିକ୍ଷୟତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆଗକୁ ଡାକ୍ତର ପଢି ସାଧାରଣ ଲୋକ ମାନଙ୍କ ସେବା କରିବି ବୋଲି ଛାତ୍ରୀ ପ୍ରକାଶ କରିଛନ୍ତି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସମୟରେ ଛାତ୍ରୀର ଜେଜେ ବାପା ରାଜେନ୍ଦ୍ର ଶତପଥି, ପିତା ହରେକୃଷ୍ଣ ଶତପଥି, ମାତା ଅମିତା ଶତପଥି ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଅଧକ୍ଷ ନିରଞ୍ଜନ ସେନ,ଶିକ୍ଷକ ବନମାଳୀ ରାଉତ,କମଳ ଲୋଚନ ବାରିକ, ଦିଲୀପ କୁମାର ରାଉତ , ଅରୁଣ କୁମାର ମହାନ୍ତି,ଦୀପକ କୁମାର ଦାଶ ସହିତ ଶତପଥୀ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ପରିବାର ପକ୍ଷରୁ ମିଠା ବଣ୍ଟନ କରାଯାଇଥିଲା । ଆଗକୁ ଉକ୍ତ ଛାତ୍ରୀ ଉଚ୍ଚ ଶିକ୍ଷାରେ ଉନ୍ନତି କରିବା ପାଇଁ ଅତିଥିମାନେ ଆଶୀର୍ବାଦ କରିଥିଲେ ।

## ବିରାଟ ପଟୁଆରରେ ମା'ଙ୍କ ଘଟ ପରିକ୍ରମା

ବୁଗୁଡ଼ା,୭।୫ (ନିପ୍ର): ବୁଗୁଡ଼ା ପଞ୍ଚ ଠାକୁରାଣୀ ଯାତ୍ରା ଦ୍ୱାଦଶ ଦିବସରେ ପହଞ୍ଚିଥିବା ବେଳେ ସ୍ଥାନୀୟ ଚ୍ୟାମ୍ବର ଅଫ୍ କମର୍ସ ପକ୍ଷରୁ ପଞ୍ଚ ଠାକୁରାଣୀଙ୍କ ଘଟ ପରିକ୍ରମା ସହ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବଡଦାଣ୍ଡସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପରେ ଯଥା ବିଧି ପୂର୍ବକ ପଞ୍ଚ ପୁରୋହିତ ମା'ଙ୍କ ପୂଜାର୍ଚ୍ଚନା ସମ୍ପାଦନ କରିଥିବା ବେଳେ ସନ୍ଧ୍ୟାରେ ୧୦୮ ଆଳତି ପରେ ଘଟ ପରିକ୍ରମାର ଶୁଭାରମ୍ଭ ହୋଇଥିଲା । ପଞ୍ଚ ମାନସିକଧାରୀ ମହିଳା ଏମ୍.ଲକ୍ଷ୍ମୀ ପାତ୍ର, ଟି.ସସ୍ମିତା ସାମନ୍ତରା, ଏସ୍.ମୋନାଲିସା, ଡି.ରେଶମା ପାତ୍ର, ସୁନିତା ପାତ୍ର ପ୍ରମୁଖ ଘଟ ଧାରଣ ପୂର୍ବକ ବଳଦେବ ମନ୍ଦିର, ପୋଲିସ ଥାନା ରୋଡ, ହାଇସ୍କୁଲ ଛକ, ନୂଆଁ ବସଷ୍ଟାଣ୍ଡ, ମଦନ ମୋହନ ଛକ, ବୁଦ୍ଧଖୋଲ ରୋଡ ଛକ, ପୋଲସରା ରୋଡ ଆଦି ପରିକ୍ରମା କରି ସ୍ୱଆସ୍ଥାନକୁ ଫେରିଥିଲେ । ମା'ଙ୍କ ଭ୍ରମଣୀ ଯାତ୍ରା କାଳରେ ଘଣ୍ଟତାଳ, ଢୋଲ ବାଦ୍ୟ ଏବଂ ଆତସବାଜିର ଶବ୍ଦରେ ପରିବେଶ ପ୍ରକମ୍ପିତ ହୋଇଥିଲା ବେଳେ ଶିବ ପାର୍ବତୀ, ମହାବୀର ହନୁମାନ ପଟୁଆର ଦେଖିବାକୁ ଲୋକଙ୍କ ଭିଡ ଜମିଥିଲା । ଅନ୍ୟପକ୍ଷରେ ଆଜି କାର୍ଜି ସାହିର 'ବ୍ୟାଘ୍ରଦେବୀ' ମେଢ, ଘୁଣୁଚୁଣିଆ ସାହିର 'ଶିବ ପାର୍ବତୀ' ମେଢ, ରଘୁନାଥ ସାହିର 'ଶ୍ରୀ ରାମ' ମେଢ, ବେତାରସିଂ ରୋଡର 'ଅନନ୍ତ ଶୟନ' ମେଢ, ମେଡିକାଲ ଛକର 'ରାମଲାଲ' ମେଢ, ଅନ୍ଧାରିଆ ସାହିର 'ଶ୍ରୀ ଜଗନ୍ନାଥ' ମେଢ, ନୂଆସାହିର 'ଶ୍ରୀ ଗଣେଶ' ମେଢ ଲୋକାର୍ପିତ ହୋଇଥିଲା ।

## ଆଇଆରପିଏମ ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୁଗୁଡା,୭।୫ (ନିପ୍ର): ବୁଗୁଡା ପିପୁଲସ କଲେଜର ଆଇ.ଆର.ପି.ଏମ. ବିଭାଗର +୩ ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ +୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ବୃନ୍ଦଙ୍କ ଦ୍ୱାରା ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ କଲେଜର ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ସୁଶାନ୍ତ କୁମାର ସାହୁ ଯୋଗଦେଇଥିଲେ । ବିଭାଗର ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ସେଠୀ ଓ ଅଧ୍ୟାପିକା ଚିନ୍ମୟୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । +୩ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ବୃନ୍ଦ ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଜଣାଇଥିବା ବେଳେ ତୃତୀୟ ବର୍ଷ ଛାତ୍ରଛାତ୍ରୀ ବୃନ୍ଦ ସେମାନଙ୍କ ତିନି ବର୍ଷର ଅନୁଭୂତି ପ୍ରକାଶ କରିଥିଲେ । ଅଧ୍ୟକ୍ଷ ଶ୍ରୀ ନାୟକ, ଅତିଥି ଅଧ୍ୟାପକ ଶ୍ରୀ ସାହୁ ଏବଂ ଆଇଆରପିଏମ ବିଭାଗ ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ସେଠୀ ଓ ଅଧ୍ୟାପିକା ଚିନ୍ମୟୀ ପାତ୍ର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭାଗ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା ।

## ଛତ୍ରପଡା ଶ୍ରୀରାମଲୀଳା ଯାତ୍ରାରେ ବନବାସ ମଞ୍ଚସ୍ଥ

ନିରାକାରପୁର,୭।୫ (ନିପ୍ର); ରୀତିନୀତି ଓ ପରମ୍ପରା ଅନୁଯାୟୀ ପ୍ରତିବର୍ଷଭଳି ଚଳିତବର୍ଷ ଗତ ୨ ତାରିଖଠାରୁ ଆରମ୍ଭ ହୋଇଥିବା ଖୋର୍ଦ୍ଧା ଜିଲା ଛତ୍ରପଡା ଗ୍ରାମର ଶ୍ରୀ ରାମଲୀଳା ଯାତ୍ରାରେ ପ୍ରଥମ ରଜନୀରେ'ସୀତାବିବାହ'ମଞ୍ଚସ୍ଥ ହୋଇଯାଇଥିବା ବେଳେ ଦ୍ୱିତୀୟ ରଜନୀରେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ବନବାସ । ଲୀଳା ମଞ୍ଚସ୍ଥ ହୋଇଯାଇଛି ।କବି ସ୍ୱର୍ଗତ ଅନଙ୍ଗ ନରେନ୍ଦ୍ରଙ୍କ ବିରଚିତ ରାମାୟଣକୁ ସମସ୍ତ ଗ୍ରାମବାସୀଙ୍କ ସଂପୂର୍ଣ୍ଣ ସହଯୋଗରେ ରଘୁନାଥ କଳାପରିଷଦ ପରିଚାଳନା କରୁଛି । ଏହି ଶ୍ରୀରାମଲୀଳା ପୌରାଣିକ ନାଟକ ମଞ୍ଚସ୍ଥ ଦେଖିବାକୁ ପ୍ରତି ରଜନୀରେ ବହୁ ରାମଭକ୍ତଙ୍କ ସମାଗମ ହେଉଥିବା ଦେଖିବାକୁ ମିଳୁଛି ।

# ୱାକଫ ସୁଧାର ଜନଜାଗରଣ ସଂଖ୍ୟାଲଘୁଙ୍କୁ ବୁଝାଇଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୭।୫ (ନିପ୍ର): ୱାକଫ ବିଲ୍ ସଂଶୋଧନ ଦ୍ୱାରା ୱାକଫ ବୋର୍ଡରେ ସ୍ୱଚ୍ଛତା ରହିବା ସହିତ ମୁସଲିମ ସଂପ୍ରଦାୟର ମହିଳା ଏବଂ ଝିଅମାନଙ୍କୁ ସ୍ୱାବଲମ୍ବୀ ସହିତ ଆର୍ଥିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତି ଉପକୃତ ହୋଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରରେ ଅନୁଷ୍ଠିତ ୱାକଫ ସଂଶୋଧନ ବିଲ୍ ଉପରେ ହୋଇଥିବା ଜନ ଜଗରଣ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି । ଭାରତୀୟ ଜନତା ପାର୍ଟି କେନ୍ଦୁଝର ଜିଲ୍ଲା ପକ୍ଷରୁ ସ୍ଥାନୀୟ ଅଡିଟୋରିୟମରେ ଏହି ଜନଜାଗରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅନନ୍ତ ନାଏକ, ବିଧାୟକ ଡାକ୍ତର ଫକୀର ନାଏକ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ପୂର୍ବତନ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶିବାଜୀ ମହାନ୍ତି, ଜିଲା ବିଜେପି ସମ୍ପାଦକ ନୀଳମଣି ମହାନ୍ତ, ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ସାଧାରଣ ସଂପାଦକ ଜଲାଲଉଦ୍ଦିନ ଆକବର(ଲିଲିଆ), ସଂଖ୍ୟାଲଘୁ ମୋର୍ଚ୍ଚାର ଜିଲ୍ଲା ସଭାପତି ମହତାବ ଆଲାମ, କେନ୍ଦୁଝରଗଡ ପୌରପାଳିକା ଅଧକ୍ଷା ନିକୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ବିଜେପି ସରକାରଙ୍କ ସ୍ଲୋଗାନ ହେଉଛି ସବକା ସାଥ, ସବକା ବିକାଶ । ହିନ୍ଦୁ ହୁଅନ୍ତୁ କି ମୁସଲମାନ ସମସ୍ତଙ୍କୁ ନେଇ ସରକାର ଚାଲୁଛି । କାହାକୁ କୌଣସି କ୍ଷେତ୍ରରେ ଅବହେଳା କରଯାଉ ନାହିଁ । ସୁଭଦ୍ରା ଯୋଜନା ହେଉ କି ଧାନର ଇନ୍‌ପୁଟ ହେଉ, ସବୁଥିରେ ସମସ୍ତଙ୍କୁ ସାମିଲ କରାଯାଉଛି ଏବଂ ସମସ୍ତଙ୍କୁ ସରକାରଙ୍କ ସୁଫଳ ମିଳୁଛି । ବିଜେପିକୁ ନେଇ ସବୁବେଳେ ସାଂପ୍ରଦାୟିକ ଦଳ କହି ଆରୋପ କରାଯାଉଛି । ମାତ୍ର ଏହା ମିଥ୍ୟା ।




କେନ୍ଦୁଝର ଜିଲ୍ଲାରେ ଯୋଡା, ବଡ଼ବିଲ , କେନ୍ଦୁଝର ଭଳି ସହରରେ ହନୁମାନ ଜୟନ୍ତୀ ଭଳି କାର୍ଯ୍ୟକ୍ରମରେ ବିଶୃଙ୍ଖଳା ହୋଇନାହିଁ । ବରଂ ମୁସଲିମ ସଂପ୍ରଦାୟର ଭାଇମାନେ ଏଥିରେ ସହଯୋଗ କରିଛନ୍ତି । ଓାକଫ ବୋର୍ଡ ବାବଦରେ ସେ କହିଥିଲେ, ଏହି ବିଲରେ ସଂଶୋଧନ କରାଯାଇଛି । ଏହା ଅଧିକ କିଭଳି ସ୍ୱଚ୍ଛ ଏବଂ ଫଳପ୍ରସୂ ହେବ, ତାହା କରାଯାଇଛି । ତୁର୍କୀ ଭଳି ଦେଶରେ ୱାକଫ ବୋର୍ଡର ବିଲ ସଂଶୋଧନ କରାଯାଇ ସେଠାରେ ଭୂମିହୀନ ଅଛନ୍ତି ବା ଯେଉଁମାନଙ୍କ ଜମିକୁ ଅନ୍ୟ ଦ୍ୱାରା ଜବର ଦଖଲ କରାଯାଇଛି । ତାହାକୁ ୱାକଫ ବୋର୍ଡ ସହଯୋଗ କରିବାକୁ ନିଶ୍ଚିତ କରାଯାଇଛି । କୋଟଲା ଫିରୋଜ ଶାହା ଷ୍ଟାଡିୟମ ଭିତରେ ଥିବା ମସଜିଦ୍‌କୁ ୱାକଫବୋର୍ଡ ନିଜର ଦାବି କରୁଛି । ଏଭଳି ଅନେକ ମସଜିଦ୍ ଭଳି କେରଳର ଏକାଧିକ ଖ୍ରୀଷ୍ଟିୟାନ ସଂପତ୍ତିକୁ ୱାକଫ ବୋର୍ଡ ମଧ୍ୟ ନିଜର ବୋଲି ଦାବି କରିଛି, ଯାହାକି ଅଗ୍ରହଣୀୟ । ପଶ୍ଚିମ ବଙ୍ଗର ବର୍ଦ୍ଧମାନ ଜିଲାର ସାନ୍ତାଳୀ ମାନଙ୍କ ଏକ ପୂଜାସ୍ଥଳୀକୁ ୱାକଫ ବୋର୍ଡ ନିଜର ବୋଲି ଦାବି କରୁଛି । ଏହା କେମିତି ସମ୍ଭବ । ତେଣୁ ଏସବୁର ଆଇନଗତ ସମାଧାନ ପାଇଁ ଏହି ବିଲ୍ ସଂଶୋଧନ କରାଯାଇଛି ଏବଂ ଏହାଦ୍ୱାରା ଖାଲି ଅନ୍ୟ ସଂପ୍ରଦାୟ ନୁହେଁ, ବରଂ ଗରିବ ମୁସଲମାନମାନେ ସମସ୍ୟାରେ ପଡୁଥିଲେ । ଯାହାର ସମାଧାନର ବାଟ ଫିଟିଛି । ସେ କହିଥିଲେ, ମୋଗଲ ସାମ୍ରାଜ୍ୟ ଠୁ ୨୦୧୩ ମସିହା ପର୍ଯ୍ୟନ୍ତ ୱାକଫ ବୋର୍ଡ ପାଖରେ ୧୮ ଲକ୍ଷ ୪୩୦ ହଜାର ଏକର ଜମି ଥିଲା । ମାତ୍ର ୨୦୧୩ରୁ ୨୦୨୫ ମସିହା ମଧ୍ୟରେ ୨୦ଲକ୍ଷ ୯୨ ହଜାର ଏକର ୱାକଫ ବୋର୍ଡ ସହିତ ଯୋଡି ହୋଇଗଲା । ଖାଲି ଏହା ଦ୍ୱାରା ହିନ୍ଦୁମାନେ କ୍ଷତିଗ୍ରସ୍ତ ହେଲେ, ତାହା ନୁହେଁ, ବରଂ ମୁସଲମାନମାନେ ମଧ୍ୟ ଅସାମନତାର ଶିକାର ହେଉଥିଲେ ବୋଲି ସେ କହିଥିଲେ । ସେ କହିଥିଲେ, ୨୦୧୩ ମସିହା ମଧ୍ୟରେ ଏହି ୱାକଫ ବୋର୍ଡର କେସ୍ ସଂଖ୍ୟା ୧୦୩୮୧ଟି ଥିବା ବେଳେ ୨୦୧୩ ମସିହାରୁ ଏଯାଏ ମୋଟ କେସ୍ ସଂଖ୍ୟା ୨୧୬୧୮ଟି କେସ୍ ହୋଇଛି । ଏମିତିକି ଇତିମଧ୍ୟରେ ମୋଟ ୫୭୯୩ଟି ସରକାରୀ ସଂପତ୍ତି ଏବେ ୱାକଫ ବୋର୍ଡର ବୋଲି ୱାକଫ ବୋର୍ଡ ଦାବି କରୁଛି ।

ତେଣୁ ଏବେ ଏହି ବିଲ୍ ସଂଶୋଧନ ହେବା ଦ୍ୱାରା ଆଗାମୀ ଦିନରେ ସମସ୍ତେ ଉପକୃତ ହେବେ ଏବଂ ବିଶେଷ କରି ଆଇନରେ ସମାନତା ଆସିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

## 'ଆଦିବାସୀ ମହିଳାଙ୍କ ମୁଖରେ ହସ ଫୁଟାଇବା ମୋ ଲକ୍ଷ୍ୟ'

ପୁରୀ,୭।୫ (ନିପ୍ର): ସମଗ୍ର ଦେଶରୁ ମହିଳାମାନଙ୍କ ଉପରେ ଯେଉଁ ପ୍ରକାର ନିର୍ଯାତନା ହେଉଛି ସେଥିରୁ ସେମାନଙ୍କୁ ମୁକ୍ତ କରିବା ମୋର ଲକ୍ଷ୍ୟ, ନିକଟରେ ୱାସିଣ୍ଟନରୁ ଗ୍ଲୋବାଲ ରାକିଙ୍ଗରେ ସଫଳତା ହାସଲ କରିଥିବା ପୁରୀର ସମାଜ ସେବୀ ତଥା ଲେଖିକା, ସଂଗଠିକା ମାନସୀ ପ୍ରଧାନ ତାଙ୍କ ପ୍ରତିକ୍ରିୟାରେ କୁହନ୍ତି ସମାଜରେ ବର୍ତ୍ତମାନ ମହିଳାମାନଙ୍କ ଉପରେ ଯୌନ ଶୋଷଣ ଓ ନିର୍ଯାତନା ବୃଦ୍ଧି ପାଉଥିବା ଯୋଗୁଁ ଏହାର ନିରାକରଣ କରିବା ନିମନ୍ତେ ସଚେତନତା କରାଯିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ଓଡ଼ିଶାରେ ଆଦିବାସୀ ଅଞ୍ଚଳ ବାସିନ୍ଦା ମାନେ ଏବେବି ଅବହେଳିତ, ବିଭିନ୍ନ ସମସ୍ୟାର ସମୁଖୀନ ହେଉଛନ୍ତି ଆମ ଅନୁଷ୍ଠାନ ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ କଳାହାଣ୍ଡି ଜିଲ୍ଲାର ରାମପୁର ବ୍ଲକରେ ଆଦିବାସୀମାନଙ୍କ ମୁଖରେ ହସଫୁଟେଇବା ପାଇଁ ସଂକଳ୍ପ ନେଇ କାର୍ଯ୍ୟ ଆରମ୍ଭ କରିଛି ।

ମହିଳାମାନଙ୍କର ସାମାଜିକ, ଅର୍ଥନୈତିକ ବିକାଶ କରିବା ପାଇଁ ଗ୍ରୁପ ମାଧ୍ୟମରେ କାର୍ଯ୍ୟ ଆରମ୍ଭ କରାଯାଇଛି । ମହିଳାମାନେ ମାଣ୍ଡିଆ ଓ କୋସଲା ଚାଷକାରୀ ଯେପରି ଅଧିକ ଅର୍ଥ ରୋଜଗାର କରିପାରିବେ ଓ ସେମାନଙ୍କୁ ଆଧୁନିକ ଯନ୍ତ୍ର ପାତି ଯୋଗାଇ ଦିଆଯିବ ଉପରେ ସେ କାର୍ଯ୍ୟ ଆରମ୍ଭ କରିଛନ୍ତି, ମହିଳାମାନଙ୍କ ଉପରେ ହେଉଥିବା ବିଭିନ୍ନ ପ୍ରକାର ହିଂସା କାର୍ଯ୍ୟକ୍ରମ ବିରୁଦ୍ଧରେ ବିଦେଶରେ ଆଲୋଚନା ଓ ସେମିନାର ମାଧ୍ୟମରେ ସଚେତନତା କରେଇଛନ୍ତି । ବିଦେଶରେ ମଧ୍ୟ ତାଙ୍କର ଏହି କାର୍ଯ୍ୟକ୍ରମ ପାଇଁ ତାଙ୍କୁ ପ୍ରଶଂସା ଓ ସମ୍ମାନ ଦେଇଛନ୍ତି ।

## ଜନଜାତି ଗବେଷକ ଡକ୍ଟର ସୁରେନ୍ଦ୍ର ନାଥ ସାହୁ 'ସିଦ୍ଧାନ୍ତ ସମ୍ମାନ-୨୦୨୫' ରେ ସମ୍ବର୍ଦ୍ଧିତ

### ସିଦ୍ଧାନ୍ତ ସାହିତ୍ୟ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବ

ପାରଳାଖେମୁଣ୍ଡ,୭।୫ (ନିପ୍ର); ଓଡ଼ିଶାର ମହିମାମଣ୍ଡିତ ଉପାନ୍ତ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିଠାରେ ଉପାନ୍ତପ୍ରହରୀ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠିତ ସିଦ୍ଧାନ୍ତ ସାହିତ୍ୟ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବ- ୨୦୨୫ ପାଳିତ ହୋଇଯାଇଛି ।

ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷା ଡକ୍ଟର ଅନ୍ନପୂର୍ଣ୍ଣା ଦେବୀ, ସମ୍ପାଦିକା ଡକ୍ଟର କଲ୍ୟାଣୀ ମିଶ୍ର, ମୁଖ୍ୟ ଅତିଥି ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାସ, ସମ୍ମାନିତ ଅତିଥି ଗୁଣୁପୁର ଉପ-ଜିଲ୍ଲାପାଳ ସୁଶ୍ରୀ କିରନଦୀପ୍ କୌର ସହତା ଓ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡକ୍ଟର ସିଦ୍ଧାର୍ଥ ଶଙ୍କର ପାଢୀ ଏବଂ ଧରାକୋଟ ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ସୁଜିତ କୁମାର ପଣ୍ଡା ମଞ୍ଚାସୀନ ଥିଲେ ଓ ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଶ୍ରୀମତୀ ବି. କୋମଳାଙ୍ଗିଙ୍କ ରଚିତ "ଓଡ଼ିଶାର ଦକ୍ଷିଣାଞ୍ଚଳ: ଆଧୁନିକତାର ଆବର୍ତ୍ତରେ ପ୍ରାଚୀନ ଶାବରୀ ସଂସ୍କୃତି" ପୁସ୍ତକ ଓ ଅନୁଷ୍ଠାନର 'ସିଦ୍ଧାନ୍ତ' ପତ୍ରିକା ଉନ୍ମୋଚିତ ହୋଇଥିଲା । ଶବର ସମାଜର ସାଂସ୍କୃତିକ କ୍ଷେତ୍ରରେ କାର୍ଯ୍ୟରତ କବିସୂର୍ଯ୍ୟନଗରର ଜନଜାତି ଗବେଷକ ଡକ୍ଟର ସୁରେନ୍ଦ୍ର ନାଥ ସାହୁଙ୍କୁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ସିଦ୍ଧାନ୍ତ ସମ୍ମାନ-୨୦୨୫'ରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଥିଲେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାସ ଓ ଏହା ସହିତ ଫାଲଗୁନୀ ଶବର, ଲାବଣ୍ୟ ଶବର, କୃଷ୍ଣ ଶବର, ତରଣୀସେନ ଦାସ, ଅମ୍ରିତ ପାଣିଗ୍ରାହୀ, ଗାୟତ୍ରୀ ଶବର ଓ ହାରାବତୀ ଗମାଙ୍ଗଙ୍କୁ ସିଦ୍ଧାନ୍ତ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ନଦୀର ଜଳ ଯେପରି ପ୍ରତିକ୍ଷଣରେ ତା'ର ସ୍ଥାନ ପରିବର୍ତ୍ତନ କରିଥାଏ, ସେପରି ଭାଷା ଓ ସଂସ୍କୃତି ପ୍ରତି ସମୟରେ ପରିବର୍ତ୍ତନଶୀଳ ବୋଲି ଗଜପତି ଜିଲ୍ଲାପାଳ ମତ ରଖିଥିବା ବେଳେ ସମସ୍ତ ବକ୍ତା ଶବର ସଂସ୍କୃତି ସହିତ ଜଗନ୍ନାଥ ସଂସ୍କୃତି କିପରି ଓତପ୍ରୋତ ଭାବେ ଜଡ଼ିତ ତାହା ବର୍ଣ୍ଣନା କରିଥିଲେ । ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଡି. ପ୍ରିୟଙ୍କାଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ଓ ଭି. ହିମଗିରିଙ୍କ ନିର୍ଦ୍ଦେଶନାରେ କୁଚିପୁଡି ନୃତ୍ୟ ଅନୁଷ୍ଠିତ ହୋଇଥିଲା ।

ବିଚିତ୍ରାନନ୍ଦ ବେବର୍ତ୍ତା, ତ୍ରିପତି ପଣ୍ଡା, ମୁରଲୀଧର ଜେନା, ଅରୂପାଞ୍ଜଳି ବେହେରାଙ୍କ ସମେତ ସିଦ୍ଧାନ୍ତ ପରିବାରର ସଦସ୍ୟସଦସ୍ୟା, ଶବର ସମାଜର ବିଶିଷ୍ଟ ବ୍ୟକ୍ତିଗଣ, ଏବଂ ସହରର ବହୁ ବୁଦ୍ଧିଜୀବୀଙ୍କ ସହଯୋଗରେ ଉତ୍ସବଟି ପୂର୍ଣ୍ଣ ସଫଳତା ହାସଲ କରିଥିଲା ।

## ପାଠ ଛାଡ଼ି ରହି ଯାଉଥିବା ଶିଶୁଙ୍କୁ ବୈଷୟିକ ଶିକ୍ଷାରେ ଯୋଡିବା ପାଇଁ ପ୍ରୟାସ

ରେଢ଼ାଖୋଲ,୭।୫ (ନିପ୍ର): ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗ (ଆଇସିଡିଏସ) ରେଢ଼ାଖୋଲ ପକ୍ଷରୁ ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ପରିସର ରାଜୀବ ଭବନ ଠାରେ ଶିକ୍ଷାଦାନରୁ ବଞ୍ଚିତ କିମ୍ବା ପାଠ ଅଧାରୁ ଛାଡି ଥିବା ଛାତ୍ର ଛାତ୍ରୀଙ୍କ ଉପରେ ଏକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି । ଏହି କର୍ମଶାଳାଟି ରେଢ଼ାଖୋଲ ରାଜୀବ ଗାନ୍ଧୀ ଭବନ ଠାରେ ଆଇ. ଟି.ଆଇ ମାନେଶ୍ୱର ତରଫରୁ କିଶୋରୀ ବାଳିକା ଓ ବାଳକ ମାନଙ୍କ ପାଇଁ ଏକ ପରାମର୍ଶ ଶିବିର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ଆୟୋଜନ କରା ହୋଇଥିଲା । ଏଡ୍. ଇଟ.ଆକ୍ସନ ଓ ୟୁନିସେଫ୍ ଏହି କାର୍ଯକ୍ରମର ଆୟୋଜନ ରେ ବୈଦେଶିକ ସହାୟତା ପ୍ରଦାନ କରିଥିଲେ । ସିଡିପିଓ ଆରତୀ




ମିଶ୍ରଙ୍କର ସ୍ୱାଗତ ସମ୍ବର୍ଦ୍ଧନା ରେ ଉକ୍ତ କାର୍ଯ୍ୟକ୍ରମର ଆରମ୍ଭ କରା ହୋଇଥିଲା । ସୁନୀତା ତ୍ରିପାଠୀ ଜିଲ୍ଲା ସଂଯୋଜିକା ଏଡ୍. ଇଟ.ଆକ୍ସନ ଉକ୍ତ କାର୍ଯ୍ୟକ୍ରମ ର ଲକ୍ଷ୍ୟ ଦଶମ ଶ୍ରେଣୀ ପରେ ପାଠ ଛାଡି ରହି ଯାଉଥିବା ଶିଶୁ ମାନଙ୍କୁ ବୈଷୟିକ ଶିକ୍ଷାରେ ଯୋଡିବା ପାଇଁ ରଖା ଯାଇଛି । ରେଢାଖୋଲ ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତି ଉକ୍ତ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ ଓ ଶିଶୁ ମାନଙ୍କୁ ବିଭିନ୍ନ ପାଠ୍ୟ କାର୍ଯ୍ୟକ୍ରମରେ ଯୋଡ଼ି ହେବା ପାଇଁ ପ୍ରେରଣା ଦେଇଥିଲେ । ମାନେଶ୍ୱର ଆ.ଟି.ଆଇର ଅନୁକୂଳ ମହାନ୍ତି ଆଇ .ଟି.ଆଇ ରେ ଥିବା ବିଭିନ୍ନ ପାଠ୍ୟ କାର୍ଯ୍ୟକ୍ରମ ଓ କେମିତି ଆବେଦନ କରି ପାରିବେ ସେ ଉପରେ ଶିଶୁ ମାନଙ୍କୁ ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୬୫ ଜଣ କିଶୋରୀ ଓ କିଶୋର ମାନେ ଯୋଗ ଦେଇଥିଲେ ଓ ୧୧ ଜଣ ଅନଲାଇନ ଆବେଦନ ଫର୍ମ ପୂରଣ କରିଥିଲେ ଯେଉଁ ମାନେ ଇଚ୍ଛୁକ ଅନ୍ୟ ଜାଗାରେ ମଧ୍ୟ ଆବେଦନ କରିପାରିବେ ବୋଲି ସୂଚନା ଦିଆଯାଇଥିଲା । ଉକ୍ତ କାର୍ଯକ୍ରମରେ ମାନେଶ୍ୱର ଆଇ.ଟି.ଆଇ ର ସଦସ୍ୟ ମାନେ ଶିଶୁମାନଙ୍କର ଅନଲାଇନ ଆବେଦନ କରିଥିଲେ ।

ଶେଷରେ ରଜନୀ ସାହୁ ସୁପରଭାଇଜର ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମ ଆୟୋଜନରେ ରେଢ଼ାଖୋଲ ସମନ୍ୱିତ ଶିଶୁ ବିକାଶ ଯୋଜନାର କର୍ମକର୍ତ୍ତା ସହାୟତା କରିଥିଲେ ।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଦାମନଯୋଡି,୭/୫ (ନିପ୍ର): ନାଲକୋ ଦାମନଯୋଡି ସମ୍ପ୍ରସାରଣ ପ୍ରକଳ୍ପରେ କାର୍ଯ୍ୟରତ ଭାରତ ସରକାରଙ୍କ ଉଦ୍ୟୋଗ ବ୍ରିଜ ଏଣ୍ଡ ରୁଫ କମ୍ପାନୀ ଇଣ୍ଡିଆ ଲିମିଟେଡ ପକ୍ଷରୁ ଲେବର୍ କ୍ୟାମ୍ପ ଠାରେ ମଙ୍ଗଳବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କମ୍ପାନୀର ଉପ ମହା ପ୍ରବନ୍ଧକ ଦୁର୍ଗା ପ୍ରସାଦ ପଣ୍ଡାଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଛି । ବ୍ରିଜ ଏଣ୍ଡ ରୁଫର ବରିଷ୍ଠ ପ୍ରବନ୍ଧକ ସୌମ୍ୟ କାନ୍ତ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ମାଥାଲପୁଟ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ମାର୍ଶାଲିନ ବିଶ୍ୱାଳ ଉଦ୍ଘାଟନ କରିଥିଲେ । ଏହି ଶିବିରରେ ଡାକ୍ତର ମାର୍ଶାଲିନ ବିଶ୍ୱାଳଙ୍କ ସମେତ ଡାକ୍ତର ଅବିନାଶ ଚିନାରା, ଡାକ୍ତର ସୁଶ୍ରୀତା ଦାସ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବାବେଳେ ଫାର୍ମାସିଷ୍ଟ ଗଣେଶ ବେହେରା, କାମିନୀ ନାୟକ ଓ ସ୍ୱାସ୍ଥ୍ୟକର୍ମୀ ବେବି ସ୍ୱାଇଁ ସହଯୋଗ କରିଥିଲେ । ବ୍ରିଜ ଏଣ୍ଡ ରୁଫ୍ ଡିଜିଏମ ପିଜୁସ କାନ୍ତି ଘୋଷ, ଏଜିଏମ ଜୟନ୍ତ କୁମାର ଦାସ, ଅଭିଜିତ ମୁଖାର୍ଜୀ, ଏଚ୍‌ଆର୍ ସିଦ୍ଧାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଶ୍ରମିକ ଓ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ । ସେଫ୍ଟି ଅଧିକାରୀ କାହ୍ନୁ ଚରଣ ଭୋଳ, ସଂଗ୍ରାମ ଭୋଳ, ଫାର୍ଷ୍ଟ ଏଡ୍ ଅଧିକାରୀ ରମେଶ ଚନ୍ଦ୍ର ଖରା, ସୁପରଭାଇଯର ସୁବିର୍ ଚାଟାର୍ଜୀ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ । ଏହି ଶିବିରରେ କମ୍ପାନୀର କାର୍ଯ୍ୟରତ ଶତାଧିକ ପୁରୁଷ, ମହିଳା ଶ୍ରମିକ ଓ କର୍ମଚାରୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସମସ୍ତଙ୍କୁ ଆବଶ୍ୟକୀୟ ମାଗଣା ଔଷଧ ପ୍ରଦାନ କରାଯାଇଥିଲା ।

# ପଞ୍ଚାୟତ କାର୍ଯ୍ୟନିର୍ବାହୀ ନିଯୁକ୍ତିକୁ ନେଇ ବଢୁଛି ବିବାଦ

## ପ୍ରଶାସନ ବିରୋଧରେ ହରିଅଙ୍କ ପଞ୍ଚାୟତବାସୀଙ୍କ 'ଯୁଦ୍ଧଂଦେହି' ଡାକରା

ଡେରାବିଶ,୭।୫ (ନି:ପ୍ର)-ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତିକୁ ନେଇ ବିବାଦ ଚରମ ସୀମାରେ ପହଞ୍ଚିଛି । ଏହି ଘଟଣାକୁ ନେଇ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ବାସୀଙ୍କ ମଧ୍ୟରେ ବାଦ ବିବାଦ ଉଗ୍ରରୂପ ଧାରଣ କରିଛି । ସୂଚନାରୁ ପ୍ରକାଶ ଯେ ହରିଅଙ୍କ ପଞ୍ଚାୟତରେ ଜନୈକ ବ୍ୟକ୍ତି ଦୀର୍ଘ ଆଠବର୍ଷ ଧରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଭାବେ କାର୍ଯ୍ୟ କରିଥିଲେ ।ପ୍ରାୟ ଏକ ବର୍ଷ ପୂର୍ବେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଛୁଟିରେ ଥିଲେ ।ପ୍ରାୟ ଦୁଇମାସ ହେବ ସେ ସୁସ୍ଥ ହେବା ପରେ ପଞ୍ଚାୟତରେ କାର୍ଯ୍ୟ କରିବା ତାଙ୍କ ପକ୍ଷେ ସମ୍ଭବ ନ ହେବାରୁ ଡେରାବିଶ ବିଡ଼ିଓ ତାଙ୍କୁ ବ୍ଲକ କାର୍ଯ୍ୟାୟଳରେ କାର୍ଯ୍ୟ କରିବା ପାଇଁ ଅନୁମତି ଦେଇଥିଲେ । ମାତ୍ର ଏକମାସ ପୂର୍ବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ଧରଣର ବଦଳି କରାଯାଇଥିବା ବେଳେ ଦୀର୍ଘ ବର୍ଷ ଧରି ଡେରାବିଶରେ ରହି ଆସିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ମାର୍ଶାଘାଇ ବ୍ଲକକୁ ବଦଳି କରାଯାଇଥିଲା । କିନ୍ତୁ ଉକ୍ତବ୍ୟକ୍ତି କୌଶଳକ୍ରମେ ପ୍ରଶାସନିକ ସ୍ତରରେ ପ୍ରଭାବ ପକାଇ ପୁନର୍ବାର ଡେରାବିଶ ବ୍ଲକକୁ ଡେପୁଟେସନରେ ଆସିବାକୁ ସକ୍ଷମ ହୋଇଥିଲେ । ଡେରାବିଶ ବ୍ଲକ ପତ୍ର ସଂଖ୍ୟା ୧୪୯୧ ତା ୭/୩/୨୫ ଅନୁଯାୟୀ ଉକ୍ତ ବ୍ୟକ୍ତିଙ୍କୁ ପୁନର୍ବାର ହରିଅଙ୍କ ପଞ୍ଚାୟତରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ଏହା ଜଣାପଡ଼ିବା ପରେ ପଞ୍ଚାୟତ ବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯିବା ସହ କୌଣସି ପରିସ୍ଥିତିରେ ଏହି ପଞ୍ଚାୟତରେ ତାଙ୍କୁ ଦାୟିତ୍ୱ ଦେବା ସମ୍ଭବ ନୁହଁ ବୋଲି ପଞ୍ଚାୟତର ବହୁ ବୁଦ୍ଧିଜୀବୀ ମତ ଦେଇଥିଲେ । ଏପରିକି ଉକ୍ତ ବ୍ୟକ୍ତି ଏହି ପଞ୍ଚାୟତରେ କାର୍ଯ୍ୟ କରିବା ସମୟରେ ବହୁ ଦୁର୍ନୀତିରେ ଜଡ଼ିତ ଥିବା ଓ ବହୁ ହିତାଧିକାରୀଙ୍କ ନିକଟରୁ ଆବାସ ଯୋଜନାରେ ଟଙ୍କା ଆଦାୟ କରିଥିବା ନେଇ ଶୋଷଣର ଶିକାର ହୋଇଥିବା ହିତାଧିକାରୀମାନେ ଅଭିଯୋଗ କରିଥିଲେ ।ଏ ସମ୍ପର୍କରେ ପଞ୍ଚାୟତର ସରପଞ୍ଚଙ୍କ ସମେତ ବହୁ ବୁଦ୍ଧିଜୀବୀ ପ୍ରଥମେ ଡେରାବିଶ ବିଡ଼ିଓ ଓ ପରେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରି ଯଥାଶୀଘ୍ର ଉକ୍ତବ୍ୟକ୍ତିଙ୍କୁ ପଞ୍ଚାୟତରୁ ଅପସାରଣ ପାଇଁ ନିବେଦନ କରିଥିଲେ । ପରବର୍ତ୍ତୀ ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପତ୍ର ସଂଖ୍ୟା ୭୧୨ ତା ୨୫/୪/୨୫ ରେ ଏହି ପଞ୍ଚାୟତରେ ପୂର୍ବରୁ କାର୍ଯ୍ୟ କରୁଥିବା ପ୍ରକାଶ ଚନ୍ଦ୍ର ଦାସଙ୍କୁ ଯଥାଶୀଘ୍ର ଉକ୍ତବ୍ୟକ୍ତିଙ୍କୁ କାର୍ଯ୍ୟଭାର ପ୍ରଦାନ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି ।




ଏହି ଘଟଣାକୁ ନେଇ ହରିଅଙ୍କ ପଞ୍ଚାୟତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏକାଧିକ ଦୁର୍ନୀତିରେ ଲିପ୍ତ ବହୁ ଚର୍ଚ୍ଚିତ କାର୍ଯ୍ୟନିର୍ବାହୀ ଅଧିକାରୀ ଉକ୍ତବ୍ୟକ୍ତିଙ୍କୁ କେଉଁ ଆଧାରରେ ପୁନର୍ବାର ଏହି ପଞ୍ଚାୟତରେ ଅବସ୍ଥାପିତ କରୁଛି ବୋଲି ବହୁ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି । ଯଦି ତୁରନ୍ତ ତାଙ୍କୁ ଏହି ପଞ୍ଚାୟତ ରୁ ଅପସାରଣ କରା ନ ଯାଏ ତେବେ ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟ ଆବଶ୍ୟକ ହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ମହିଳା ଓ ପୁରୁଷ ପଞ୍ଚାୟତର ସ୍ୱାର୍ଥ ପାଇଁ ଅନଶନରେ ବସିବେ ବୋଲି ଚେତାବନୀ ଦିଆଯାଇଛି ।

# ଗୁଗୁଲରେ ଆତଙ୍କୀ ସର୍ଚ୍ଚ କରୁଛି 'ସିନ୍ଦୂର' କଣ ?

ନୂଆଦିଲ୍ଲୀ ୭/୫: ପହଲଗାମ ଆକ୍ରମଣ ପରେ ଭାରତ 'ଅପରେସନ ସିନ୍ଦୂର' । ଯାହା ଜରିଆରେ ପାକିସ୍ତାନରେ ରକ୍ତର ହୋଲି ଖେଳିଛି ପାକିସ୍ତାନ । ମାଧ୍ୟମରେ ପାକିସ୍ତାନକୁ କଡ଼ା ଜବାବ ଦେଇଛି । ବିଳମ୍ବିତ ରାତିରେ ଭାରତୀୟ ସେନା ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ନଅଟି ଆତଙ୍କବାଦୀ ଶିବିର ଉପରେ ବିମାନ ଆକ୍ରମଣ କରିଥିଲେ। ଭାରତର ଏହି କାର୍ଯ୍ୟାନୁଷ୍ଠାନ ପରେ ପାକିସ୍ତାନର ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ଏବେ ପାକିସ୍ତାନର ଲୋକମାନେ ଗୁଗୁଲରେ । ୨୩୪ ଏୟାର ଷ୍ଟ୍ରାଇକ୍, ଭାରତୀୟ ସେନା, ଭାରତ ଏବଂ ଅପରେସନ ସିନ୍ଦୁର ବିଷୟରେ ସର୍ଚ୍ଚ କରୁଛନ୍ତି । ପାକିସ୍ତାନରେ ଗୁଗୁଲ୍ ଟ୍ରେଣ୍ଡ୍ ଦେଖାଉଛି ଯେ ସେମାନେ ଏବେ ସିନ୍ଦୂର ନାମର ଅର୍ଥ ଖୋଜୁଛନ୍ତି । ପ୍ରକୃତରେ, ଭାରତୀୟ ସେନାର ଆକ୍ରମଣର ସମ୍ମୁଖୀନ ହେବା ପରେ, ପାକିସ୍ତାନୀମାନେ ଏବେ ସିନ୍ଦୂର ବିଷୟରେ ଜାଣିବାକୁ ଚାହୁଁଛନ୍ତି। ପାକିସ୍ତାନୀମାନେ ଗୁଗୁଲରେ ଅପରେସନ ସିନ୍ଦୂର ବିଷୟରେ ଖୋଜୁଛନ୍ତି। ଏବେ ସୋସିଆଲ ମିଡିଆରେ ଅପରେସନ ସିନ୍ଦୂର, ଇଣ୍ଡିଆ ଅପରେସନ ସିନ୍ଦୂର, ସିନ୍ଦୂର ଆକ୍ରମଣ, ଅପରେସନ ସିନ୍ଦୂର କ'ଣ ଭଳି ଶବ୍ଦ ଖୋଜାଯାଉଛି। ଏହା ବ୍ୟତୀତ, ସେଠାକାର ଲୋକମାନେ ସିନ୍ଦୁରର ଅର୍ଥ ଜାଣିବା ପାଇଁ ଗୁଗୁଲର ସାହାଯ୍ୟ ନେଉଛନ୍ତି। ଏବେ, ସେଠାରେ ସିନ୍ଦୂର କ'ଣ, ସିନ୍ଦୂରର ଅର୍ଥ ଇତ୍ୟାଦି କୀୱାର୍ଡ ଖୋଜାଯାଉଛି ।ଅପରେସନ ସିନ୍ଦୂର ବ୍ୟତୀତ, ପାକିସ୍ତାନୀମାନେ ଭାରତ ବିଷୟରେ ମଧ୍ୟ ନିରନ୍ତର ସନ୍ଧାନ କରୁଛନ୍ତି।

## ପାକିସ୍ତାନ ସପକ୍ଷରେ ବାହାରିଲା ଚୀନ

ନୂଆଦିଲ୍ଲୀ, ୭/୫: ଭାରତର ଅପରେସନ ସିନ୍ଦୂରକୁ ନେଇ ଭଡକିଛି ଚୀନ । ପାକିସ୍ତାନ ଉପରେ ଏୟାର ଷ୍ଟ୍ରାଇକ୍ ନେଇ ଭଡକିଛି ଚୀନ୍ । ନେଇ ଏବେ ଚୀନର ବୟାନ ସମ୍ନାକୁ ଆସିଛି । ବୁଧବାର ଦିନ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧକୁ ନେଇ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେଇ ଚୀନ କହିଛି କି, ଭାରତର ସେନା କାର୍ଯ୍ୟାନୁଷ୍ଠାନ ଏକ ଦୁଃଖଦ ଘଟଣା ବୋଲି ଚୀନ ଗ୍ରହଣ କରିଛି। ଏନେଇ ଚୀନ ବୈଦେଶିକ ମନ୍ତ୍ରଣାଳୟ ପ୍ରବକ୍ତା କହିଛନ୍ତି କି, ଏହାକୁ ନେଇ ଚୀନ ଚିନ୍ତିତ । ଭାରତ ଓ ପାକିସ୍ତାନ ଉଭୟ ପଡୋଶୀ ଦେଶ । ତେଣୁ ଉଭୟ ପକ୍ଷଙ୍କୁ ଶାନ୍ତି ବଜାୟ ରଖିବାକୁ ଚୀନ ନିବେଦନ କରିଛି । ନିଜକୁ ସମ୍ଭାଳ ଓ ଆଗକୁ କିଭଳି ଏହି ବିବାଦ ନବଢିବ ତା ଉପରେ ଆଲୋଚନା କରିବାକୁ ଚୀନ ପରାମର୍ଶ ଦେଇଛି ।

## ଶୋକ ପାଳୁଛି ପାକିସ୍ତାନ ସେନା

ନୂଆଦିଲ୍ଲୀ,୭।୫: ଭାରତ ପାକିସ୍ତାନର ଆତଙ୍କବାଦୀ ଉପରେ ହମଲା କରି ପହଲଗାମ ଆତଙ୍କୀ ହମଲାର ବଦଳା ନେଇଛି। ଆକ୍ରମଣ ଆତଙ୍କବାଦୀଙ୍କ



ଉପରେ ହମଲା ହେଲା, କିନ୍ତୁ ଦୁଃଖ ପାକିସ୍ତାନର ସେନା ମନାଉଛି। ଆଉ ମୃତ ଆତଙ୍କବାଦୀଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଛି ପାକ୍ ସେନା। ଭାରତ ବିରୋଧରେ ଆତଙ୍କବାଦୀଙ୍କୁ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ପାକିସ୍ତାନ ମୁଖା ବୁଧବାର ପୁଣି ଥରେ ଖୋଲି ଯାଇଛି। ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀର(ପିଓକେ)ରେ ମୃତ ଆତଙ୍କବାଦୀଙ୍କ ଶେଷ ଦର୍ଶନରେ ପାକିସ୍ତାନୀ ସେନା, ପୋଲିସ ଓ ଆଇଏସଆଇର ଅଫିସର ଶୋକ ପାଳୁଥିବା ଦେଖିବାକୁ ମିଳିଛି। ଏହି ସମୟରେ ଭାରତ ବିରୋଧରେ ନାରାବାଜି ବି କରାଯାଇଛି। ଲସ୍କର ଏ ତୋଇବା(ଏଲଇଟି)ର ଆତଙ୍କବାଦୀ ହାଫିଜ ଅବଦୁଲ ରଉଫ ଲାହୋର ନିକଟ ମୁରିଦେକରେ ତିନି ମୃତ ଆତଙ୍କବାଦୀଙ୍କ ଶେଷ ଦର୍ଶନର ନେତୃତ୍ୱ ନେଇଥିବା ଦେଖିବାକୁ ମିଳିଛି। ପିଟିଆଇର ରିପୋର୍ଟ ଅନୁସାରେ, ଏହି ତିନି ମୃତ ଆତଙ୍କୀ ହେଉଛନ୍ତି, କାରି ଅବଦୁଲ ମଲ୍ଲିକ, ଖାଲିଦ ଓ ମୁଦସିର। ଆତଙ୍କବାଦୀଙ୍କ ଶେଷ ଦର୍ଶନରେ ପାକିସ୍ତାନୀ ସେନା, ପୋଲିସ ଓ ଆଇଏସଆଇର ଅଫିସର ସାମିଲ ହୋଇ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି। ଭାରତ 'ଅପରେସନ ସିନ୍ଦୂର' ଜରିଆରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ପାକିସ୍ତାନ ଓ ପିଓକେରେ ୯ ଆତଙ୍କୀ ଶିବିର ଉପରେ ମିସାଇଲ ବର୍ଷା କରିଛି। ଏହି ହମଲାରେ ବହୁ ସଂଖ୍ୟାରେ ଆତଙ୍କବାଦୀ ନିହତ ହୋଇଥିବା ସୂଚନା ମିଳିଛି। ଭାରତୀୟ ବାୟୁସେନାର ଲଢୁଆ ବିମାନ ନିଜର ଏୟାରସ୍ପେସରେ ରହି ପାକିସ୍ତାନର ବହାବଲପୁର ଓ ମୁରିଦେକରେ ମଧ୍ୟ ମିସାଇଲ ମାଡ଼ କରିଛି। ଏହି ମିସାଇଲଗୁଡ଼ିକୁ ବହାବଲପୁରରେ ଜୈଶ ଏ ମହମ୍ମଦ ଓ ମୁରିଦେକ ସ୍ଥିତ ଲସ୍କର ଏ ତୋଇବାର ଆତଙ୍କୀ ଭିତ୍ତିଭୂମି ଉପରେ ମିସାଇଲ ମାଡ଼ କରାଯାଇଛି। ଏଥିରେ ଲସ୍କର ଏ ତୋଇବାର ଅନେକ ଆତଙ୍କୀଙ୍କ ମୃତ୍ୟୁ ଘଟିଛି। ହମଲା ପରେ ଗୋଟିଏ ପଟେ ପାକିସ୍ତାନ ସରକାର ଭାରତକୁ ଫମ୍ପା ଧମକ ଦେଉଥିବା ବେଳେ ଅନ୍ୟପଟେ ଆତଙ୍କବାଦୀ ପରିବାରଙ୍କ କାନ୍ଦ ବୋବାଳିରେ ପରିବେଶ ଫାଟି ପଡୁଥିଲା। ସୋସିଆଲ ମିଡିଆରେ କିଛି ଏମିତି ଭିଡିଓ ଭାଇରାଲ୍ ହୋଇଛି ଯେଉଁଥିରେ ତାବୁତ ସାମ୍ନାରେ ପାକ୍ ସେନାର ଅଫିସର ମୁଣ୍ଡ ନୁଆଁଇ ଛିଡ଼ା ହୋଇ ରହିଛନ୍ତି।

## ଏକତାର ସମୟ: ରାହୁଲ

ନୂଆଦିଲ୍ଲୀ,୭।୫: ଅପରେସନ ସିନ୍ଦୂରକୁ ସମର୍ଥନ କରିଛି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ । ସମସ୍ତ ବିରୋଧୀ ଦଳ ମଧ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ଦେଇଛନ୍ତି ସମର୍ଥନ ଏବଂ ଭାରତ ଗର୍ବିତ ବୋଲି ଦୃଢତାର ସହ କହିଛନ୍ତି । ପହଲଗାମ ଆକ୍ରମଣର ପ୍ରତିଶୋଧ ଅପରେସନ ସିନ୍ଦୂର । ଭାରତୀୟ ସେନାର ଏହି ସଫଳ ଆକ୍ରମଣରେ ଆଶ୍ୱସ୍ତି ସହ ଖୁସି ଜାହିର କରିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ସେନାର ଉଚ୍ଚ ପ୍ରଶଂସା କରିଛନ୍ତି । ସେ ଏକ୍ସ ଆକାଉଣ୍ଟରେ ଲେଖିଛନ୍ତି, "ସେନାବାହିନୀ ପାଇଁ ଗର୍ବିତ- ଜୟହିନ୍ଦ୍ " ।

## ଦିଲ୍ଲୀରେ ହେଲା ବ୍ଲାକଆଉଟ୍

ନୂଆଦିଲ୍ଲୀ,୭।୫: ଭାରତ ଓ ପାକିସ୍ତାନ ମଧ୍ୟରେ ଜାରି ଉତ୍ତେଜନା ମଧ୍ୟରେ ଦେଶରେ ମକଡ୍ରିଲ୍ ହୋଇଛି । ବୁଧବାର ଦେଶର ବିଭିନ୍ନ ରାଜ୍ୟରେ ମକଡ୍ରିଲ୍ ହୋଇଛି । ଦିଲ୍ଲୀରୁ ପାଟଣା ଓ ଆନ୍ଧ୍ର ପ୍ରଦେଶ ଯାଏ ଅନେକ ସ୍ଥାନରେ ବ୍ଲାକଆଉଟ୍ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ପରେ ଦେଶର ୨୪୪ ଜିଲ୍ଲାରେ ମକଡ୍ରିଲ୍ ଆୟୋଜନ କରାଯାଇଥିଲା । ଏହି ଅପରେସନକୁ ଅପରେସନ୍ ଅଭ୍ୟାସ ନାଁ ଦିଆଯାଇଥିଲା । ମକଡ୍ରିଲ୍ ସମୟରେ ଅନେକ ଅଞ୍ଚଳରେ ସାଇରନ୍ ଶବ୍ଦ ଶୁଣିବାକୁ ମିଳିଥିଲା । ସରକାରଙ୍କ ଆଦେଶ ପାଳନ କରି ଦିଲ୍ଲୀ, ଝାଡ଼ଖଣ୍ଡ, ହରିୟାଣା, ବିହାର, ଆନ୍ଧ୍ର ପ୍ରଦେଶ ପରି ଅନେକ ରାଜ୍ୟରେ ଅଭ୍ୟାସ କରାଯାଇଛି । ଏହି ରାଜ୍ୟ ବ୍ୟତୀତ ଓଡ଼ିଶାର ୧୨ ଜିଲ୍ଲା, ଆସାମର ୧୪, ମିଜୋରାମର ଆଇଜୋଲରେ ମଲଡ୍ରିଲ୍ କରାଯାଇଛି । ଜରୁରୀ ସ୍ଥିତିରେ ଯେକୌଣସି ମୁକାବିଲା ସାମନା କରିବା ପାଇଁ ଅଭ୍ୟାସ କରାଯାଇଛି । ଏହି ସମୟରେ ଆକାଶ ମାର୍ଗକୁ ଆକ୍ରମଣ, ନିଆଁ ଲାଗିବା ସମୟରେ ମୁକାବିଲା, ଉଦ୍ଧାର କାର୍ଯ୍ୟ ଓ ଅନେକ ପ୍ରତିକୂଳ ସ୍ଥିତିର ମୁକାବିଲା କରାଯାଇଥିଲା ।

# 'ଅପରେସନ ସିନ୍ଦୂର'

## କେନ୍ଦ୍ର ଗୃହମନ୍ତ୍ରୀ ସୀମାବର୍ତ୍ତୀ ରାଜ୍ୟଗୁଡ଼ିକୁ ଦେଲେ ନିର୍ଦ୍ଦେଶ

# ପରିସ୍ଥିତିର ମୁକାବିଲା ପାଇଁ ସତର୍କ ରୁହନ୍ତୁ





ନୂଆଦିଲ୍ଲୀ,୭।୫(ପିଆଇବି): କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ପାକିସ୍ତାନ ଏବଂ ନେପାଳକୁ ଲାଗି ରହିଥିବା ସୀମାନ୍ତବର୍ତ୍ତୀ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପରାଜ୍ୟପାଳମାନଙ୍କ ସହିତ ଏକ ସୁରକ୍ଷା ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଜମ୍ମୁ ଏବଂ କାଶ୍ମୀର ତଥା ଲଦାଖର ଉପରାଜ୍ୟପାଳ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ରାଜସ୍ଥାନ, ଗୁଜରାଟ ଏବଂ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଏବଂ ସିକିମ ସରକାରଙ୍କ ପ୍ରତିନିଧି ଯୋଗ ଦେଇଥିଲେ। କେନ୍ଦ୍ର ଗୃହ ସଚିବ, ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ନିର୍ଦ୍ଦେଶକ, ସୀମା ସୁରକ୍ଷା ବାହିନୀ (ବିଏସଏଫ୍) ନିର୍ଦ୍ଦେଶକ ଏବଂ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସଏଫ) ନିର୍ଦ୍ଦେଶକଙ୍କ ସମେତ ଗୃହ ମନ୍ତ୍ରଣାଳୟ (ଏମଏଚଏ)ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ୨୨ ଏପ୍ରିଲ୍, ୨୦୨୫ ରେ କାଶ୍ମୀରର ପହଲଗାମରେ ହୋଇଥିବା ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ଦେଶ ଆତଙ୍କବାଦୀ ଆକ୍ରମଣର ଅପରାଧୀ ଏବଂ ସମର୍ଥକମାନଙ୍କୁ ଉପଯୁକ୍ତ ଜବାବ ଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅପରେସନ ସିନ୍ଦୂର ସମ୍ପର୍କରେ ଦୃଢ଼ ସଂକଳ୍ପ ଏବଂ ନିଷ୍ପତ୍ତି ପାଇଁ ଗୃହ ମନ୍ତ୍ରୀ କୃତଜ୍ଞତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଅପରେସନ ସିନ୍ଦୂର ହେଉଛି ଭାରତର ସୀମା, ସାମରିକ ବାହିନୀ ଏବଂ ନାଗରିକମାନଙ୍କୁ ଚ୍ୟାଲେଞ୍ଜ କରିବାକୁ ସାହସ କରୁଥିବା ଲୋକଙ୍କ ପାଇଁ ଭାରତ ପକ୍ଷରୁ ଏକ ଉପଯୁକ୍ତ ଜବାବ। ବୈଠକରେ ଉପସ୍ଥିତ ସମସ୍ତ ମୁଖ୍ୟମନ୍ତ୍ରୀ ଏବଂ ଉପରାଜ୍ୟପାଳମାନେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ତିନି ସଶସ୍ତ୍ର ବାହିନୀକୁ ଅପରେସନ ସିନ୍ଦୂରର ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ, ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଅଣଦେଖା ନକରି, ଅପରେସନ ସିନ୍ଦୂର ମାଧ୍ୟମରେ ଏକ ଉପଯୁକ୍ତ ଜବାବ ଦିଆଯାଇଛି, ଯାହା ବିଶ୍ୱକୁ ଏକ ଦୃଢ଼ ବାର୍ତ୍ତା ଦେଇଛି। ସେ କହିଛନ୍ତି ଯେ ନିର୍ଦ୍ଦିଷ୍ଟ ସୂଚନା ପରେ ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା ଆତଙ୍କବାଦୀ ଶିବିର ବିରୁଦ୍ଧରେ ଆରମ୍ଭ କରାଯାଇଥିବା ଅପରେସନ ସିନ୍ଦୂର, ସମଗ୍ର ବିଶ୍ୱରେ ଆତଙ୍କବାଦ ବିରୁଦ୍ଧରେ ମୋଦୀ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତିର ପ୍ରମାଣ। ଶ୍ରୀ ଶାହ କହିଛନ୍ତି ଯେ ଏହି ସମୟରେ ଦେଶ ଦ୍ୱାରା ପ୍ରଦର୍ଶିତ ଏକତା ଦେଶବାସୀଙ୍କ ମନୋବଳକୁ ବୃଦ୍ଧି କରିଛି। କେନ୍ଦ୍ର ଗୃହ ମନ୍ତ୍ରୀ କହିଛନ୍ତି ଯେ ସମସ୍ତ ରାଜ୍ୟ ମକ୍ ଡ୍ରିଲ୍ ପାଇଁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ପ୍ରସ୍ତୁତି କରିବା ଉଚିତ। ସେ କହିଛନ୍ତି ଯେ ହସ୍ପିଟାଲ, ଅଗ୍ନିଶମ ବାହିନୀ ଇତ୍ୟାଦି ଅତ୍ୟାବଶ୍ୟକୀୟ ସେବାଗୁଡ଼ିକର ସୁଗମ ପରିଚାଳନା ପାଇଁ ବ୍ୟବସ୍ଥା କରାଯିବା ଉଚିତ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀର ନିରନ୍ତର ଯୋଗାଣ ସୁନିଶ୍ଚିତ କରାଯିବା ଆବଶ୍ୟକ। ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ଏସଡିଆରଏଫ୍, ସିଭିଲ୍ ଡିଫେନ୍ସ, ହୋମଗାର୍ଡ଼, ଏନସିସି ଇତ୍ୟାଦିକୁ ସଜାଗ ରଖିବାକୁ ଗୃହ ମନ୍ତ୍ରୀ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ନାଗରିକ ବେସରକାରୀ ସଂଗଠନ ମାଧ୍ୟମରେ ଜନଭାଗୀଦାରୀ ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରାଯିବା ଉଚିତ।

## 'ଅପରେସନ ସିନ୍ଦୂର': କର୍ଣ୍ଣେଲ ସୋଫିୟା କୁରେସୀ ଏବଂ ୱିଙ୍ଗ କମାଣ୍ଡର ଭ୍ୟୋମିକା ସିଂହଙ୍କ ପରିଚିତି



ନୂଆଦିଲ୍ଲୀ ୭।୫: ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ଲାଗି ୬-୭ ମେ ରାତିରେ ଭାରତ ଅପରେଶନ ସିନ୍ଦୂର ଚଳାଇ ନା କେବଳ ଦେଶର ସାମରିକ କ୍ଷମତା ପ୍ରଦର୍ଶନ କରିଛି ବରଂ ମହିଳା ନେତୃତ୍ୱ ଉଦାହରଣ ମଧ୍ୟ ଦେଇଛି। ଏହି ହାଇପ୍ରେଫାଇଲ ଅପରେସନର ୭ ମେ ସକାଳେ ଭାରତୀୟ ସେନାର କର୍ଣ୍ଣେଲ ସୋଫିୟା କୁରେସୀ ଓ ବାୟୁ ସେନା ୱିଙ୍ଗ କମାଣ୍ଡର ଭ୍ୟୋମିକା ସିଂହ ଅଧିକାରୀକ ବ୍ରିଫିଙ୍ଗ କରିଛନ୍ତି। କୌଣସି ଅନ୍ତର୍ଜାତୀୟ ସୈନ୍ୟ କାର୍ଯ୍ୟାନୁଷ୍ଠାନ ପରେ ମହିଳା ଅଧିକାରୀ ବ୍ରିଫିଙ୍ଗ କରିବାର ଏହା ପ୍ରଥମ ଘଟଣା। ଏହି ବ୍ରିଫିଙ୍ଗରେ କର୍ଣ୍ଣେଲ କୁରେସୀ କିପରି ଅପରେସନର ଯୋଜନା କରାଯାଇଥିଲା, ଏଥି ପାଇଁ କିପରି ଗୁଇନ୍ଦା ଇନପୁଟ ଏକତ୍ର କରାଯାଇଥିଲା ଓ ତୃଣମୂଳ ସ୍ତରରେ ୟୁନିଟଙ୍କୁ କିପରି ମୁତୟନ କରାଯାଇ ସେ ନେଇ ସୂଚନା ଦେଇଥିଲେ। ସେହିପରି ପ୍ରେସବ୍ରିଫିଙ୍ଗରେ ୱିଙ୍ଗ କମାଣ୍ଡର ଭ୍ୟୋମିକା ସିଂହ ଏୟାରଷ୍ଟ୍ରାଇକ୍ ସମ୍ପର୍କିତ ବୈଷୟିକ ସୂଚନା ସେୟାର କରିଥିଲେ। ଏଥିରେ ଲେଜର ଗାଇଡେଡ ବୋମାର ଉପଯୋଗ ଓ ସଠିକ ଲକ୍ଷ୍ୟ ଚିହ୍ନଟ ନେଇ ସୂଚନା ଦେଇଥିଲେ। କର୍ଣ୍ଣେଲ ସୋଫିୟା କୁରେସୀ: ପାଖାପାଖି ୪୩ ବର୍ଷ ବୟସ୍କା କର୍ଣ୍ଣେଲ କୁରେସୀ ଭାରତୀୟ ସେନାର ସିଗନାଲ କୋର ସମ୍ପର୍କିତ ଜଣେ ପ୍ରତିଷ୍ଠିତ ଅଧିକାରୀ। ମୂଳତଃ ଗୁଜରାଟ ବଡୋଦରାର ବାସିନ୍ଦା କର୍ଣ୍ଣେଲ କୁରେସୀ ବାୟୋକେମେଷ୍ଟ୍ରିରେ ପୋଷ୍ଟଗ୍ରାଜୁଏଟ ଡିଗ୍ରି ହାସଲ କରିଛନ୍ତି। ସେ ୧୯୯୯ ମସିହାରେ ମାତ୍ର ୧୭ ବର୍ଷ ବୟସରେ ସର୍ଟ ସର୍ଭିସ କମିଶନ ମାଧ୍ୟମରେ ଭାରତୀୟ ସେନାରେ ଯୋଗଦାନ କରିଥିଲେ। ମାର୍ଚ୍ଚ ୨୦୧୬ରେ ସେ ଭାରତୀୟ ସେନା ପକ୍ଷରୁ 'ଏକ୍ସରସାଇଜ ଫୋର୍ସ-୧୮' ସ୍କ୍ୱାର୍ଡର ନେତୃତ୍ୱ ନେଇଥିଲେ। ଏହି ଦାୟିତ୍ୱ ତୁଲାଇବାରେ ସେ ଭାରତର ପ୍ରଥମ ମହିଳା ଅଫିସର ପାଲଟିଥିଲେ। ୱିଙ୍ଗ କମାଣ୍ଡର ଭ୍ୟୋମିକା ସିଂହ : ଭ୍ୟୋମିକା ସିଂହ ଭାରତୀୟ ବାୟୁସେନା (ଆଇଏଏଫ)ର ଜଣେ ନିର୍ଭିକ ଓ ଅଭିଜ୍ଞ ଅଫିସର, ଯିଏ ହେଲିକପ୍ଟର ୟୁନିଟରେ ମୁତୟନ ଅଛନ୍ତି। ସେ ଚେତକ ଓ ଚିତା ଭଳି ଲାଇଟ୍ ହେଲିକପ୍ଟର ସବୁ ଉଡାଇଛନ୍ତି। ତାଙ୍କୁ ୧୮ ଡିସେମ୍ବର ୨୦୦୪ରେ ୨୧ତମ ସର୍ଟସର୍ଭିସ୍ କମିଶନ (ମହିଳା) ଫ୍ଲାଇଂ ପାଇଲଟ କୋର୍ସରେ ନିଯୁକ୍ତ କରାଯାଇଥିଲା। ସେବେଠାରୁ ଏ ପର୍ଯ୍ୟନ୍ତ ତାଙ୍କୁ ଆଇଏଏଫର ସବୁଠୁ ଦୁଃସାହାସୀ ଓ ନିର୍ଭରଯୋଗ୍ୟ ମହିଳା ଅଫିସର ରୂପେ ଗଣାଯାଉଛି। ଦୁଇ ଦଶନ୍ଧୀର କ୍ୟାରିୟରରେ ଭ୍ୟୋମିକା ୨,୫୦୦ ଘଣ୍ଟାରୁ ଅଧିକ ଉଡାଣ ପୂରା କରିଛନ୍ତି। ସେ ପାହାଡ ହେଉ ଅଥବା ଘନ ଜଙ୍ଗଲ କିମ୍ବା ମରୁଭୂମି ରିଲିଫ ଓ ଉଦ୍ଧାର ନିମନ୍ତେ ସୈନ୍ୟ ଅଭିଯାନରେ ସେ ସର୍ବଦା ସାମିଲ ହୋଇ ଆସିଛନ୍ତି। ୧୮ ଡିସେମ୍ବର ୨୦୧୭ରେ ସେ ୱିଙ୍ଗ କମାଣ୍ଡର ପଦବୀକୁ ପଦୋନ୍ନତୀ ପାଇଥିଲେ।

## ଅପରେସନ ସିନ୍ଦୂରରେ ବିଚଳିତ ପାକିସ୍ତାନ ରାତିରୁ ଏଲଓସିରେ କରୁଛି ଗୁଳିମାଡ଼; ୧୫ ଭାରତୀୟ ମୃତ

ନୂଆଦିଲ୍ଲୀ,୭।୫: ଭାରତୀୟ ସେନାର ଅପରେସନ ସିନ୍ଦୂର ପଡ଼ୋଶୀ ପାକିସ୍ତାନରେ ହାହାକାର ପରିସ୍ଥିତି ସୃଷ୍ଟି କରିଛି। ପରିଣାମସ୍ୱରୂପ ବିଚଳିତ ପାକିସ୍ତାନୀ ସେନାର ଯବାନ ଗତ ରାତିରେ ଜାମ୍ମୁ-କାଶ୍ମୀରର ପୁଞ୍ଚ ଓ ତଙ୍ଗଧାର ଅଞ୍ଚଳରେ ନିୟନ୍ତ୍ରଣ ରେଖା(ଏଲଓସି) ନିକଟ ସ୍ଥିତ ଗାଁଗୁଡ଼ିକୁ ଟାର୍ଗେଟ୍ କରି ଗୁଳିମାଡ଼ କରିଛି। ଏଥିରେ ଏ ପର୍ଯ୍ୟନ୍ତ ଚାରି ପିଲା ସମେତ ଅନ୍ୟୁନ ୧୫ ଜଣଙ୍କ ମୃତ୍ୟୁ ଘଟି ସାରିଥିବା ବେଳେ ୪୩ ଜଣ ଆହତ ହୋଇଛନ୍ତି। ଅଧିକାରୀ ମଙ୍ଗଳବାର ଏହାର ସୂଚନା ଦେଇଛନ୍ତି। ଭାରତୀୟ ସେନା ଦ୍ୱାରା ଅପରେସନ ସିନ୍ଦୂର ପରେ ପରେ ପାକିସ୍ତାନ ଏଲଓସି ସଂଲଗ୍ନ ଗାଁଗୁଡ଼ିକ ଉପରେ ପ୍ରବଳ ଗୁଳି ବର୍ଷଣ କରିଛି। ଅଧିକାରୀଙ୍କ ଅନୁଯାୟୀ, ଗୁଳିମାଡ଼ରେ ସବୁଠୁ ଅଧିକ ପ୍ରଭାବିତ ହୋଇଛି ପୁଞ୍ଚ ଜିଲ୍ଲା। ଏଠାରେ ମୃତକଙ୍କ ସଂଖ୍ୟା ଅଧିକ ରହିଥିବା ବେଳେ ୪୩ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଆଖିବୁଜା ଗୁଳିମାଡ଼ରେ ସୀମାବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଭୟର ମାହୋଲ ଖେଳି ଯାଇଛି। ସେମାନଙ୍କୁ ଭୂମିଗତ ବଙ୍କରରେ ଶରଣ ନେବା ସହ ବାହ୍ୟ ସୁରକ୍ଷିତ ସ୍ଥାନକୁ ଚାଲି ଯିବାକୁ ବିବଶ





ହେବାକୁ ପଡ଼ିଛି। ଅଧିକାରୀ କହିଛନ୍ତି, ପୁଞ୍ଚରେ ନିୟନ୍ତ୍ରଣ ରେଖା ନିକଟ ବାଲାକୋଟ, ମେଣ୍ଢର, ମନକୋଟ, କୃଷ୍ଣାଘାଟି, ଗୁଲପୁର, କେରନୀ ଓ ପୁଞ୍ଚ ଜିଲ୍ଲା ମୁଖ୍ୟାଳୟରେ ବି ଗୁଳିମାଡ଼ର ଖବର ଆସିଛି। ପାକିସ୍ତାନ ସେନାର ଗୁଳିମାଡ଼ରେ ଅନେକ ବାସଭବନ ଓ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାରେ ବହୁତ ମୁସ୍କିଲର ସାମ୍ନା କରିବାକୁ ପଡ଼ିଛି। ଗୁଳିମାଡ଼ ପରିଧିରେ ପୁଞ୍ଚର ବସଷ୍ଟାଣ୍ଡ ମଧ୍ୟ ଆସି ଯାଇଛି। ଫଳରେ ଅନେକ ବାହାନ କ୍ଷତିଗ୍ରସ୍ତ ହୋଇଛି।

## ଭାରତୀୟ ସେନା ଜାରି କଲା ଏୟାର ଷ୍ଟ୍ରାଇକ୍‌ର ଭିଡିଓ





ନୂଆଦିଲ୍ଲୀ ୭।୫: ଭାରତ ପହଲଗାମ ଆତଙ୍କୀ ଆକ୍ରମଣର ପ୍ରତିଶୋଧ ନେଇଛି। ୨୨ ଏପ୍ରିଲ ୨୦୨୫ରେ ପହଲଗାମରେ ଆତଙ୍କବାଦୀମାନେ ୨୬ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ଏହି ଘଟଣାର ଜବାବୀ କାର୍ଯ୍ୟାନୁଷ୍ଠାନ କରି ଭାରତୀୟ ସେନା ବୁଧବାର ପ୍ରତ୍ୟୁଷରେ ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀର (ପିଓକେ)ର ୯ଟି ଆତଙ୍କବାଦୀ ଆଡ୍ଡା ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ରାତି ପ୍ରାୟ ୧.୪୪ ମିନିଟରେ ଭାରତ ଏହି ସୂଚନା ଦେଇ ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ ସିନ୍ଦୂର' ରେ ଏହା ହୋଇଥିବାର କହିଛି। ଏଥିରେ କୁହାଯାଇଛି ଯେ ଭାରତୀୟ ସଶସ୍ତ୍ର ବଳ ମାପିଚୁପି ଏହି କାର୍ଯ୍ୟାନୁଷ୍ଠାନ କରିଛି। ଭାରତ ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ 'ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀରର ସେହିସବୁ ଆତଙ୍କବାଦୀ ଆଡ୍ଡାର ଭିତ୍ତିଭୂମିକୁ ଅପରେସନ ସିନ୍ଦୂର ରେ ମାଟିରେ ମିଶାଇ ଦେଇଛି ଯେଉଁଠୁ ଭାରତ ବିରୋଧରେ ଆତଙ୍କବାଦ ଆକ୍ରମଣର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହେଉଥିଲା। ଏହି ଆକ୍ରମଣରେ କୌଣସି ପାକିସ୍ତାନୀ ସାମରିକ ଅନୁଷ୍ଠାନକୁ ଟାର୍ଗେଟ କରାଯାଇ ନାହିଁ '। ଏହି ଜବାବୀ କାର୍ଯ୍ୟାନୁଷ୍ଠାନରେ ୯ଟି ଆତଙ୍କବାଦୀ ଆଡ୍ଡାକୁ ଧୂଳିସାତ କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ଯେଉଁ ୯ଟି ଆଡ୍ଡାକୁ ଲକ୍ଷ୍ୟ କରାଯାଇଛି ସେଥିରେ ବହାବଲପୁରସ୍ଥିତ ଜୈସ-ଏ-ମହମ୍ମଦ ମୁଖ୍ୟାଳୟ ଓ ମୁରିଦ ସ୍ଥିତ ଲସ୍କର-ଏ-ତୌୟବା ମୁଖ୍ୟାଳୟ ଆଦି ରହିଛି। ଏବେ ଗତ ରାତିର ସାମରିକ କାର୍ଯ୍ୟାନୁଷ୍ଠାନ ଭିଡିଓ ଭାରତୀୟ ସେନା ଜାରି କରିଛି। ଭାରତୀୟ ସେନା ଦ୍ୱାରା କାର୍ଯ୍ୟାନୁଷ୍ଠାନ ପରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରାଳୟ ବୟାନ ଜାରି କରିଛି। ଏଥିରେ କୁହାଯାଇଛି 'ଏହି ପଦକ୍ଷେପ ବର୍ବର ପହଲଗାମ ଆତଙ୍କବାଦୀ କାଣ୍ଡ ପାଇଁ ନିଆଯାଇଛି। ଏହି ଆକ୍ରମଣରେ ୨୫ ଜଣ ଭାରତୀୟ ଓ ଜଣେ ନେପାଳୀ ନାଗରିକଙ୍କୁ ହତ୍ୟା କରାଯାଇଥିଲା'। ଏହି କାର୍ଯ୍ୟାନୁଷ୍ଠାନ ପରେ ପରେ କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଏକ୍ସ ରେ ପୋଷ୍ଟ କରିଥିଲେ। ଉଲ୍ଲେଖ କରିଥିଲେ 'ଭାରତ ମାତା କୀ ଜୟ'। ସେହିପରି ଭାରତୀୟ ସେନା ପକ୍ଷରୁ ଏକ୍ସ ରେ 'ନ୍ୟାୟ ହେଲା' ବୋଲି ଉଲ୍ଲେଖ କରାଯାଇଛି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ସମ୍ବାଦ ସରବରାହ ସଂସ୍ଥା ଏଏନଆଇ ଆତଙ୍କବାଦୀ ଆଡ୍ଡା ଉପରେ ସାମରିକ କାର୍ଯ୍ୟାନୁଷ୍ଠାନର ଭିଡିଓ ସେୟାର କରାଯାଇଛି। ଏଥିରେ ପ୍ରଥମ ପୋଷ୍ଟରେ ୪ଟି କ୍ଷେତ୍ରକୁ ଦେଖାଯାଇଛି।

## ପାକିସ୍ତାନରେ ଏନଏସସି ବୈଠକ ପାକ୍ ସେନା ମାଗିଲା ଜବାବୀ କାର୍ଯ୍ୟାନୁଷ୍ଠାନ ଅନୁମତି

ଇସ୍ଲାମାବାଦ ୭।୫: ଭାରତୀୟ ସେନା ପହଲଗାମ ଆତଙ୍କବାଦ କାଣ୍ଡର ପ୍ରତିଶୋଧରେ ପାକିସ୍ତାନ ଓ ପିଓକେର ଆତଙ୍କୀ ବେସ୍ ଧ୍ୱଂସସ୍ତ କରିଛି। ଏହାକୁ ନେଇ ପାକିସ୍ତାନରେ ୭ ମେ ବୁଧବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତର ଏୟାରଷ୍ଟ୍ରାଇକ୍ କୁ ନେଇ ଚର୍ଚ୍ଚା ହୋଇଥିବା ବେଳେ ପାକ୍ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ବୁଧବାର ସନ୍ଧ୍ୟାରେ ଏହି ପ୍ରସଙ୍ଗରେ ସଂସଦକୁ ସମ୍ବୋଧିତ କରିଛନ୍ତି। ଭାରତୀୟ ବାୟୁସେନା ବୁଧବାର ପ୍ରତ୍ୟୁଷରେ ଅପରେସନ 'ସିନ୍ଦୁର'ରେ ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀର (ପିଓକେ)ର ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା। ଜବାବୀ କାର୍ଯ୍ୟାନୁଷ୍ଠାନ ପାଇଁ ପାକ୍ ସେନା ମାଗିଲା ଅନୁମତି । ଏହି ଏୟାର ଷ୍ଟ୍ରାଇକ୍ ପରେ ବୁଧବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ରାଷ୍ଟ୍ରୀୟ ସୁରକ୍ଷା ପରିଷଦ (ଏନଏସସି) ବୈଠକ ଡକାଇଥିଲେ। ସରିଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ୟାବିନେଟ୍ ମନ୍ତ୍ରୀମାନେ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ସବୁ ସେନା ମୁଖ୍ୟ ଓ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ୨ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିବା ଏନଏସସି ବୈଠକରେ ଦେଶର ସୁରକ୍ଷା ପରିସ୍ଥିତିକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଭାରତର କାର୍ଯ୍ୟାନୁଷ୍ଠାନର ଜବାବ ଦେବାକୁ ପାକ୍ ସେନା ପ୍ରଧାନମନ୍ତ୍ରୀ ଶହବାଜ ସରିଫଙ୍କ ଅନୁମତି ଦାବି କରିଥିଲା। ଏଥିରେ ସରିଫ ତାଙ୍କ ସେନାକୁ ଖୋଲା ଅନୁମତି ଥିବା ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଜବାବୀ କାର୍ଯ୍ୟାନୁଷ୍ଠାନ ପାଇଁ ସେନାର ପୁରା ଅଧିକାର ରହିଛି।

## ମହାକାଶ କେବଳ ଗନ୍ତବ୍ୟସ୍ଥଳ ନୁହେଁ ସାମୂହିକ ପ୍ରଗତିର ଉଦ୍‌ଘୋଷ : ମୋଦି

ନୂଆଦିଲ୍ଲୀ,୭।୫(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଶ୍ୱ ମହାକାଶ ଅନୁସନ୍ଧାନ ସମ୍ମିଳନୀ (ଜିଏଲଇଏକ୍ସ) ୨୦୨୫ କୁ ସମ୍ବୋଧିତ କରିଛନ୍ତି । ସାରା ବିଶ୍ୱରୁ ଆସିଥିବା ବିଶିଷ୍ଟ ପ୍ରତିନିଧି, ବୈଜ୍ଞାନିକ ଏବଂ ମହାକାଶଚାରୀମାନଙ୍କୁ ସ୍ୱାଗତ କରି, ସେ (ଜିଏଲଇଏକ୍ସ) ୨୦୨୫ ରେ ଭାରତର ଉଲ୍ଲେଖନୀୟ ମହାକାଶ ଯାତ୍ରା ଉପରେ ଆଲୋକପାତ କରି କହିଥିଲେ ଯେ, 'ମହାକାଶ କେବଳ ଏକ ଗନ୍ତବ୍ୟସ୍ଥଳ ନୁହେଁ , ବରଂ କୌତୁହଳ, ସାହସ ଏବଂ ସାମୂହିକ ପ୍ରଗତିର ଉଦଘୋଷ '। ୧୯୬୩ରେ ଏକ ଛୋଟ ରକେଟ୍ ଉତକ୍ଷେପଣ କରିବା ଠାରୁ ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଅବତରଣ କରିଥିବା ପ୍ରଥମ ରାଷ୍ଟ୍ର ହେବା ପର୍ଯ୍ୟନ୍ତ ଭାରତର ମହାକାଶ ଯାତ୍ରାର ସଫଳତାର ଭାବନାକୁ ପ୍ରତିଫଳିତ କରେ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।



'ଭାରତୀୟ ରକେଟ୍ ପେଲୋଡ୍ ଅପେକ୍ଷା ଅଧିକ ବହନ କରେ - ଏଗୁଡ଼ିକ ୧.୪ ବିଲିୟନ ଭାରତୀୟଙ୍କ ସ୍ୱପ୍ନ ବହନ କରନ୍ତି' ବୋଲି ସେ କହିବା ସହିତ ଏହା କହିଛନ୍ତି ଯେ , ଭାରତର ମହାକାଶ କ୍ଷେତ୍ରର ପ୍ରଗତି ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ମାଇଲଖୁଣ୍ଟ ଏବଂ ଏହା ପ୍ରମାଣିତ ଯେ ମାନବ ଭାବନା ଗୁରୁତ୍ୱାକର୍ଷଣକୁ ଚ୍ୟାଲେଞ୍ଜ କରିପାରିବ। ସେ ୨୦୧୪ ମସିହାରେ ପ୍ରଥମ ପ୍ରୟାସରେ ମଙ୍ଗଳ ଗ୍ରହରେ ପହଞ୍ଚିବାର ଭାରତର ଐତିହାସିକ ସଫଳତାକୁ ମନେ ପକାଇଥିଲେ। ଭାରତ ପାଇଁ ମହାକାଶ କେବଳ ଅନୁସନ୍ଧାନ ନୁହେଁ ବରଂ ସଶକ୍ତୀକରଣ ବିଷୟ ସମ୍ବନ୍ଧୀୟ ବୋଲି ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ଯେ, କିପରି ମହାକାଶ ପ୍ରଯୁକ୍ତି ବିଦ୍ୟା ଶାସନକୁ ବୃଦ୍ଧି କରେ, ଜୀବିକା ନିର୍ବାହରେ ଉନ୍ନତି ଆଣେ ଏବଂ ପିଢ଼ିକୁ ପ୍ରେରଣା ଦିଏ। ଭାରତର ମହାକାଶ ଦୃଷ୍ଟିକୋଣ ପ୍ରାଚୀନ ଦର୍ଶନ 'ବସୁଧୈବ କୁଟୁମ୍ବକମ୍' ଉପରେ ଆଧାରିତ ବୋଲି ଉଲ୍ଲେଖ କରିଥିଲେ।

## ଅବକାରୀ ବିଭାଗକୁ ବଡ଼ ସଫଳତା
# ବିପୁଳ ଚୋରା ମଦ ଜବତ: ୮ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା(ନିପ୍ର): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଟାଉନ, ପଟ୍ଟାମୁଣ୍ଡାଇ ରୁରାଲ ସମେତ ରାଜକନିକା, ଆଳି, ମହାକାଳପଡ଼ା ଓ ଜମ୍ବୁ ମେରାଇନ ଥାନା ଅଧିନିସ୍ତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣରେ ଚୋରା ମଦ ଜବତ ହୋଇଛି । ଏହି ଚଢ଼ାଉରେ ସାନବଡ ବସନ୍ତ ଗ୍ରାମର ରମାକାନ୍ତ ସେଠି(୩୫)ଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ ଜବତ ହୋଇଥିବା ବେଳେ ତିଗିରିଆ ଗ୍ରାମର ଅନନ୍ତ ମଳିକ(୩୨)ଙ୍କଠାରୁ ୩୫ ଲିଟର ବିଦେଶୀ ମଦ ସହିତ ଗୋଟିଏ ମୋଟର ସାଇକଲ ଜବତ ହୋଇଛି । ପାଟୁଳି ଗ୍ରାମର ନିରଞ୍ଜନ ସାହୁ(୭୨)ଙ୍କଠାରୁ ୪୦ ଲିଟର ଦେଶି ମଦ ଧରାଯାଇଥିବା ବେଳେ ପଦିନିପାଳ ଗ୍ରାମର ପ୍ରଭାକର ମଳିକ (୫୩)ଙ୍କଠାରୁ ୩୦ ଲିଟର ବିଦେଶୀ ମଦ ଧରାଯାଇଛି । ଅହମଦପୁର ଗ୍ରାମାର ବାବାଜି ମଳିକ (୫୫)ଙ୍କଠାରୁ ୨୦ ଲିଟର ଦେଶୀ ମଦ, ବାହାର ଶୁବାଳା ଗ୍ରାମର ରମେଶ ଚନ୍ଦ୍ର ରାଉତ(୩୫)ଙ୍କଠାରୁ ୪୫ ଲିଟର ବିଦେଶୀ ମଦ, ବାରିଆ ବାଲିବତ ଗ୍ରାମର ସୁର ସାମଲ(୫୪)ଙ୍କଠାରୁ ୮୫୦ ଲିଟର ରନ୍ଧାମଦ ଏବଂ



ବାଲିବତା ଗ୍ରାମର ଅଜୟ ସାମଲ (୬୨)ଙ୍କଠାରୁ ୪୫୦ ଲିଟର ଦେଶୀ ମଦ ଜବତ କରିବା ସହ ଆସାମୀମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୧୪୯୫ ଲିଟର ବିଦେଶ, ଦେଶୀ ଓ ରନ୍ଧା ମଦ ଜବତ କରାଯାଇ ଘଟଣା ସ୍ଥଳରୁ ୮ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ସୂଚନା ଦେଇଛନ୍ତି । ଏହି ଚଢାରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲ୍ଲିକ, ଅବକାରୀ ଉପ ନିରୀକ୍ଷକ ଧର୍ମପଦ ଦାସ, ଛାୟାକନ୍ତ ନାୟକ, ନରେଶ କୁମାର ପଣ୍ଡା ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଜିଲ୍ଲାର ମୁଖ୍ୟ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ଏହିଭଳି କାର୍ଯ୍ୟକୁ ଜିଲ୍ଲାବାସୀ ପ୍ରଶଂସା କରିଥିବାର ଦେଖିବାକୁ ମିଳିଛି ।

---

## ପାରାଦୀପରେ ଆସନ୍ନ ଯୁଦ୍ଧ ପାଇଁ ମକ୍ ଡ୍ରିଲ

ପାରାଦ୍ୱୀପ(ନିପ୍ର): ସରକାରୀ ନିର୍ଦ୍ଦେଶ ଅନୁଯାୟୀ ବାଜିଲା ସାଇରନ, ଆରମ୍ଭ ହୋଇଗଲା ଧାଁ ଦୌଡ । ସୁରକ୍ଷିତ ସ୍ଥାନକୁ ଯାଇ ଜୀବନ ବଞ୍ଚାଇବା ପାଇଁ କୌଶଳ ଅବଲମ୍ବନ କରିବାରେ ଏହି ସ୍ୱତନ୍ତ୍ର ମକ୍ ଡ୍ରିଲ ସାଧାରଣ ଲୋକଙ୍କୁ ବେସ୍ ସଚେତନ କରାଇଛି । ବର୍ତ୍ତମାନ ଦେଶ ଯୁଦ୍ଧ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସମ୍ବେଦନଶୀଳ ସ୍ଥାନରେ ଲୋକମାନଙ୍କୁ ଆଗୁଆ ସଚେତନ କରାଇଛନ୍ତି ରାଜ୍ୟ ସରକାର । ପାରାଦ୍ୱୀପର ଷଣ୍ଢକୁଦ ବସ୍ତି ଓ ନେହେରୁବଙ୍ଗଳା ବସ୍ତି ଅଞ୍ଚଳରେ ଦୁଇଟି ମକ୍ ଡ୍ରିଲ କରାଯାଇଛି । ଷଣ୍ଢକୁଦରେ ଖୋଲା ଜାଗାରେ କିମ୍ବା ଜନବସତି ପାଖରେ ଯଦି ଏୟାରଷ୍ଟ୍ରାଇକ ହୁଏ ତେବେ କିଭଳି ଲୋକଙ୍କୁ ସୁରକ୍ଷିତ ରଖିବା ସହିତ ସୁରକ୍ଷିତ ଉଦ୍ଧାର କରିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏହି ମକଡ୍ରିଲ ଅନୁଷ୍ଠିତ ହୋଇଥିଲା । ସେହିପରି ନେହେରୁବଙ୍ଗଳାଠାରେ ଥିବା ୭ ମହଲା କୋଠାରେ ମଧ୍ୟ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଚ୍ଚ ବିଲ୍ଡିଙ୍ଗରେ ଯଦି ଏୟାରଷ୍ଟ୍ରାଇକ ହୁଏ ତେବେ କିଭଳି ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯିବ ସେ ସମ୍ପର୍କରେ ସଚେତନ କରାଯାଇଥିଲା । ଆସନ୍ତା ୭ ଦିନ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଏହି ମକଡ୍ରିଲ ଅନୁଷ୍ଠିତ ହେବ ଏବଂ ଏଥିରେ ସ୍କୁଲ ପିଲା ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ମଧ୍ୟ ସାମିଲ କରାଯିବ ବୋଲି ଜିଲ୍ଲାପାଳ ଜେ ସୋନାଲ ଓ ପୋଲିସ ଏସପି ସୂଚନା ଦେଇଛନ୍ତି ।

---

## ୟୁକାଲିପଟାସ ଗଛକଟା ମାମଲା ଉପଜିଲ୍ଲାପାଳ ଓ ଡିଏଫଓଙ୍କ ଦ୍ୱାରା ଯୁଗ୍ମ ତଦନ୍ତ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ପାରିମୁଣ୍ଡା ନିକ୍ରିମାଲ ସେକ୍ସନ ଅଧିନସ୍ଥ କେଶାଇବାହାଲ ମୌଜାରେ ଏକ ସରକାରୀ ଜମିରୁ ବେଆଇନଭାବେ ୧୬୭ଟି ୟୁକାଲିପଟାସ ଗଛ କଟାଯାଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା । ବନବିଭାଗ ପକ୍ଷରୁ ଏକ ଟ୍ରକକୁ ଜବତ କରାଯାଇ ଗଛ ଚାଲାଣ କାରୀଙ୍କ ଠାରୁ ୬୦ହଜାର ଜରିମାନା ମଧ୍ୟ କରାଯାଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ବନବିଭାଗ ଗଛକୁ ଜବତ କରି ଟ୍ରକକୁ ଛାଡି ଦେଇଥିଲା । ଦାୟିତ୍ୱରେ ଥିବା ଫରେଷ୍ଟର ଜମି ଚିହ୍ନଟ ନକରି ଜାନୁଆରୀ ୧୨ ତାରିଖରେ କଟାଯାଇଥିବା ଗଛ ପରିବହନ ପାଇଁ ଅନୁମତି ଦେଇଥିବା ଜଣାପଡିଥିଲା । ଯେହେତୁ ଗଛକଟା ହୋଇଥିବା ଜମିଟି ସରକାରୀ (ବଡଜଙ୍ଗଲ) କିସମ ହୋଇଥିବା ସତ୍ତ୍ୱେ ବନବିଭାଗ ଅନ୍ୟ ଜମି ମାଲିକଙ୍କ ରେକର୍ଡ ଜମିକୁ ଦର୍ଶାଇ ବେଆଇନ ଭାବେ ୟୁକାଲି ପଟାସ ଗଛ ପରିବହନ ପାଇଁ ଅନୁମତି ଦେଇଥିବା ଜାଣି ଗ୍ରାମବାସୀ ଜଙ୍ଗଲ ବିଭାଗ ମନ୍ତ୍ରୀ, ପଞ୍ଚାୟତରାଜ ମନ୍ତ୍ରୀ, ପିସିସିଏଫ, ସମ୍ବଲପୁର ଆରସିସିଏଫ, ଜିଲ୍ଲାପାଳ, ଏସପି,କୁଚିଣ୍ଡା ଉପଜିଲ୍ଲାପାଳ, ବାମରା ତହସିଲଦାରଙ୍କ ଠାରେ ଲିଖିତ ଅଭିଯୋଗ କରିଥିଲେ । ଏନେଇ କୁଚିଣ୍ଡା ଉପଜିଲ୍ଲାପାଳ ଗୌରବମୟ ପ୍ରଧାନ,ବାମରା ବନ୍ୟପ୍ରାଣୀ ଡିଏଫଓ ସମୀର କୁମାର ସାହୁ,ବାମରା ତହସିଲଦାର ଦିଲିପ କୁମାର ପ୍ରଧାନଙ୍କ ଦ୍ୱାରା ଯୁଗ୍ମ ସରଜମିନ ତଦନ୍ତ ହୋଇଥିଲା । ତଦନ୍ତ ସମୟରେ ୟୁକାଲି ପଟାସ ଗଛ କଟାଯାଇଥିବା କେଶାଇବାହାଲ ମୌଜା ଖାତାନଂ.୧୪୬ ପ୍ଲଟ ନଂ.୧୭୪୭/୨୦୧୬ଟି ସରକାରୀ କିସମ (ବଡଜଙ୍ଗଲ) ବୋଲି ଜଣାପଡିଥିଲା । ପାରିମୁଣ୍ଡା ନିକ୍ରିମାଲ ଫରେଷ୍ଟର କେଶାଇବାହାଲ ମୌଜାର ବସନ୍ତ ନାଏକଙ୍କ ଖାତା ନଂ.୮୫ପ୍ଲଟ ନଂ ୧୨୧୮ରେ ଥିବା ମାଲ ସାଧାରଣ କିସମରୁ ୟୁକାଲିପଟାସ ଗଛ ପରିବହନ ପାଇଁ ବେଆଇନ ଭାବେ ଅନୁମତି ଦେଇଥିବା ଡିଏଫଓ ସ୍ୱିକାର କରିଥିଲେ । ଫରେଷ୍ଟର କେଉଁ ଆଧାରରେ ଅନ୍ୟ ଜଣକ ରେକର୍ଡ ଜମି ଦର୍ଶାଇ ପରିବହନ ପାଇଁ ଅନୁମତି ଦେଲେ ତାର ବିଭାଗୀୟ ତଦନ୍ତ କରାଯାଇ ପଦକ୍ଷେପ ନେବାକୁ ବାମରା ଡିଏଫଓ ସାହୁ ଉପସ୍ଥିତ ଥିବା ଗ୍ରାମବାସୀଙ୍କୁ କହିଥିଲେ ।

# ୩ ପଶ୍ଚିମବଙ୍ଗ ଏଟିଏମ୍ ଲୁଟେରା ଗିରଫ
## ୫୧ ଏଟିଏମ୍ କାର୍ଡ, ନଗଦ ଟଙ୍କା ଓ ଦୁଇଟି ମୋବାଇଲ ଜବତ



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଜଂକିଆ ବଜାର ସ୍ଥିତ ଥିବା ଏକ ଏଟିଏମ୍‌ରୁ କିଛି ଯୁବକ ଲୋକଙ୍କୁ ଭୁଆଁ ବୁଲାଇ ଟଙ୍କା ଲୁଟ କରିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଧରାପଡିଥିବା ଜଣାପଡିଛି । ସୂଚନାଯୋଗ୍ୟ କି ଗତ ୫ ତାରିଖ ଦିନ ବେଳା ସ୍ଥାନୀୟ ଏକ ଏଟିଏମ୍ କାଉଣ୍ଟର ନିକଟରେ ଛିଡ଼ା ହୋଇ ଯେଉଁମାନେ ତାଙ୍କ ଉଠାଣ କରିବାକୁ ଆସୁଥିଲେ ସେମାନଙ୍କୁ ସାହାଯ୍ୟ କରିବାକୁ କହି ସେମାନଙ୍କ ଏଟିଏମ୍ କାର୍ଡ ବଦଳ କରି ନେଇ ଟଙ୍କା ଉଠାଇବାକୁ ଉଦ୍ୟମ କରିଥିଲେ । ଖବରପାଇ ଘଟଣାସ୍ଥଳରେ ଜଂକିଆ ପୋଲିସ ପହଞ୍ଚି ଲୁଟରାଙ୍କୁ ନେଇ ପଚରାଉଚରା ଆରମ୍ଭ କରିଥିଲା । ଅନୁସନ୍ଧାନରୁ ଜଣାପଡିଥିଲା କି ଏହି ଲୁଟେରା ଠକମାନେ ପଶ୍ଚିମବଙ୍ଗ ଚବିଶପ୍ରଗଣାରୁ ଏଟିଏମ୍ ଲୁଟ କରିବା ଉଦ୍ଦେଶ୍ୟରେ ଆସି ଓଡ଼ିଶାର ବିଭିନ୍ନ ସ୍ଥାନକୁ ଭଡା ଗାଡିରେ ଯାଇ ଚତୁରତାର ସହିତ ଲୋକଙ୍କ ଏଟିଏମ୍ କାର୍ଡ ବଦଳ କରି ତାଙ୍କ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ଉଠାଇ ନେଇଥିଲେ । ସେମାନେ ବିଭିନ୍ନ ବ୍ୟାଙ୍କର ଏଟିଏମ୍ କାର୍ଡ ରଖି ଲୋକକୁ ଟଙ୍କା ଉଠାଣରେ ସାହାଯ୍ୟ କରିବା ବାହାନାରେ ଯେଉଁ ଲୋକର ସେହି ଏଟିଏମ୍ ନେଇଯାଇ ତାକୁ ତାଙ୍କ ନିକଟରେ ଥିବା ଉକ୍ତ ବ୍ୟାଙ୍କର ଏକ ନକଲି କାର୍ଡ ଧରାଇ ଦେଉଥିଲେ । ଏମାନେ ଗତ କିଛି ଦିନ ହେବ ଓଡ଼ିଶା ଆସୁଥିବାବେଳେ ପୁରୀ, କଟକ, ବାଲୁଗାଁ ଓ ଯାଜପୁର ଅଂଚଳରୁ ଏଟିଏମ୍ କାର୍ଡ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଲୁଟ କରିଥିବା ଜଣାପଡିଛି । ଜଂକିଆ ପୁଲିସ ସେମାନଙ୍କଠାରୁ ପ୍ରାୟେ ଏକ ଲକ୍ଷ ଟଙ୍କା, ୨ଟି ମୋବାଇଲ ଓ ୫୧ଟି ଏଟିଏମ୍ କାର୍ଡ ଜବତ କରିଥିବାବେଳେ ପଶ୍ଚିମବଙ୍ଗ ଚବିଶପ୍ରଗଣା ଅଞ୍ଚଳର ଜଗନ୍ନାଥ ଘରଣୀ, ରାଜୁ ବର୍ମନ୍ ଓ ରୋହିତ ଖାଁ ସମୁଦାୟ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି କେସ ଦାୟିତ୍ୱରେ ଜଂକିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା ଥିବାବେଳେ ଏଏସଆଇ ଭଗବାନ କୁମାର ନାୟକ ଓ ଅନ୍ୟ ଅଧିକାରୀମାନେ ସହଯୋଗ କରିଥିଲେ ।

---

## କରତକଳ ଉପରେ ଚଢ଼ାଉ
# ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ଓ କାଠ ଜବତ

କାକଟପୁର(ନିପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟିଠାରେ ଚାଲୁଥିବା ଏକ ବେଆଇନ କରତକଳ ଉପରେ କଟକ ଭୁବନେଶ୍ୱର ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ, ଅସ୍ତରଙ୍ଗ ବନବିଭାଗ, କାକଟପୁର ପୋଲିସ ଓ ଅସ୍ତରଙ୍ଗ ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ସହାୟତାରେ ବୁଧବାର ସକାଳୁ ଅଚାନକ ଚଢାଉ କରାଯାଇଛି । ଏହି ଚଢ଼ାଉରେ ପାଖାପାଖି ଲକ୍ଷ ଲକ୍ଷ ଟଙ୍କାର ମେସିନ ଓ କାଠ ଜବତ କରାଯାଇଛି । ସୂଚନା ମୁତାବକ ଅସ୍ତରଙ୍ଗ କାକଟପୁର ଅଞ୍ଚଳରେ ଦୀର୍ଘବର୍ଷ ଧରି ବେଆଇନ ଭାବେ ଅନେକ କରତକଳ ଚାଲିବା ଫଳରେ ଶହ ଶହ ଆକାଶିଆ, ଆମ୍ବ, ଜାମୁ, ଚାକୁଣ୍ଡା ଭଳି ଅନେକ ମୂଲ୍ୟବାନ ଗଛ କଟାଯାଇ ଏଠି ପଟା ଚିରଟ କରାଯାଇ ବିଭିନ୍ନ ଆଡକୁ ସପ୍ଲାଇ ହେଉଛି । ତେଣୁ ଏହି କରତ କଳ ସମ୍ପର୍କରେ କୌଣସି ସୂତ୍ରରୁ ଖବରପାଇ କଟକ ଓ ଭୁବନେଶ୍ୱରର ଭିଜିଲାନ୍ସ ଫରେଷ୍ଟ ୱିଙ୍ଗର ୨ ମହିଳା ଏସିଏଫ ସାଧନା ସ୍ୱାଇଁ, ବବିତା ସୋରେନଙ୍କ ନେତୃତ୍ୱ ରେ ସ୍ୱତନ୍ତ୍ର ଟିମ୍, ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀଣୀ ମୋନାଲିସା ମହାପାତ୍ରଙ୍କ ସହାୟତାରେ ଚଢ଼ାଉ କରି ଗ୍ୟାସ କଟରରେ ସମସ୍ତ ମେସିନ କାଟିବା ସହିତ ମୂଲ୍ୟବାନ ଜାମୁ ସହିତ ଚାକୁଣ୍ଡା କାଠ ଜବତ କରିଛି । ଏହି ଚଢ଼ାଉରେ ପାଖାପାଖି ୫୦ରୁ ଉର୍ଦ୍ଧ୍ୱ



କର୍ମଚାରୀ ସାମିଲ ହୋଇଥିଲେ । ସୂଚନା ମୁତାବକ ଅସ୍ତରଙ୍ଗ ତହସିଲଦାରଙ୍କ ସହାୟତାରେ ଜାଗାର ରେକର୍ଡ ମଗାଯାଇ ଜାଗା ମାଲିକଙ୍କ ନାମରେ କେସ୍ ପଞ୍ଜିକରଣ କରାଯିବା ସହ ଜିଲ୍ଲା ଫରେଷ୍ଟ ଅଧିକାରୀଙ୍କ କୋର୍ଟରେ ବିଚାର କରାଯିବ । ବେଆଇନ ବିଦ୍ୟୁତ ସଂଯୋଗ, ବେଆଇନ ଗଛକଟା ଆଉ ଏହା ସହିତ ବେଆଇନ କରତକଳ ଉପରେ ଆଗକୁ ମଧ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି । ବିଦ୍ୟୁତ ବିଭାଗ କର୍ମଚାରୀ ରେକେଶ ସାହୁ ମଧ ଏହି ଘଟଣା ଉପରେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିକ୍ରିୟା ଦେଇଛନ୍ତି । କିନ୍ତୁ ଏଠି ପ୍ରଶ୍ନ ଉଠେ କି, ବିଗତ ଦିନମାନଙ୍କରେ ଯେଉଁ କରତକଳ ଉପରେ ଚଢ଼ାଉ କରାଯାଇ ଯନ୍ତ୍ରପାତି ଜବତ ହେବାର କିଛି ଦିନ ପରେ ସେ ପୁନର୍ବାର କାର୍ଯ୍ୟକ୍ଷମ ହୋଇଛି କାହା ନିର୍ଦ୍ଦେଶରେ ଏଥିପାଇଁ ଦାୟୀ କିଏ । ଯିଏ ଦାୟୀ ତାଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଲା ।

# ଭଡ଼ା ମାଗିବାରୁ ଆକ୍ରମଣ: ଅଜା, ନାତି ଓ ଝିଅ ଗିରଫ

ଭୁବନେଶ୍ୱର(ନିପ୍ର): ନନ୍ଦନକାନନ ବସଷ୍ଟାଣ୍ଡରେ ଥିବା ଏକ ହୋଟେଲକୁ ଭଡାକୁ ନେଇ ମାସିକ ଭଡ଼ାଟଙ୍କା ନଦେବା ଓ ଚାବି ମାଗିବାରୁ ମାରିଦେବାକୁ ଉଦ୍ୟମ କରିବା ଅଭିଯୋଗରେ ନନ୍ଦନକାନନଥାନା ପୋଲିସ ଅଜା, ନାତି ଓ ଝିଅକୁ ଗିରଫକରି କୋର୍ଟ ଚାଲଣ କରିଛି । ପ୍ରକାଶ ଯେ, ନନ୍ଦନକାନନ ବସଷ୍ଟାଣ୍ଡରେ ରଘୁନାଥପୁର ଗ୍ରାମର ଲିଙ୍ଗରାଜ ରାଉତଙ୍କ ଏକ ହୋଟେଲ ଘର ରହିଛି । ଉକ୍ତ ହୋଟେଲକୁ ରଘୁନାଥପୁର ଗ୍ରାମର ନରେନ୍ଦ୍ର ରାଉତଙ୍କ ପୁଅ ଆନନ୍ଦ ଚୁକ୍ତିନାମା କରି ଭଡାସୂତ୍ରରେ ନେଇଥିଲେ । ପର୍ଯ୍ୟାୟକ୍ରମେ ମାସିକ ଭଡାଟଙ୍କା ନଦେବାରୁ ହୋଟେଲ ଛାଡ଼ିବା ପାଇଁ ଆନନ୍ଦକୁ କହିବା ପରେ ବିବାଦ ଦେଖାଦେଇଥିଲା । ବଜାରକମିଟି ଏଥିରେ ହସ୍ତକ୍ଷେପ କରି ଆଲୋଚନା କରି ପ୍ରକୃତ ସତ୍ୟାସତ୍ୟକୁ ଉପଲବ୍ଧ କରି ବିଶୃଙ୍ଖଳା ନକରି ଦୋକାନ ଛାଡ଼ିଦେବାକୁ ଆନନ୍ଦକୁ ପରାମର୍ଶ ଦେଇଥିଲେ । ପରବର୍ତ୍ତୀ ସମୟରେ ଆନନ୍ଦ ଦୋକାନ ନଛାଡ଼ିବାରୁ ବୁଧବାର ଲିଙ୍ଗରାଜଙ୍କ ଶଳା ଓ ତାଙ୍କ ଭାଇ ଯାଇ ଆନନ୍ଦଙ୍କୁ ଚାବି ମାଗିଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ଆନନ୍ଦ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଏହାପରେ ଆନନ୍ଦର ବୋଉ ଝିଲି ରାଉତ ଓ ଅଜା ପ୍ରଫୁଲ୍ଲ ରାଉତ ଆସି ଲିଙ୍ଗରାଜଙ୍କ ଶଳାକୁ ଜୀବନରେ ମାରିଦେବାକୁ ପାଇଁ ଉଦ୍ୟମ କରିଥିଲେ । ଏହି ସମୟରେ ବଜାର କମିଟିର କର୍ମକର୍ତ୍ତାମାନେ ପହଞ୍ଚି ଯିବାରୁ ସେ ବଞ୍ଚିଯାଇଥିବା ବେଳେ ଏବେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏହାପରେ ବଜାର କମିଟି ସହ ଲିଙ୍ଗରାଜ ନନ୍ଦନକାନନ ଥାନାକୁ ଯାଇ ଅଭିଯୋଗ କରିବା ପରେ ଥାନା ଆଇଆଇସି ସମିତା ମିଶ୍ର ଏକ ମକଦମା ରୁଜୁକରି ତଦନ୍ତ କରିବା ସହ ଆନନ୍ଦ ରାଉତ, ପ୍ରଫୁଲ୍ଲ ରାଉତ, ଝିଲି ରାଉତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି । ପୋଲିସ ତଦନ୍ତ ବେଳେ ପ୍ରଫୁଲ୍ଲ ରାଉତ ଏକ ହତ୍ୟାକାଣ୍ଡ ଘଟଣାରେ ୧୨ବର୍ଷ ସଜାକାଟି ରହିଥିବାର ଜାଣିବାକୁ ପାଇଥିଲେ ।

---

# ସାମ୍ବାଦିକଙ୍କୁ ଆକ୍ରମଣ: ଥାନାରେ ମାମଲା ରୁଜୁ

ଆସିକା(ନିପ୍ର): ବେଆଇନ୍ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣର ଖବର ସଂଗ୍ରହ କରିବାକୁ ଯାଇ ମାଫିଆଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ଗଣମାଧ୍ୟମ ପ୍ରତିନିଧି । ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ଥାନାରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ପ୍ରକାଶଥାଉକି ଧରାକୋଟ ଥାନା ଅଞ୍ଚଳରେ ବେଆଇନ ଓ ବେଧଡ଼କ ଭାବେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣକୁ ନେଇ ଗତ କିଛିଦିନ ଧରି ଲଗାତାର ଅଭିଯୋଗ ହେବା ପରେ ଖବର ସଂଗ୍ରହ ନିମନ୍ତେ ଗ୍ରାଉଣ୍ଡ ଜିରୋରେ ପହଞ୍ଚିଥିଲେ ଜନୈକ ଗଣମାଧ୍ୟମ ପ୍ରତିନିଧି । ହେଲେ ସେଠାରେ ଉପସ୍ଥିତ ଚୋରାଚାଲାଣକାରୀ ମାଫିଆ ଏବଂ ତା ପୁଅ ହଠାତ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରକୁ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ପାଟିରୁ ରକ୍ତ ବାହାରି ଥିଲା ଓ ପରେ ଉକ୍ତ ଚୋରା ମୋରମ ପଡୁଥିବା ଜାଗା ମାଲିକ ଏକ ବନ୍ଧୁକରେ ଗଣମାଧ୍ୟମ ପ୍ରତିନିଧିଙ୍କ ଛାତିକୁ ମାରିବା ସହିତ ଅଶ୍ଲୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଏଥିସହିତ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଜନୈକ ଗଣମାଧ୍ୟମ ପ୍ରତିନିଧି ଧରାକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ଘଟଣାରେ ଖୋଦ ଜିଲ୍ଲା ଏସ୍‌ପି ହସ୍ତକ୍ଷେପ କରିବା ସହ ଦିନଦ୍ୱିପ୍ରହରରେ ସରକାରଙ୍କ ରାଜସ୍ୱକୁ ହଡପକରି ଗଣମାଧ୍ୟମର କଣ୍ଠରୋଧ କରିବାକୁ ଉଦ୍ୟମ କରୁଥିବା ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଦାବି ହୋଇଛି । ପ୍ରକାଶଥାଉକି ଏହି ଚୋରା ଚାଲାଣ ସମ୍ପର୍କରେ ଧରାକୋଟ ତହସିଲଦାରଙ୍କୁ ଅବଗତ କରାଯାଇଥିଲା । ତହସିଲଦାର ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକଙ୍କୁ ଉକ୍ତ ଚୋରାଚାଲାଣକାରୀଙ୍କ ସମ୍ପର୍କରେ ଅବଗତ କରାଇବା ସହିତ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ପ୍ରକାଶ ଥାଉକି ଗତ ସାଧାରଣ ନିର୍ବାଚନ ପରଠାରୁ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ସମଗ୍ର ଗଞ୍ଜାମ ଜିଲ୍ଲାରେ ବଢ଼ିବାକୁ ଲାଗିଛି । ଗତ କିଛି ତଳେ ଜିଲ୍ଲାରୁ ୧୭ଟି ମଉଜର ସହ ୧୮ଜଣଙ୍କୁ ପୋଲିସ ଗିରଫ କରିଥିବାର ନଜିର ରହିଛି ।

---

## ଯୋଗାଣ ବିଭାଗରେ ଦଲାଲ୍ ସକ୍ରିୟ: ଅନିୟମିତତା ଅଭିଯୋଗ

ଭାପୁର(ନିପ୍ର): ରାସନ୍ କାର୍ଡରେ ସରକାରଙ୍କ ସମସ୍ତ ସୁବିଧା ସୁଯୋଗକୁ ଉପଭୋଗ କରୁଥିବା ହିତାଧିକାରୀ ମାନଙ୍କର ସମସ୍ତ ତଥ୍ୟ ସଂଗୃହିତ କରିବା ପାଇଁ ଇ-କେଓ୍ୱାଇସି ପଞ୍ଜିକରଣ ସମୟ ସୀମା ବଢ଼ିଥିବାବେଳେ ବର୍ତ୍ତମାନ ଆଉ ୬୦୦୦ରୁ ଉର୍ଦ୍ଧ୍ୱ ପଞ୍ଜିକରଣ କରିନାହାନ୍ତି । ଫଳରେ ସେମାନଙ୍କୁ ରାସନ କାର୍ଡ ତାଲିକାରୁ ବାଦ୍ ଦିଆଯିବ । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ନୂତନ କାର୍ଡ କରିବା ଏବଂ ନୂତନ ହିତାଧିକାରୀ ଯୋଗ ହେବା ପାଇଁ ପୋର୍ଟାଲ ଖୋଲିଛନ୍ତି । ନୟାଗଡ ଜିଲ୍ଲା ଭାପୁର ବ୍ଲକର ଯୋଗାଣ ବିଭାଗ କାର୍ଯ୍ୟାଳୟରେ ନୂତନ କାର୍ଡ ଅଥବା ନୂତନ ହିତାଧିକାରୀ ଯୋଗ ପାଇଁ ଆସୁଥିବା ବ୍ୟକ୍ତିବିଶେଷଙ୍କୁ ପୋର୍ଟାଲ ଖୋଲୁ ନ ଥିବା କହି ଫେରାଇ ଦିଆଯାଉଥିବା ଗୁରୁତର ଅଭିଯୋଗ ହେଉଛି । ଭାପୁର ବ୍ଲକ ଯୋଗାଣ କାର୍ଯ୍ୟାଳୟରେ ବାଘୁଆପଲ୍ଲି ପଞ୍ଚାୟତର ଜନୈକ ଦଲାଲ୍‌ଙ୍କ ଦ୍ୱାରା ହିତାଧିକାରୀ ମାନଙ୍କ ଠାରୁ ମୋଟା ଅଙ୍କର ଆର୍ଥିକ କାରବାର କରାଯାଇ କାର୍ଯ୍ୟାଳୟର କର୍ମଚାରୀଙ୍କ ଦ୍ୱାରା ନୂତନ ରାସନ୍ କାର୍ଡ କରିବା ଏବଂ କାର୍ଡରେ ନୂତନ ହିତାଧିକାରୀ ଯୋଗ କରିବା ଭଳି କାର୍ଯ୍ୟ ହେଉଥିବା ନେଇ ଗୁରୁତର ଅଭିଯୋଗ ହୋଇଛି । କିନ୍ତୁ ପ୍ରଚଣ୍ଡ ଖରାରେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରୁଥିବା ହିତାଧିକାରୀ ମାନଙ୍କୁ ପୋର୍ଟାଲ ଖୋଲୁ ନ ଥିବା କହି ଫେରାଇ ଦିଆଯାଉଛି । ତେଣୁ ବ୍ଲକ ଯୋଗାଣ ବିଭାଗର ଏହି ଅନିୟମିତତା ନେଇ ଜିଲ୍ଲା ଯୋଗାଣ ଅଧିକାରୀ ଏହାର ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହେଉଛି । ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନରେ କେହି କ୍ଷୁଧାର୍ଥ ରହିବେ ନାହିଁ ବୋଲି ଡେଙ୍ଗୁରା ପିଟୁଥିବା ବେଳେ ଭାପୁର ବ୍ଲକରେ ଏହି ଅନିୟମିତତାକୁ ନେଇ ସାଧାରଣରେ ଆଲୋଚନା ବିଷୟ ପାଲଟିଛି ।

## ଦଶମ ଜିଲ୍ଲା ପରିଷଦ ବୈଠକ
# ସମସ୍ୟାର ସମାଧାନ ଓ କାର୍ଯ୍ୟର ଅଗ୍ରଗତି ଉପରେ ସମୀକ୍ଷା

କଟକ(ନିପ୍ର): ଦଶମ ଜିଲ୍ଲା ପରିଷଦ ବୈଠକ ଆଜି କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ଗତ ନବମ ଜିଲ୍ଲା ପରିଷଦ ବୈଠକରେ ଉତଥାପିତ ସମସ୍ୟାର ସମାଧାନ ଓ ପ୍ରସ୍ତାବିତ କାର୍ଯ୍ୟର ସ୍ଥିତି ଅଗ୍ରଗତି ଉପରେ ସମୀକ୍ଷା ପୂର୍ବକ ଗ୍ରହଣ କରାଯାଉଥିବା କାର୍ଯ୍ୟାନୁଷ୍ଠାନ ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀ ରଂଜନ ତ୍ରିପାଠୀ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ ସେଠୀ ଓ ନିଆଳି ବିଧାୟକ ଛବି ମଳିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଯୋଜନା ଉପରେ ଗୁରୁତ୍ୱାରୋପ କରି ନିଜ ନିଜ ଅଂଚଳରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଜନ କଲ୍ୟାଣମୂଳକ ଯୋଜନାକୁ ସମୀକ୍ଷା କରିବା ସହ ଏହାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରୟାସ ଜାରି ରଖାଯିବା ନେଇ ମତ ରଖିଥିଲେ । ଆଜିର ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ପ୍ରାକୃତିକ ବିପର୍ଯ୍ୟୟ, ଆଠଗଡ଼ ବନଖଣ୍ଡ, କଟକ ବନଖଣ୍ଡ, ଚନ୍ଦକା ବନଖଣ୍ଡ, ବନ୍ୟପ୍ରାଣୀ ବନଖଣ୍ଡ, ଖୋର୍ଦ୍ଧା ବନଖଣ୍ଡ, ସାତକୋଶିଆ ବନଖଣ୍ଡ, ଭୁବନେଶ୍ୱର ବନଖଣ୍ଡ, ଶିକ୍ଷା, ଖଣି, ଗ୍ରାମୀଣ ପାନୀୟ ଜଳ, ଡିପିଡିପି ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା । ଏତଦବ୍ୟତୀତ ବିଭିନ୍ନ ବ୍ଲକରେ ପାଣି ପଂଚାୟତ ଗଠନର ଉପୁଜିଥିବା ସମସ୍ୟା, ସ୍ୱାସ୍ଥ୍ୟ ବିଭାଗର ଆବଶ୍ୟକ ଅନୁଯାୟୀ ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତି ଦିଆଯିବା ସଂପର୍କରେ, ଶିକ୍ଷା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ, ପ୍ରସ୍ତାବିତ ନୂତନ ରାସ୍ତା ନିର୍ମାଣ ଓ ମରାମତି, ରାସନକାର୍ଡ଼ କେଓ୍ୱାଇସି ଅପଡେଟ ଇତ୍ୟାଦି ଉପରେ ସଭ୍ୟ/ସଭ୍ୟାମାନେ ଉକ୍ତ ଜିଲ୍ଲା ପରିଷଦ ବୈଠକରେ ଆଲୋଚନା କରିଥିଲେ । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ସଂଯୋଜନାରେ ଆଜିର ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପରିଷଦର ସଭ୍ୟ/ ସଭ୍ୟାମାନେ ଉତଥାପନ କରୁଥିବା ସେମାନଙ୍କ ଅଂଚଳର ସମସ୍ୟା ସଂପର୍କରେ ଅବଗତ ହେବା ପରେ ଏହାର ତ୍ୱରିତ ସମାଧାନ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେବାକୁ ମଧ୍ୟ ପ୍ରତିଶୃତି ଦେଇଥିଲେ । ଏହା ସହ ବନ୍ୟପ୍ରାଣୀ ଓ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀର କ୍ଷୟକ୍ଷତିର ଆକଳନ କରି ରିର୍ପୋଟ ପ୍ରଦାନ କରିବା, ଜିଲ୍ଲାରେ ଥିବା ବନ୍ୟା ଆଶ୍ରୟସ୍ଥଳୀ ମାନଙ୍କ ସ୍ଥିତି ଯାଂଚ କରି ଏହାର ମରାମତି ଉପରେ ବିଶେଷ ଗୁରୁତ୍ୱ ଦେବା, ଦୁର୍ବଳ ନଦୀବନ୍ଧକୁ ସୁଦୃଢ଼ିକରଣ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ସିନ୍ଦେ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଶେଷକରି ନଳକୂପ ସ୍ଥାପନ, ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକ୍ଷମ କରାଯିବା, ବିଭିନ୍ନ ସ୍ଥାନରେ ଖାଲି ପଡ଼ିଥିବା ଗୁରୁତ୍ୱପୂର୍ଣ୍ଣ ପଦବୀ ଗୁଡ଼ିକ ପୂରଣ କରାଯିବା ଆଦି ଉପରେ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ ।

## ମେଳା ପଡିଆରେ ଅସ୍ଥାୟୀ ଦୋକାନ
# ମାଘ ମେଳାରେ ସମସ୍ୟାକୁ ନେଇ ଚିନ୍ତା

କୋଣାର୍କ(ନିପ୍ର): ପୁରାଣ ବର୍ଣ୍ଣିତ ମାଘ ସପ୍ତମୀ ବୁଡ଼ ବା ମାଘ ବୁଡ଼ ପାଇଁ ଚନ୍ଦ୍ରଭାଗା ପ୍ରସିଦ୍ଧ । ପୁରୀ ଜିଲ୍ଲାର ଦ୍ୱିତୀୟ ବଡ଼ ଗଣପର୍ବ ଭାବେ ସାରା ଦେଶରେ ପରିଚିତ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ପରେ ଚନ୍ଦ୍ରଭାଗା ମାଘ ବୁଡ଼ରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । ହେଲେ ସରକାରଙ୍କ ପକ୍ଷରୁ ଚନ୍ଦ୍ରଭାଗାରେ ପାରିପାର୍ଶ୍ୱିକ ଉନ୍ନିତ କରଣ କାର୍ଯ୍ୟ ପାଇଁ ମେଳା ପଡିଆରେ ଦୋକାନୀମାନଙ୍କୁ ଥଇଥାନ କରାଯାଇଥିବା ଦେଖିବାକୁ ମିଳିଛି । ମାଘ ମେଳା ସମୟରେ ଏହି ପଡିଆରେ ଲକ୍ଷାଧିକ ଶ୍ରଦ୍ଧାଳୁ ସମବେତ ହୋଇ ମାଟି ହାଣ୍ଡିରେ ପ୍ରସ୍ତୁତ ଭାତ, ଶୁଖୁଆ ଡାଲମା କରି ଖାଇବା ସହ ତା ପରଦିନ ପ୍ରତ୍ୟୁଷରେ ତ୍ରୀର୍ଥ ପୁଷ୍କରିଣୀ ସ୍ନାନକରି ପ୍ରଭୁ



ସୂର୍ଯ୍ୟ ନାରାୟଣଙ୍କୁ ଦର୍ଶନ କରିଥାନ୍ତି । ହେଲେ ଉନ୍ନତି ମୂଳକ କାର୍ଯ୍ୟ ନିମନ୍ତେ ମେଳା ପଡିଆକୁ ଅଧା ପୋତି ତା ଉପରେ ଅସ୍ଥାୟୀ ପଚାଶରୁ ଉର୍ଦ୍ଧ୍ୱ ଦୋକାନ କରି ମେଳା ପଡିଆକୁ ସଙ୍କୋଚିତ କରାଯାଉଛି । ମାଘ ବୁଡ଼ ଆଉ ୭/୮ ମାସ ରହିଥିବା ବେଳେ ଯଦି ଦୋକାନୀମାନଙ୍କ ନିମନ୍ତେ ସ୍ଥାୟୀ ଦୋକାନ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥାଏ, ତେବେ ମେଳା ପଡିଆରେ ହୋଇଥିବା ଦୋକାନ ସେ ସମୟରେ ସମସ୍ୟା ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଅଛନ୍ତି । ବିକାଶ ମୂଳକ କାର୍ଯ୍ୟକୁ ଅଞ୍ଚଳବାସୀ ସ୍ୱାଗତ କରୁଥିବା ବେଳେ ଧାର୍ମିକ ଭାବାବେଗକୁ କ୍ଷତି ପହଞ୍ଚାଇ ଏକ ତ୍ରୀର୍ଥସ୍ଥଳୀକୁ ନଷ୍ଟ ନକରିବାକୁ ସାଧାରଣରେ ଦାବୀ ପ୍ରକାଶ ପାଇଛି । ପୂର୍ବରୁ ଚନ୍ଦ୍ରଭାଗାକୁ ଏକ ଧାର୍ମିକ କରିଡ଼ର କରିବାକୁ ଦାବୀ ହୋଇ ଆସୁଥିବା ବେଳେ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ବିକାଶ ସହ ଏଠାରେ ଅତ୍ୟାଧୁନିକ ସୁବିଧା ଯୋଗାଇଦେବା ପାଇଁ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ହୋଇଛି । ପର୍ଯ୍ୟଟନ ବିକାଶ ସହିତ ପରମ୍ପରା, ଭାବାବେଗ ଓ ତ୍ରୀର୍ଥକ୍ଷେତ୍ରର ମର୍ଯ୍ୟାଦା ରଖିବା ପାଇଁ ବୁଦ୍ଧିଜୀବୀ, ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ନିବେଦନ କରିଛନ୍ତି ।

## ପୋଖରିରେ ବୁଡି ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

ବୁଗୁଡା(ନିପ୍ର): ବୁଗୁଡା ବ୍ଲକ ଅନ୍ତର୍ଗତ ଡାକରବାଡି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ର ସାଇରାମ ସ୍ୱାଇଁ(୯) ବୁଧବାର ସକାଳେ ପୋଖରି ପାଣିରେ ବୁଡି ମୃତ୍ୟୁ ବରଣ କରିଥିବା ଜଣାପଡିଛି । ପ୍ରାୟ ୬ ବର୍ଷ ପୂର୍ବେ ତାଲସାକର ଗ୍ରାମର ସାଇରାମ ସ୍ୱାଇଁଙ୍କ ବାପା ଓ ମା କୌଣସି କାରଣରୁ ମୃତ୍ୟୁବରଣ କରିଥିବା ବେଳେ ସାଇରାମ ତାଙ୍କ ଅଜାଘର ଡାକରବାଡିରେ ରହି ପାଠ ପଢୁଥିଲେ । ମଙ୍ଗଳବାର ଅଜାଙ୍କ ସହିତ ସାଇରାମ ଗୌଡିଆବୋରଦା ଗ୍ରାମକୁ ଭୋଜି ଖାଇବାକୁ ଯାଇଥିଲେ । ସକାଳେ ଗୌଡିଆବୋରଦା ଗ୍ରାମର ପୋଖରିକୁ ଅଜା ସହ ଗାଧେଇବା ପାଇଁ ଯାଇଥିବା ବେଳେ ପୋଖରିର ଗଭିର ଜଳ ଭିତରକୁ ସାଇରାମ ଚାଲି ଯାଇଥିଲେ । ସାଇରାମଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ହେଲେ ଡାକ୍ତର ସାଇରାମ ସ୍ୱାଇଁଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଖବରପାଇ ବୁଗୁଡା ପୋଲିସ ମେଡ଼ିକାଲରେ ପହଞ୍ଚି ମରଶରୀରକୁ ଜବତ କରିବା ସହ ୮/୨୫ ପ୍ରକାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ ପାଇଁ ପଠାଇଥିବା ଜଣାପଡିଛି ।












ଯୁଦ୍ଧ ମୁକାବିଲା ପ୍ରସ୍ତୁତି: ରାଜଧାନୀରେ ବିଭିନ୍ନ ପ୍ରକାର ମକ୍‌ଡ୍ରିଲ.. (ଫଟୋ- ଦିନଲିପି)

# ଭୁବନେଶ୍ୱର ନୂତନ ରେଳ ଷ୍ଟେସନରେ ଖୋଲିବ ରିଜରଭେସନ୍ ଟିକେଟ୍ କାଉଣ୍ଟର




**ଭୁବନେଶ୍ୱର, ୭/୫(ନିପ୍ର):** ଟିକେଟ୍ କାଉଣ୍ଟର ଖୋଲା ଯାଉଛି। ଯାତ୍ରୀମାନେ ଏହି ଯାତ୍ରୀ ସଂରକ୍ଷଣ ପ୍ରଣାଳୀ ଟିକେଟ୍ କାଉଣ୍ଟରରେ ୧୨.୦୫. ୨୦୨୫ରୁ ଯେକୌଣସି ସ୍ଥାନରୁ ଯେକୌଣସି ସ୍ଥାନକୁ ସଂରକ୍ଷିତ ଟିକେଟ୍ ବୁକ୍ କରିପାରିବେ। ବର୍ତ୍ତମାନ ଭୁବନେଶ୍ୱର ନୂତନ ରେଳ ଷ୍ଟେସନରେ ଗୋଟିଏ ଅଣସଂରକ୍ଷିତ ଟିକେଟ୍ କାଉଣ୍ଟର ଉପଲବ୍ଧ, ଯାହା ୨୪ ଘଣ୍ଟା କାର୍ଯ୍ୟ କରୁଛି। ଭୁବନେଶ୍ୱର ନ୍ୟୁ ଷ୍ଟେସନରେ ରିଜର୍ଭେସନ୍ ଟିକେଟ୍ କାଉଣ୍ଟର ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ଭିଡ଼ କମ କରିବ ଏବଂ ଉତ୍ତର ଭୁବନେଶ୍ୱର, ଆଠଗଡ଼ ଏବଂ କଟକ ଅଞ୍ଚଳରୁ ଯାତ୍ରା କରୁଥିବା ସଂରକ୍ଷିତ ଯାତ୍ରୀମାନେ ଏହି ଟିକେଟ୍ କାଉଣ୍ଟରରୁ ଅଧିକ ଲାଭ ପାଇବେ। ଏହି ପିଆରଏସ୍ ଟିକେଟ୍ କାଉଣ୍ଟର ସପ୍ତାହର ସମସ୍ତ ୬ ଟି କାର୍ଯ୍ୟ ଦିବସ ଅର୍ଥାତ୍ ସୋମବାରରୁ ଶନିବାର ପର୍ଯ୍ୟନ୍ତ ସକାଳ ୮ ଘଣ୍ଟାରୁ ୧୫ ଘଣ୍ଟା ପର୍ଯ୍ୟନ୍ତ ଖୋଲା ରହିବ। ବର୍ତ୍ତମାନ ୧୧ ଯୋଡ଼ା ଯାତ୍ରୀବାହୀ ଟ୍ରେନ୍ ଭୁବନେଶ୍ୱର ନ୍ୟୁ ଷ୍ଟେସନରେ ରହଣି କରୁଛି ଏବଂ ୧୨ ମଇ ୨୦୨୫ ଠାରୁ ତିନୋଟି ଏକ୍ସପ୍ରେସ୍ ଟ୍ରେନ୍ ଯଥା ୧୧୦୨୦/୧୧୦୧୯ ଭୁବନେଶ୍ୱର-ସିଏସ୍‌ଏମ୍ଟି ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ୍, ୧୭୦୧୫/୧୭୦୧୬ ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ୍ ଏବଂ ୨୨୮୧୯/୨୨୮୨୦ ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର, ଇଣ୍ଟରସିଟି ଏକ୍ସପ୍ରେସ୍, ଭୁବନେଶ୍ୱର ନ୍ୟୁ ଷ୍ଟେସନ୍‌ରୁ ଛାଡିବ ଏବଂ ଭୁବନେଶ୍ୱର ନ୍ୟୁ ଷ୍ଟେସନ୍‌ରୁ ଏହି ଟ୍ରେନ ଗୁଡ଼ିକର ଯାତ୍ରା ଶେଷ ହେବ।

## ବଦଳିପାରେ ଆଇପିଏଲ୍ ମ୍ୟାଚ୍‌ର ସ୍ଥାନ



ନୂଆଦିଲ୍ଲୀ, ୭/୫: ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ, ପାକିସ୍ତାନ ଏବଂ ପାକ୍ ଅଧିକୃତ କଶ୍ମୀରର ୯ଟି ସ୍ଥାନ ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା। ମଙ୍ଗଳବାର ମଧ୍ୟରାତ୍ରରେ ଏହା ଘଟିଥିବା ବେଳେ ସେବେଠାରୁ, ଦେଶର ଉତ୍ତର ଏବଂ ପଶ୍ଚିମ ଭାଗରେ ଥିବା ଅତି କମରେ ୧୮ଟି ବିମାନବନ୍ଦରକୁ ବନ୍ଦ କରିଦିଆଯାଇଛି, ଯେଉଁଥିରେ ଶ୍ରୀନଗର, ଲେହ, ଜମ୍ମୁ, ଅମୃତସର, ପଠାନକୋଟ, ଚଣ୍ଡିଗଡ଼, ଯୋଧପୁର, ଜୈସଲମେର, ଶିମଲା, ଧର୍ମଶାଳା ଏବଂ ଜାମନଗର ଅନ୍ତର୍ଭୁକ୍ତ। ପାକିସ୍ତାନରେ ଆତଙ୍କବାଦୀ ଶିବିର ଉପରେ ଭାରତର ଏୟାରଷ୍ଟ୍ରାଇକ୍ ପରେ ଧର୍ମଶାଳା ବିମାନବନ୍ଦରକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଥିବାରୁ ସେଠାରେ ଖେଳାଯିବାକୁ ଥିବା ଆଇପିଏଲ୍ ମ୍ୟାଚ୍ ପ୍ରଭାବିତ ହେବ ବୋଲି କୁହାଯାଉଛି। ଗୁରୁବାର ଧର୍ମଶାଳାରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ) ଏବଂ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ମୋଦିଙ୍କ ୩ ୟୁରୋପୀୟ ରାଷ୍ଟ୍ର ଗସ୍ତ ବାତିଲ

ନୂଆଦିଲ୍ଲୀ,୭ ।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୩ ୟୁରୋପୀୟ ରାଷ୍ଟ୍ର ଗସ୍ତ ବାତିଲ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ରୋଏସିଆ, ନରୱେ ଓ ନେଦରଲ୍ୟାଣ୍ଡସ୍ ଗସ୍ତ କାର୍ଯ୍ୟକ୍ରମ ରହିଥିଲା।ମେ' ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି ୟୁରୋପୀୟ ରାଷ୍ଟ୍ର ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିଲା। ଏସବୁ ୟୁରୋପୀୟ ଦେଶ ଗସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିବା ନେଇ ସୂଚନା ମିଳିଛି।

## ପୁଣି ବଢ଼ିଲା ସୁନା ଦାମ୍

ଭୁବନେଶ୍ୱର,୭ ।୫ : ଲଗାତାର ବୃଦ୍ଧି ପାଉଥିବା ସୁନା ଦର ଗ୍ରାହକଙ୍କୁ ପୁଣି ଚିନ୍ତା ବଢାଇ ଦେଇଛି । ମେ' ୭ ଅର୍ଥାତ୍ ବୁଧବାର ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପ୍ରତି ୯୯,୦୦୦ ରହିଛି । ଗତକାଲି ଏହା ୯୮,୪୬୦ ଟଙ୍କା ଥିଲା । ଏଥିରେ ୫୪୦ ଟଙ୍କା ବୃଦ୍ଧି ହୋଇଛି । ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପ୍ରତି ୯୦,୭୫୦ ଟଙ୍କା ରହିଛି । ଗତକାଲି ଏହା ୯୦,୨୫୦ ଟଙ୍କା ଥିଲା । ଏଥିରେ ୫୦୦ ଟଙ୍କା ବୃଦ୍ଧି ପାଇଛି ।୧୮ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପ୍ରତି ୭୪,୨୫୦ ଟଙ୍କା ରହିଛି । ଗତକାଲି ଏହା ୭୩,୮୪୦ ଟଙ୍କା ଥିଲା । ଏଥିରେ ୪୧୦ ଟଙ୍କା ବୃଦ୍ଧି ପାଇଛି ।ସେହିପରି ରୁପା ଦାମ୍ ମଧ୍ୟ ବୃଦ୍ଧି ପାଇଛି । ୧୦୦ ଗ୍ରାମ୍ ରୁପା ଦାମ୍ ୧୧,୧୦୦ ରହିଛି । ଗତକାଲି ଏହା ୧୦,୭୯୦ ଟଙ୍କା ଥିଲା । ଏଥିରେ ୩୧୦ ଟଙ୍କା ବୃଦ୍ଧି ହୋଇଛି ।

## ବିରାଟ ପଟୁଆରରେ ମା'ଙ୍କ ଘଟ ପରିକ୍ରମା, ୭ ମେଢ଼ ଲୋକାର୍ପିତ

**ବୁଗୁଡ଼ା,୭/୫(ନିପ୍ର):** ବୁଗୁଡ଼ା ପଞ୍ଚ ଠାକୁରାଣୀ ଯାତ୍ରା ବୁଧବାର ଦ୍ୱାଦଶ ଦିବସରେ ପହଞ୍ଚିଥିବା ବେଳେ ସ୍ଥାନୀୟ ଚାମ୍ବର ଅଫ୍ କମର୍ସ ପକ୍ଷରୁ ପଞ୍ଚ ଠାକୁରାଣୀଙ୍କ ଘଟ ପରିକ୍ରମା ସହ ଆଜିର ଯାତ୍ରା କାର୍ଯ୍ୟକ୍ରମ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ବଡଦାଣ୍ଡସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପରେ ଯଥା ବିଧି ପୂର୍ବକ ପଞ୍ଚ ପୁରୋହିତ ମା'ଙ୍କ ପୂଜାର୍ଚ୍ଚନା ସମ୍ପାଦନ କରିଥିବା ବେଳେ ସନ୍ଧ୍ୟାରେ ୧୦୮ ଆଳତି ପରେ ଘଟ ପରିକ୍ରମାର ଶୁଭାରମ୍ଭ ହୋଇଥିଲା । ପଞ୍ଚ ମାନସିକଧାରୀ ମହିଳା ଏମ୍.ଲକ୍ଷ୍ମୀ ପାତ୍ର, ଟି.ସସ୍ମିତା ସାମନ୍ତରା, ଏସ୍.ମୋନାଲିସା, ଡି.ରେଶମା ପାତ୍ର, ସୁନିତା ପାତ୍ର ପ୍ରମୁଖ ଘଟ ଧାରଣ ପୂର୍ବକ ବଳଦେବ ମନ୍ଦିର, ପୋଲିସ ଥାନା ରୋଡ, ହାଇସ୍କୁଲ ଛକ, ନୂଆଁ ବସଷ୍ଟାଣ୍ଡ, ମଦନ ମୋହନ ଛକ, ବୁଦ୍ଧଖୋଲ ରୋଡ ଛକ, ପୋଲସରା ରୋଡ ଆଦି ପରିକ୍ରମା କରି ସ୍ୱଆସ୍ଥାନକୁ ଫେରିଥିଲେ । ମା'ଙ୍କ ଭ୍ରମଣି ଯାତ୍ରା କାଳରେ ଘଣ୍ଟତାଳ, ଢୋଲ ବାଦ୍ୟ ଏବଂ ଆତସବାଜି ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା ବେଳେ ଶିବ ପାର୍ବତୀ, ମହାବୀର ହନୁମାନ ପଟୁଆର ଦେଖିବାକୁ ଲୋକଙ୍କ ଭିଡ ଜମିଥିଲା ।



■ ବିଶ୍ୱ କୌଶଳ କେନ୍ଦ୍ର ପରିଦର୍ଶନ କଲେ ରାଜ୍ୟପାଳ

## ଉଦ୍ୟୋଗୀ ମନୋନିବେଶ ପାଇଁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର, ୭/୫(ନିପ୍ର):** ଦକ୍ଷତା ବିକାଶ ତାଲିମ୍‌ରେ ଉଦ୍ୟୋଗୀ ମନୋନିବେଶ ପାଇଁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ବୁଧବାର ପୂର୍ବାହ୍ନରେ ରାଜ୍ୟପାଳ ମଞ୍ଚେଶ୍ୱରସ୍ଥିତ ବିଶ୍ୱ କୌଶଳ କେନ୍ଦ୍ର (ଡବ୍ଲ୍ୟୁଏସସି) ପରିଦର୍ଶନ କରିବା ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଦକ୍ଷତା ବିକାଶ ପଦକ୍ଷେପଗୁଡ଼ିକ କେବଳ ନିଯୁକ୍ତି ସୃଷ୍ଟି କରିବା ନୁହେଁ, ବରଂ ଉଦ୍ୟୋଗୀକତାକୁ ପୋଷଣ କରିବା ମଧ୍ୟ ଲକ୍ଷ୍ୟ ରହିବା ଉଚିତ୍ ବୋଲି ରାଜ୍ୟପାଳ କହିଛନ୍ତି। ଦକ୍ଷତା ବିକାଶ ଅନୁଷ୍ଠାନ ଗୁଡ଼ିକ ବୈଷୟିକ ଦକ୍ଷତା ଶିକ୍ଷା ଦେବାଠାରୁ ଆଗକୁ ବଢ଼ି ବ୍ୟବସାୟିକ ମଡେଲ ନିର୍ମାଣରେ ଉଦ୍ୟୋଗୀ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହନ ଯୋଗାଇବା ଉଚିତ୍ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଗସ୍ତ ସମୟରେ ରାଜ୍ୟପାଳ ଡବ୍ଲ୍ୟୁଏସସିରେ ସ୍ଥାପିତ ବିଭିନ୍ନ ପ୍ରୟୋଗଶାଳାଗୁଡ଼ିକୁ ପରିଦର୍ଶନ କରିଥିଲେ। ଲିଫ୍ଟ ସିମୁଲେଟର ପ୍ରୟୋଗଶାଳା, ଏସ୍କାଲେଟର ଓ ଟ୍ରାଭେଲେଟର ପ୍ରୟୋଗଶାଳା, କମର୍ସିଆଲ୍ ରେଫ୍ରିଜରେସନ ପ୍ରୟୋଗଶାଳା ଏବଂ ଲର୍ଣ୍ଣିଂ ରିସୋର୍ସ ସେଂଟର ପରିଦର୍ଶନ କରିଥିଲେ। ଏଥି ସହିତ ସିଓଇ ଇନ୍ ଆଡଭାନ୍ସଡ୍ ୱେଲଡିଂ ଓ ବେସିକ ରୋବୋଟିକ୍ସ ପ୍ରୟୋଗଶାଳା ଏବଂ ହେୟାର ଫ୍ୟାଶନ ଡିଜାଇନ ପ୍ରୟୋଗଶାଳାକୁ ମଧ୍ୟ ରାଜ୍ୟପାଳ ପରିଦର୍ଶନ କରିଥିଲେ ଏବଂ କେନ୍ଦ୍ରର ଅଧିକାରୀ, ପ୍ରଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ବିଭିନ୍ନ ପ୍ରସଙ୍ଗ ଉପରେ ପଚାରି ବୁଝିଥିଲେ। ପରିଦର୍ଶନ ପରେ ଡବ୍ଲ୍ୟୁଏସସିର ବରିଷ୍ଠ ପଦାଧିକାରୀଙ୍କ ସହିତ ରାଜ୍ୟପାଳ ଓଡ଼ିଶାରେ କୌଶଳ ବିକାଶ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରିଥିଲେ ଓ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ।



# ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କଲେ ରୋହିତ ଶର୍ମା

ମୁମ୍ବାଇ, ୭ ।୫: ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫି ପରେ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି, ଯେଉଁଠାରେ ତାଙ୍କର ପ୍ରଦର୍ଶନ ନିରାଶାଜନକ ଥିଲା। ତିନୋଟି ଟେଷ୍ଟରେ ମାତ୍ର ୩୧ ରନ୍ ସଂଗ୍ରହ କରିଥିବା ରୋହିତଙ୍କ ଫର୍ମ ଏବଂ ଅଧିନାୟକତ୍ୱ ଉପରେ ପ୍ରଶ୍ନ ଉଠିଥିଲା। ରୋହିତ ସିଡନୀରେ ଚଳିତ ବର୍ଷର ପଞ୍ଚମ ଟେଷ୍ଟରେ ଖେଳି ନଥିଲେ, ଯେଉଁ ନିଷ୍ପତ୍ତି ସେ ଫର୍ମରେ ନ ଥିବା କାରଣରୁ ନେଇଥିଲେ। ସେ ଷ୍ଟାର ସ୍ପୋର୍ଟସକୁ ଦେଇଥିବା ଏକ ସାକ୍ଷାତକାରରେ ସ୍ପଷ୍ଟ କରିଥିଲେ ଯେ ଏହା ଅବସର ନୁହେଁ, ବରଂ ଦଳର ଆବଶ୍ୟକତା ଅନୁଯାୟୀ ଏକ ମ୍ୟାଚ ପାଇଁ ଏହି ନିଷ୍ପତ୍ତି। ସେ କହିଥିଲେ, "ମୁଁ ଅବସର ନେଇ ନାହିଁ। ମୁଁ ଏହି ମ୍ୟାଚରୁ ବାହାରେ ଅଛି କାରଣ ମୋ ବ୍ୟାଟ୍ ଚାଲୁ ନାହିଁ। ଦଳକୁ ଫର୍ମରେ ଥିବା ଖେଳାଳି ଦରକାର।" ମେଲବର୍ନ ଟେଷ୍ଟରେ ଭାରତର ୧୮୪ ରନରେ ପରାଜୟ ପରେ ରୋହିତ ଅବସର ନେବାକୁ ମନସ୍ଥ କରିଥିଲେ। କିନ୍ତୁ ତାଙ୍କର ଘନିଷ୍ଠ ବ୍ୟକ୍ତିମାନଙ୍କ ପରାମର୍ଶରେ ସେ ଏହି ନିଷ୍ପତ୍ତି ସ୍ଥଗିତ ରଖିଥିଲେ। ଏହି ପରିବର୍ତ୍ତନ ଭାରତୀୟ କୋଚ ଗୌତମ ଗମ୍ଭୀରଙ୍କୁ ସନ୍ତୁଷ୍ଟ କରି ନଥିଲା ବୋଲି ରିପୋର୍ଟରେ ଦାବି କରାଯାଇଛି। ୩୭ ବର୍ଷୀୟ ରୋହିତ ୨୦୧୩ରେ ଟେଷ୍ଟ କ୍ରିକେଟରେ ପଦାର୍ପଣ କରିଥିଲେ। ସେ ୫୯ ଟେଷ୍ଟରେ ୪,୧୩୭ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ୧୨ଟି ଶତକ ଓ ୧୭ଟି ଅର୍ଦ୍ଧଶତକ ରହିଛି। ତାଙ୍କର ସର୍ବୋଚ୍ଚ ସ୍କୋର ୨୧୨। ଅଧିନାୟକ ଭାବେ ସେ ଭାରତକୁ ୨୦୨୪ ଟି-୨୦ ବିଶ୍ୱକପ ଓ ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ବିଜୟୀ କରାଇଛନ୍ତି। ତେବେ, ୨୦୨୪ରେ ତାଙ୍କର ଟେଷ୍ଟ ପ୍ରଦର୍ଶନ ମାତ୍ର ୨୪.୭୬ ହାରାହାରିରେ ୬୧୯ ରନ୍ ଥିଲା।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ନୋଟିସ ଜାରି

**ବ୍ରହ୍ମପୁର,୭/୫(ନିପ୍ର):** ଦକ୍ଷିଣ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଓଭରହେଡ ବିଜୁଳି ତାର ନିକଟରେ ଅନଧୀକୃତ ନିର୍ମାଣ କରିଥିବା ୧୨୨୯ ଜଣ ଉପଭୋକ୍ତା ଏବଂ ପ୍ରତିଷ୍ଠାନକୁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ନୋଟିସ ଜାରି କରାଯାଇଛି। ବିଦ୍ୟୁତ ଭିତ୍ତିଭୂମି ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟ ନେଇ କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଟିପିଏସ୍‌ଓଡିଏଲର ସୁରକ୍ଷା ଓ ଅନୁପାଳନ ଅଭିଯାନ ଅନୁଯାୟୀ ସମଗ୍ର ୮ ଟି ଜିଲ୍ଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୬୫୫ଟି ନୋଟିସ ଜାରି ହୋଇଥିବା ବେଳେ କୋରାପୁଟରେ ୧୬୦, ମାଲକାନଗିରିରେ ୧୩୧, ଗଜପତିରେ ୧୦୪, ନବରଙ୍ଗପୁରରେ ୮୩, ରାୟଗଡାରେ ୫୫ ଏବଂ ବୌଦ୍ଧ ଜିଲ୍ଲାରେ ୩୮ ଜଣଙ୍କୁ ନୋଟିସ ଦିଆଯାଇଛି। ବିଦ୍ୟୁତ ତାର ନିକଟରେ ଅନଧିକୃତ ନିର୍ମାଣ କାର୍ଯ୍ୟ ଯୋଗୁଁ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେବା ସହ ମରାମତି ଓ ରକ୍ଷଣାବେକ୍ଷଣ ତଥା ଜରୁରୀକାଳୀନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ବିଦ୍ୟୁତ ଅଧିନିୟମ ୨୦୦୩ ଏବଂ ସିଇଏ ସୁରକ୍ଷା ନିୟମ ୨୦୨୩ ଅନୁଯାୟୀ ଟିପିଏସ୍‌ଓଡିଏଲ୍ ଏହି ପଦକ୍ଷେପ ଗ୍ରହଣ କରିଛି। ଉପରୋକ୍ତ ଅଧିନିୟମ ଅନୁସାରେ ବିନା ଅନୁମତିରେ ଓଭରହେଡ ବିଜୁଳି ତାର ନିକଟରେ କୌଣସି ବିଲ୍ଡିଂ କିମ୍ବା ନିର୍ମାଣ କାର୍ଯ୍ୟ କରାଯାଇପାରିବ ନାହିଁ, ଏଥିରେ ଖିଲାପ କଲେ ବିଦ୍ୟୁତ ଯୋଗାଣ ବିଚ୍ଛିନ୍ନ ହୋଇପାରେ କିମ୍ବା ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ।

## ପହଲଗାମ ତଥ୍ୟ ଥିଲେ ଦିଅନ୍ତୁ: ଏନ୍‌ଆଇଏ




ନୂଆଦିଲ୍ଲୀ,୭ ।୫: ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) କାଶ୍ମୀରର ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କୁ ପହଲଗାମ ଆତଙ୍କବାଦୀ ଆକ୍ରମଣ ସହିତ ଜଡିତ ସୂଚନା, ଫଟୋଗ୍ରାଫ୍ କିମ୍ବା ଭିଡିଓ ସଂସ୍ଥା ସହିତ ସେୟାର କରିବାକୁ ଏକ ଅପିଲ୍ ଜାରି କରିଛି । ଆକ୍ରମଣ ବିଷୟରେ ଯେକୌଣସି ପ୍ରାସଙ୍ଗିକ ବିବରଣୀ ସେୟାର କରିବା ପାଇଁ ଦୁଇଟି ଫୋନ୍ ନମ୍ବର ଜାରି କରିଛି। ଏନଆଇଏ କହିଛି ଯେ ଏହା "ମାନବତା ବିରୋଧରେ ଭୟଙ୍କର ଅପରାଧର ତଦନ୍ତରେ କୌଣସି ଉପଯୋଗୀ ସୂଚନା କିମ୍ବା ପ୍ରମାଣ ହଜି ନ ଯାଏ ତାହା ସୁନିଶ୍ଚିତ କରିବାକୁ ଚାହୁଁଛି।" "ପର୍ଯ୍ୟଟକ ଏବଂ ଅନ୍ୟମାନେ ହୁଏତ, ଅଜାଣତରେ କିମ୍ବା ଅଜାଣତରେ, କିଛି ପ୍ରାସଙ୍ଗିକ ବିବରଣୀ ଦେଖିଥିବେ, ଶୁଣିଥିବେ କିମ୍ବା କ୍ଲିକ୍ କରିଥିବେ ଯାହା କାଶ୍ମୀରରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଅଭୂତପୂର୍ବ ନିଶାଣଆଧାରିତ ଆକ୍ରମଣ ପଛର ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିବାରେ ଏନଆଇଏକୁ ସାହାଯ୍ୟ କରିପାରିବ ," ଏଥିରେ ଏପରି କୁହାଯାଇଛି। ଆକ୍ରମଣ ସମ୍ପର୍କରେ ଫଟୋ କିମ୍ବା ଭିଡିଓ ପ୍ରମାଣ ଆକାରରେ ସୂଚନା ଥିବା ଯେକୌଣସି ବ୍ୟକ୍ତିଙ୍କୁ ୯୬୫୪୯୫୮୮୧୬ ଏବଂ/ଅଥବା ୦୧୧୨୪୩୬୮୮୦୦ ରେ ଏଜେନ୍ସି ସହିତ ଯୋଗାଯୋଗ କରିବାକୁ ଏନଆଇଏ ଅନୁରୋଧ କରିଛି ।

## ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କର ୨୦୫ ତମ ଜନ୍ମ ସପ୍ତାହ

**ପୁରୀ, ୭/୫(ନିପ୍ର)** ପୂଣ୍ୟାତ୍ମ ମହୀୟସୀ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କର ୨୦୫ ତମ ଜନ୍ମସପ୍ତାହ ଏବଂ ବାଲିଗୁଆଳି, ପୁରୀ ସ୍ଥିତ ପ୍ରିୟଙ୍କା ଦେବୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରିୟଙ୍କା ଦେବୀ କଲେଜର ଅଧକ୍ଷା କମଳା ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ଅଭିଭାଷଣରେ ନର୍ସିଂ ଏକ ସର୍ବୋତ୍କୃଷ୍ଟ ସେବା ଏବଂ ତ୍ୟାଗ ଏବଂ ଆତ୍ମୋତ୍ସର୍ଗର ବାର୍ତ୍ତା ଦିଏ। ଏହା ସମାଜର ଉପାନ୍ତର ସର୍ବୋଚ୍ଚ ଶିଖର ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ବିଶେଷ ତଥା ଜରାଜୀର୍ଣ୍ଣ ବ୍ୟାଧିଗ୍ରସ୍ତ ମନୁଷ୍ୟ ଉପଶମର ମାର୍ଗ ପ୍ରଶସ୍ତ କରାଯାଇଥାଏ ବୋଲି ବକ୍ତବ୍ୟ ରଖିଥିଲେ। ପୁରୀ ବିଧାନ ସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ସମ୍ମାନିତ ଅତିଥି ଏବଂ ମନୋଜ କୁମାର ତ୍ରିପାଠୀ (ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସମାଜର କଲ୍ୟାଣରେ ନର୍ସିଂ ସେବାର ଭୂମିକା ଏବଂ ତାର ବିଶିଷ୍ଟତା ଉପରେ ଆଲୋକପାତ କରିଥିଲେ। ଅବସପ୍ରାପ୍ତ ସହକାରୀ ନର୍ସିଂ ଅଧକ୍ଷକା ସବିତା କୁମାରୀ ପତି ତାଙ୍କ ଜୀବନର ସେବାନୁଭୂତି ବିଷୟରେ ଅବଧାରଣା ଦେଇଥିଲେ। ପ୍ରିୟଙ୍କା ଦେବୀ ସ୍କୁଲ ଅଫ ନର୍ସିଂର ଅଧକ୍ଷା ପାର୍ବତୀ ପରିଡ଼ା ଛାତ୍ରଛାତ୍ରୀ ସେବାନୁଭୂତି ହେବା ପାଇଁ ପ୍ରୋତ୍ସାହିତ କରିବା ସହ ଅଧାପିକା ସୋନାଲି ପ୍ରଧାନ ଶପଥ ପାଠ କରାଇଥିଲେ।

## ଇସ୍କନ ମାୟାପୁରୀ ମୁଖ୍ୟଙ୍କୁ ଚିଠି ଲେଖିଲେ ଗଜପତି ମହାରାଜା

**ପୁରୀ, ୭/୫:** ପଶ୍ଚିମବଙ୍ଗ ଦୀଘା ମନ୍ଦିର ପ୍ରତିଷ୍ଠାକୁ ନେଇ ବିବାଦ ତେଜିବାରେ ଲାଗିଛି। ଦୀଘା ମନ୍ଦିରକୁ 'ଜଗନ୍ନାଥ ଧାମ' ଉଲ୍ଲେଖ କରିବା ନେଇ କେବଳ ଓଡ଼ିଶା ନୁହେଁ, ପଶ୍ଚିମବଙ୍ଗରେ ମଧ୍ୟ ଆରମ୍ଭ ହୋଇଥିବା ବିତର୍କ ଥମିନାହିଁ। ପୁରୀ ଜଗନ୍ନାଥ ଧାମକୁ ଇଜ୍ଜତ କରୁଛି ବୋଲି ଗତକାଲି ବୟାନ ଦେଇଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ଜିଦ୍‌ରେ ଅଟଳ ରହିଥିବା ଦେଖିବାକୁ ମିଳିଛି। 'ଜଗନ୍ନାଥ ଧାମ' ଲିଖିତ ଫଳକ କାଢ଼ିବା ବଦଳରେ ଦୀଘା ମନ୍ଦିରରେ ଏହାକୁ ସ୍ଥାୟୀ ଭାବେ ଲଗାଯାଇଥିବା ଦେଖିବାକୁ ମିଳିଛି।

**AFFIDAVIT**

By virtue of an affidavit sworn before The Executive Magistrate, Kujang on 07-05-2025. I, Bijaya Kumar Samal S/o-Late Mathurananda Samal At-Neherubunglow, Sector-21, Ps-Paradip Marine, Dist-Jagatsinghpur, Pin-754155 declare I am the father of minor son Bignesh Kumar. I have changed his name from Bignesh Samal (Old) to Bignesh Kumar (New). Henceforth he will be known as Bignesh Kumar for all purposes.

Sd/-BIJAYA KUMAR SAMAL

**ସତ୍ୟପାଠ**

ମୁଁ ଶ୍ରୀ ଗୁରୁବାରି ଓରଫ ମଧୁସୂଦନ ବରାଳ। ବର୍ଷ(୫୫) ପିତା- ବାହୁଡ଼ା ବରାଳ(ମୃତ)। ଗ୍ରାମ- ରୂପଦେଇପୁର, ଗଣ୍ଡସାହି, ପୋଷ୍ଟ- ରୂପଦେଇପୁର, ଥାନା - ବଳଙ୍ଗା, ଜିଲ୍ଲା- ପୁରୀ। ଅଦ୍ୟ ପିପିଲି ଏକ୍‌ଜିକ୍ୟୁଟିଭି ମାଜିଷ୍ଟ୍ରେଟ ପି.କେ ମହାନ୍ତିଙ୍କ ନିକଟରେ ଆଫିଡାଭିଟ କରି ଅଛିକି ଯେ ରୂପଦେଇପୁର ସେଣ୍ଟ୍ରାଲ ପ୍ରାଇମେରୀ ବିଦ୍ୟାଳୟରେ ମୋର ବାପା ଶିଶୁ ସମୟରେ ଡାକ ନାମ ଦୁରୁବାରୀ ବରାଳ। ପିତା- ବାହୁଡ଼ା ବରାଳ ନାମରେ ନାମ ଲେଖାଇ ଥିଲେ। ଯାହା ସାଠିପିକେଟରେ ଉଲେଖ ଅଛି। କିନ୍ତୁ ମୋର ଚାକିରୀ ରେକର୍ଡ। ଆଧାର କାର୍ଡ ନଂ- 6126 5030 4070। ଭୋଟର ଆଇକାର୍ଡ ନଂ-BNM1926674 ଏବଂ ପାନ କାର୍ଡ ନଂ -CAWPB6854K ରେ ଏବଂ ଅନ୍ୟାନ୍ୟ ସରକାରୀ / ବେସରକାରୀ ଗୁଡିକରେ ଭଲ ନାମ ମଧୁସୂଦନ ବରାଳ । ପିତା- ବାହୁଡ଼ା ବରାଳ ନାମରେ ରହି ଅଛି। ତେଣୁ ମୋର ପ୍ରକୃତ ନାମ ହେଉଛି ଗୁରୁବାରି ଓରଫ ମଧୁସୂଦନ ବରାଳ।

ସ୍ୱାକ୍ଷର/-
ଗୁରୁବାରି ଓରଫ ମଧୁସୂଦନ ବରାଳ

# ବାଜିଲା ସାଇରନ: ଯୁଦ୍ଧ ସମୟ ପରିସ୍ଥିତିର ମକ୍‌ଡ୍ରିଲ

**ଡେରାବିଶ, ୭/୫(ନିପ୍ର):** ଡେରାବିଶ ବ୍ଲକ ପରିସରରେ ବିଡ଼ିଓ ନମିତା ବାରିକ ପୌରୋହିତ୍ୟରେ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ, କେନ୍ଦ୍ରାପଡ଼ା ସଦର ଥାନା ଆଇଆଇସି ଶୁଭେନ୍ଦୁ କୁମାର ସାହୁ, ଡେରାବିଶ ଥାନା ଆଇଆଇସି ସରୋଜ କୁମାର ସାହୁ ସିଡିପିଓ ହରପ୍ରିୟା ଦେବୀ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଯୋଗଦେଇ କେମିତି ଯୁଦ୍ଧ ସମୟରେ ସାଇରନ ବାଜିଲେ ଲୋକମାନେ କଂକ୍ରିଟ୍ ଛାତ ତଳକୁ ଯାଇ ନିଜର ଆତ୍ମରକ୍ଷା ପାଇଁ ସୁରକ୍ଷିତ ସ୍ଥାନକୁ ଯିବେ । କେହି ବି ବିଚଳିତ ନ ହେବାକୁ ପରାମର୍ଶ ଦେଇଥିଲେ। ଯୁଦ୍ଧ ସମୟରେ ସାଧାରଣ ଲୋକଙ୍କୁ ପ୍ରାଥମିକ ଚିକିତ୍ସା ସୁବିଧା, ଅଗ୍ନି ନିରୋଧ ପଦକ୍ଷେପ ଆଦିକୁ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। **କାକଟପୁର:** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କାକଟପୁର ବ୍ଲକ ପ୍ରଶାସନ ପକ୍ଷରୁ ଅପରାହ୍ନ ଠିକ ୪ଟା ସମୟରେ କାକଟପୁର ବ୍ଲକ ପରିସରରେ ସାଇରନ୍ ବଜାଇ ଯୁଦ୍ଧ ସମୟରେ ପରିସ୍ଥିତିର ମୁକାବିଲା ପାଇଁ ସାଧାରଣ ଜନତାଙ୍କୁ ସଚେତନ ବାର୍ତ୍ତା ପ୍ରେରଣ କରାଯାଇଥିଲା। ବ୍ଲକ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦଙ୍କ ତତ୍ତ୍ୱାବଧାନରେ ଜିପିଡି ଓ ସୁବ୍ରତ କୁମାର ପରିଡ଼ା, ବି ଏଲ ଓ ସୁପରଭାଇଜର ତ୍ରିଲୋଚନ ବିଶ୍ୱାଳଙ୍କ ସହଯୋଗ କ୍ରମେ ବ୍ଲକ ଅଧକ୍ଷ ଶ୍ରୀଧର ନାୟକ କାକଟପୁର ଅଗ୍ନିଶମ ବିଭାଗ (ଚମ୍ପାହାର) ଅଗ୍ନିଶ୍ରମ କର୍ମଚାରୀ ,ଛୋଟିପଡା ବାତ୍ୟା ଆଶ୍ରୟ ସ୍ଥଳୀର ସମ୍ପାଦକଙ୍କ ସମେତ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କ ଉପସ୍ଥିତିରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଅପରେସନ ସିନ୍ଦୂରର ସଫଳତାକୁ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିବା ସହିତ ବୀର ଯବାନଙ୍କ ପାଇଁ ଦେଶ ଆଜି ଗର୍ବିତ ବୋଲି ମତ ପ୍ରକାଶ କରିଥିଲେ ଏବଂ ଯେ କୌଣସି ପରିସ୍ଥିତିର ସାମ୍ନା କରିବାକୁ ଆମ ସରକାରଙ୍କ ସହିତ ଯବାନମାନଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। **ରାଉରକେଲା:** ରାଉରକେଲା ସହରର ସିଭିଲ୍ ଡିଫେନ୍ସ, ଓଡ୍ରାଫ ଏବଂ ଅଗ୍ନିଶମ ବିଭାଗକୁ ନେଇ ଏକ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ୩୦ ମିନିଟ୍ ଧରି ଚାଲିଥିବା ଏହି ମକ୍‌ଡ୍ରିଲରେ ଆତ୍ମରକ୍ଷା କୌଶଳ ଶିଖାଇଲେ ବେସାମରିକ ପ୍ରତିରକ୍ଷା ସଂଗଠନ (ସିଭିଲ୍ ଡିଫେନ୍ସ) ବିଭାଗ। ଶତ୍ରୁପକ୍ଷର ସମ୍ଭାବ୍ୟ ଏୟାର ଷ୍ଟ୍ରାଇକକୁ ଦେଖି ବାଜିଲା ସାଇରନ୍। ୪ ମିନିଟ ଧରି ବାଜିଲା ଏହି ସାଇରନ୍। ସମ୍ଭାବ୍ୟ ଏଆର୍ ଷ୍ଟ୍ରାଇକ୍ ଲାଗି ଲୋକମାନେ ନିରାପଦ ସ୍ଥାନକୁ ଦୌଡିଦୌଡ଼ି ଆଶ୍ରୟ ନେଲେ। ୧୦ ମିନିଟରେ ପୁଣି ବାଜିଲା ସାଇରନ୍। ଜଣାଇ ଦେଲେ ଶତ୍ରୁପକ୍ଷ ଭାରତୀୟ ବାୟୁସେନା ପ୍ରତି ଆକ୍ରମଣରେ ପଳାୟନ କରିଛି। ପୁଣି ସାଧାରଣ ନାଗରିକ ଉଠି ଏଆର୍ ଷ୍ଟ୍ରାଇକରେ ଆହତ ଲୋକଙ୍କୁ ଚିକିତ୍ସା ପାଇଁ ପଠାଇଲେ। ଏପରି ମକ୍ ଡ୍ରିଲ୍ ଆଜି ଦେଖିବାକୁ ମିଳିଥିଲା ।



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ